

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୮ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 28 February 2026

Vol.No. 36 ■ No.56 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## କେଜ୍ରିୱାଲ ଓ ସିସୋଦିଆ ନିର୍ଦ୍ଦୋଷ: ସିବିଆଇ ଉପରେ ବର୍ଷିଲେ କୋର୍ଟ

ନୂଆଦିଲ୍ଲୀ,୨୭/୨ : ଦିଲ୍ଲୀର ବହୁ ଚର୍ଚ୍ଚିତ ଅବକାରୀ ନୀତି ଦୁର୍ନୀତି ମାମଲାରେ ଶୁକ୍ରବାର ଦିଲ୍ଲୀର ଏକ କୋର୍ଟ ଦେଇଛନ୍ତି ବଡ଼ ରାୟ। ଏହି ମାମଲାରେ ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ଆବାହକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ନିର୍ଦ୍ଦୋଷ ଘୋଷଣା କରିଛନ୍ତି କୋର୍ଟ। ପ୍ରତ୍ୟାହୃତ ହୋଇଥିବା ଉକ୍ତ ଅବକାରୀ ନୀତି ପ୍ରସ୍ତୁତି ପଛରେ କୋର୍ଟ କୌଣସି ବଡ଼ ଷଡ଼ଯନ୍ତ୍ର ବା ଅପରାଧିକ ଉଦ୍ଦେଶ୍ୟ ରହିଥିବାର ପ୍ରମାଣ ପାଇ ନଥିବା ବେଳେ ଏହି ମାମଲା ସହିତ ଜଡ଼ିତ ସମସ୍ତ ୨୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବତନ ବିଆରଏସ୍ ନେତ୍ରୀ କେ କବିତା ମଧ୍ୟ ଅଛନ୍ତି। ଏହି ରାୟ ଦେବା ବେଳେ କୋର୍ଟ ସିବିଆଇକୁ କଡ଼ା ଭର୍ତ୍ସନା କରିଥିଲେ। କୋର୍ଟ କହିଥିଲେ, କେବଳ ଦାବି କରି ଦେଲେ କାମ ହୁଏନି। ଯେକୌଣସି ଅଭିଯୋଗ ଉପରେ କୋର୍ଟ



ସେତେବେଳେ ଭରସା କରିବେ ଯେତେବେଳେ ତା'ପଛରେ ଠୋସ୍ ଓ ପର୍ଯ୍ୟାପ୍ତ ପ୍ରମାଣ ଥିବ। ଏହି ମାମଲାରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଦାଖଲ କରାଯାଇଥିବା ପ୍ରମାଣ ଦୁର୍ବଳ ତଥା ଅପର୍ଯ୍ୟାପ୍ତ ଥିଲା। କୋର୍ଟଙ୍କ ଟିପ୍ପଣୀରୁ ସ୍ପଷ୍ଟ ହେଉଛି ଯେ ଏହି ମାମଲାରେ ସିବିଆଇ ପକ୍ଷରୁ ଦାଖଲ କରାଯାଇଥିବା ଚାର୍ଜଶିଟ୍‌ରେ ବହୁତ ତ୍ରୁଟି ରହିଥିଲା। କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ◆◆ପୃଷ୍ଠା ୭

## କୋଲକାତାରେ ଭୂକମ୍ପ: ଘର ଛାଡ଼ି ଦୌଡ଼ିଲେ ଲୋକେ

ନୂଆଦିଲ୍ଲୀ,୨୭/୨ : କୋଲକାତାରେ ଶୁକ୍ରବାର ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୪.୯ ରହିଥିଲା। ଏହି ଭୂକମ୍ପର କେନ୍ଦ୍ରସ୍ଥଳ କୋଲକତା ସହର ଠାରୁ ପ୍ରାୟ ୮୦ କିଲୋମିଟର ଦୂରରେ ଥିଲା ବୋଲି ଜଣାପଡ଼ିଛି। କୋଲାକାତା ସହିତ ଏହାର ଆଖପାଖ କିଛି ଅଞ୍ଚଳରେ ମଧ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ପ୍ରଥମେ ବାଂଲାଦେଶରେ ଭୂକମ୍ପ ଝଟକା ଅନୁଭବ ହୋଇଥିଲା। ତା'ପରେ କୋଲକାତାରେ ହୋଇଥିଲା ବୋଲି ସୂଚନା ମିଳିଛି। ବାଂଲାଦେଶରେ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୪ ଥିଲା ବୋଲି ଜଣାପଡ଼ିଛି। କୋଲକାତାରେ ଭୂକମ୍ପ ଝଟକା ଅନୁଭବ କରିବା ମାତ୍ରେ ଲୋକମାନେ ଘରୁ ବାହାରକୁ ଚାଲି ଯାଇଥିଲେ। ଅଫିସଗୁଡ଼ିକରୁ



କର୍ମଚାରୀମାନେ ବାହାରି ଯାଇଥିଲେ। ସେହିଭଳି ଶ୍ରେଣୀ ଗୃହରୁ ଛାତ୍ରଛାତ୍ରୀ ବାହାରକୁ ଚାଲି ଯାଇଥିଲେ। ମାତ୍ର କିଛି ସେକେଣ୍ଡ ପାଇଁ କୋଲକାତାରେ ଭୂକମ୍ପ ଅନୁଭୂତ ହୋଇଥିଲା। ସହରର ଅନେକ ସ୍ଥାନରେ ଲୋକେ ଆପାର୍ଟମେଣ୍ଟ ଗୁଡ଼ିକରୁ ବାହାରି ଖୋଲା ସ୍ଥାନରେ ଜମା ହୋଇଥିବା ଦେଖିବାକୁ ମିଳିଥିଲା। ଏମିତିକି ଏକ ଜନସଭାକୁ ସମ୍ବୋଧିତ କରୁଥିବା କେନ୍ଦ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର ଭୂକମ୍ପ ଝଟକା ଅନୁଭବ କରି କ୍ଷଣିକ ପାଇଁ ଅଟକି ଯାଇଥିଲେ। ଭୂକମ୍ପ ପ୍ରଭାବରେ ଫ୍ୟାନ୍‌ଗୁଡ଼ିକ ହଲିଥିଲା। ଘରେ ଥିବା ଆସବାବପତ୍ରଗୁଡ଼ିକ ମଧ୍ୟ ଦୋହଲିଥିଲା ବୋଲି କେହି କେହି କହିଛନ୍ତି। ଭୂକମ୍ପ ନେଇ ଅନେକ ଲୋକ ନିଜ ନିଜ ଅନୁଭୂତିକୁ ସୋଶାଲ ମିଡ଼ିଆରେ ପୋଷ୍ଟ କରିଛନ୍ତି। ତେବେ ଖବର ଲେଖାଯିବା ବେଳକୁ କ୍ଷୟକ୍ଷତି ନେଇ କୌଣସି ସୂଚନା ଆସିନାହିଁ।

## ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ଆରଆଇ

କେନ୍ଦ୍ରାପଡ଼ା, ୨୭/୨ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ତହସିଲ ଅଧୀନରେ ଥିବା କେରେଡାଗଡ଼ ସର୍କଲର ରାଜସ୍ୱ ନିରୀକ୍ଷକ (ଜଓ) ପ୍ରଦ୍ୟୁମ୍ନ କେଶରୀ ବେହେରା। ଏକ ମ୍ୟୁଟେସନ ମାମଲାରେ ଜମି ମାଲିକଙ୍କ ସପକ୍ଷରେ ରିପୋର୍ଟ ପ୍ରଦାନ କରିବା ପାଇଁ ୫୦୦୦ ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଅଧିକାରୀମାନଙ୍କ ହାତରେ ଧରାପଡ଼ିଥିଲେ ଆରଆଇ ପ୍ରଦ୍ୟୁମ୍ନ କେଶରୀ ବେହେରା। ଜମି



ମାଲିକ ତାଙ୍କ ଆବେଦନ ଅନ୍‌ଲାଇନ୍‌ରେ କରିଥିଲେ। ହେଲେ କାମଟି କରିଦେବା ପାଇଁ ଆରଆଇ ପ୍ରଦ୍ୟୁମ୍ନ କେଶରୀ ବେହେରା ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏହା ଶୁଣି ଜମି ମାଲିକ ରାଗି ଯାଇଥିଲେ। ଏନେଇ ସେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏହା ପରେ ପ୍ରସ୍ତୁତ ହୋଇଥିଲା ଯୋଜନା। ଆଜି ଆରଆଇ ପ୍ରଦ୍ୟୁମ୍ନ କେଶରୀ ବେହେରା ରାଜନଗର ତହସିଲ ଅଫିସ ସମ୍ମୁଖରେ ଜମି ମାଲିକଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ସମସ୍ତ ୫ ହଜାର ଟଙ୍କା ଜବତ କରାଯାଇଥିଲା।

## ମାର୍ଚ୍ଚ ୧୪ରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୨୭/୨ (ନି.ପ୍ର): ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଚିଲିକା, ଟାଙ୍ଗୀ, ଜଟଣୀ ଓ ବେଗୁନିଆଠାରେ ଏହା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ସୂଚନା ଦେଇଛନ୍ତି। ଉକ୍ତ ଲୋକଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ଥିବା ମାମଲା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ରାଜସ୍ୱ, ମୋଟର ଯାନ ଦୁର୍ଘଟଣା, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ, ପାନୀୟ ଜଳ ଓ ଟେଲିଫୋନ୍ ଅନାଦେୟ, ବ୍ୟାଙ୍କ ଋଣ ଖିଲାପି/ ଅନାଦେୟ, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା ଓ ଅବସରକାଳୀନ ପ୍ରାପ୍ୟ) ଓ ସମସ୍ତ ପ୍ରକାରର ଦେୱାନି ମାମଲାର ଆପୋଷ ସହମତି ଭିତିରେ ସମାଧାନ କରାଯାଇ ପାରିବ। ଲୋକଅଦାଲତରେ ମୋକଦ୍ଦମା ଫଇସଲା ପାଇଁ କୌଣସି ଆର୍ଥିକ ଖର୍ଚ୍ଚର ଆବଶ୍ୟକତା ପଡ଼େ ନାହିଁ । ଏହି ଅଦାଲତର ରାୟ ଚୂଡ଼ାନ୍ତ, ବୈଧ ଓ ଅମଳଯୋଗ୍ୟ ଅଟେ।

## ମାର୍ଚ୍ଚ ୫ରେ ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହ: ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ

ଭୁବନେଶ୍ୱର, ୨୭/୨ (ନି.ପ୍ର): ଆସନ୍ତା ମାର୍ଚ୍ଚ ୫ ତାରିଖରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଶାହଙ୍କ ଓଡ଼ିଶା ଗସ୍ତ ନଜରରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଗତକାଲି ସଂଧ୍ୟାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରେ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ◆◆ପୃଷ୍ଠା ୭



## ଡିଏମ୍‌କେରେ ଯୋଗଦେଲେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ପନ୍ନିରସେଲଭମ୍

ନୂଆଦିଲ୍ଲୀ,୨୭/୨ : ତାମିଲନାଡୁରେ ଚଳିତ ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ରାଜନୈତିକ ମହଲରେ ନୂଆ ସମୀକରଣ ଦେଖିବାକୁ ମିଳିଛି। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେରୁ ବିତାଡ଼ିତ ନେତା ଓ ପନ୍ନିରସେଲଭମ୍ (ଓପିଏସ୍) ଶୁକ୍ରବାର ଶାସକ ଦଳ ଡିଏମ୍‌କେରେ ଯୋଗ ଦେଇଛନ୍ତି। ଏଆଇଏଡିଏମକେର ଦିବଂଗତ ନେତ୍ରୀ ଜେ ଜୟଲଳିତାଙ୍କ ଅନୁଗତ ଭାବେ ପରିଚିତ ପନ୍ନିରସେଲଭମ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ଦଳର ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଡିଏମ୍‌କେରେ ସାମିଲ କରିଛନ୍ତି।



ଚେନ୍ନାଇ ସ୍ଥିତ ଡିଏମ୍‌କେ ମୁଖ୍ୟାଳୟରେ ଏହିମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଆସନ୍ତା ବିଧାନସଭା ନିର୍ବାଚନରେ ଓପିଏସ୍‌ଙ୍କୁ ତାଙ୍କ ନିଜ ନିର୍ବାଚନ ମଣ୍ଡଳୀ ଥେନିର ବୋଡ଼ି ମେଣ୍ଟୁ ବିଧାନସଭା ଆସନରୁ ଛିଡ଼ା କରାଯିବ। ଓପିଏସ୍ ଓ ଡିଏମ୍‌କେ ନେତାଙ୍କ ମଧ୍ୟରେ ଅନେକ ଥର ଆଲୋଚନା ପରେ ତାଙ୍କୁ ଡିଏମକେରେ ସାମିଲ କରାଯାଇଛି। ମନ୍ତ୍ରୀ ପିଏସ୍ ଶେକର ବାବୁଙ୍କର ଏଥିରେ ବଡ଼ ଭୂମିକା ରହିଥିଲା। ପନ୍ନିରସେଲଭମଙ୍କୁ ସାମିଲ କରିବା ଦ୍ୱାରା ଡିଏମ୍‌କେ ଦକ୍ଷିଣ ତାମିଲନାଡୁରେ ଏହାର ସ୍ଥିତି ମଜଭୁତ କରିଛି। ◆◆ପୃଷ୍ଠା ୭

## ମହାନଦୀ ଜଳ ବିବାଦରେ ତ୍ୱରାନ୍ୱିତ ପଦକ୍ଷେପ: ସମାଧାନ ନେଇ ବଢ଼ିଲା ଆଶା

ଭୁବନେଶ୍ୱର, ୨୭/୨ (ନି.ପ୍ର): ମହାନଦୀ ଜଳ ବିବାଦ ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆସିଥିବା ସୂଚନା ମିଳିଛି। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଜଳ ବିବାଦର ସମାଧାନ ପାଇଁ ଏବେ ଉଦ୍ୟମ ତ୍ୱରାନ୍ୱିତ ହୋଇଛି ବୋଲି ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ କହିଛନ୍ତି। ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଦୀର୍ଘ ୭ ବର୍ଷ ଧରି ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇନଥିଲା। ନୂତନ ସରକାର ଆସିବା ପରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ନିକଟରେ ପୁନର୍ବାର ଆଲୋଚନାର ସୁଯୋଗ ଦେବାକୁ ଅନୁରୋଧ



କରାଯାଇଥିଲା। ଏହି ବିବାଦ ମୂଳତଃ ରାଜନୈତିକ ପରିପ୍ରେକ୍ଷିତରେ ଗଢ଼ିଉଠିଛି ଏବଂ ଦୁଇ ରାଜ୍ୟର ନେତୃତ୍ୱ ମଧ୍ୟରେ ସକାରାତ୍ମକ ଆଲୋଚନା ମାଧ୍ୟମରେ ଏହାର ସମାଧାନ ସମ୍ଭବ। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ତାଙ୍କ ପ୍ରସ୍ତାବକୁ ସ୍ୱୀକାର କରିଥିଲେ। ୨୦୨୫ ଜୁଲାଇ ପରେ ଏପର୍ଯ୍ୟନ୍ତ ୮ଥର ଶୁଣାଣି ହୋଇସାରିଛି ଏବଂ ଛତିଶଗଡ଼ ପକ୍ଷରୁ ମଧ୍ୟ ସମ୍ମତି ମିଳିଛି। ଟ୍ରିବ୍ୟୁନାଲର ନୂତନ ଅଧ୍ୟକ୍ଷ ବେଲା ଏମ୍ ତ୍ରିବେଦୀଙ୍କ ନେତୃତ୍ୱରେ ୩ ଜଣିଆ ଖଣ୍ଡପୀଠ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେମାନେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ଥିତି ଓ ପାୱାରହାଉସ ପରିଦର୍ଶନ କରିଥିଲେ। ବିଦ୍ୟୁତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ଇଞ୍ଜିନିୟରମାନେ ବିସ୍ତୃତ ତଥ୍ୟ ଦେଇଥିଲେ। ଟ୍ରିବ୍ୟୁନାଲ ଦଳ ସମୀକ୍ଷା ପରେ ସନ୍ତୁଷ୍ଟ ଥିବା ସୂଚନା ମିଳିଛି। ଟ୍ରିବ୍ୟୁନାଲର କାର୍ଯ୍ୟକାଳ ୨୦୨୬ ଏପ୍ରିଲ ୧୩ରେ ସମାପ୍ତ ହେବାକୁ ଥିଲେ ମଧ୍ୟ, ସମାଧାନ ପାଇଁ ଆବଶ୍ୟକ ହେଲେ ଏହା ବୃଦ୍ଧି କରାଯିବା ପାଇଁ ଉଦ୍ୟମ ହେଉଛି। ନିର୍ଦ୍ଧାରିତ ସମୟରେ ସମାଧାନ ନ ହେଲେ ମାମଲା ସୁପ୍ରିମକୋର୍ଟକୁ ଯାଇପାରେ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। କେତେକ ବିରୋଧୀ ଦଳ ଟ୍ରିବ୍ୟୁନାଲ ଗସ୍ତକୁ 'ପିକ୍‌ନିକ୍' ବୋଲି କହିଥିବାବେଳେ ସରକାର ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ◆◆ପୃଷ୍ଠା ୭

## ନୀତିନ ନବୀନଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭/୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦିନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ଭେଟିଛନ୍ତି। ଦିଲ୍ଲୀରେ ସାକ୍ଷାତ ସମୟରେ ଉଭୟଙ୍କ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସଂଗଠନକୁ ସୁଦୃଢ଼ ପାଇଁ ଫଳପ୍ରଦ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ଜଣାଇଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଆଜି ଭାରତୀୟ ଜନତା ପାର୍ଟିର ଅଧ୍ୟକ୍ଷ ଶ୍ରୀ ନୀତିନ ନବୀନଜୀଙ୍କ ସହିତ ସାକ୍ଷାତ୍ କରି ଓଡ଼ିଶାରେ ସଂଗଠନାତ୍ମକ ସମନ୍ୱୟକୁ ଶକ୍ତିଶାଳୀ କରିବା ସହିତ ଉନ୍ନୟନମୂଳକ ପଦକ୍ଷେପକୁ ତ୍ୱରାନ୍ୱିତ କରିବା ବିଷୟରେ ଫଳପ୍ରଦ ଆଲୋଚନା ହେଲା।

## ପାକିସ୍ତାନ ଆକ୍ରମଣରେ ତାଲିବାନ ଶିକ୍ଷାମନ୍ତ୍ରୀ ମୃତ: ମୁଖ୍ୟ କମାଣ୍ଡର ସମେତ ୧୩୩ ସୈନ୍ୟଙ୍କ ମୃତ୍ୟୁ ସୂଚନା

### ତୁରନ୍ତ ଯୁଦ୍ଧ ବନ୍ଦ କର : ପାକିସ୍ତାନ-ଆଫଗାନିସ୍ତାନକୁ ରୁଷ,ଚୀନ ଓ ଇରାନର ଅପିଲ

ନୂଆଦିଲ୍ଲୀ,୨୭/୨ : ପାକିସ୍ତାନ-ଆଫଗାନିସ୍ତାନ ଯୁଦ୍ଧ ଏବେ ଚରମ ସୀମାରେ ପହଞ୍ଚିଛି। ଆଫଗାନିସ୍ତାନର ସ୍ପିନ୍ ବୋଲଡାକ୍ ସହର ନିକଟରେ ପାକିସ୍ତାନର ଏୟାର ଷ୍ଟ୍ରାଇକରେ ତାଲିବାନ ଶିକ୍ଷା ମନ୍ତ୍ରୀ ନିଦା ମହମ୍ମଦ ନଦୀମଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହାସହ ସୋସିଆଲ ମିଡିଆରେ ମିସାଇଲ୍



ମାଡ଼ରେ ନଷ୍ଟ ହୋଇଯାଇଥିବା ଏକ କାରର ଫଟୋ ଭାଇରାଲ ହେଉଛି। କୁହାଯାଉଛି, ସେହି କାରରେ ତାଲିବାନର ଜଣେ ମୁଖ୍ୟ କମାଣ୍ଡର ଯାତ୍ରା କରୁଥିଲେ ଏବଂ ପାକିସ୍ତାନର ମିଜାଇଲ୍ ମାଡ଼ରେ ତାଙ୍କର ମୃତ୍ୟୁ ହୋଇଛି, ଯାହାକୁ ନେଇ ପ୍ରତିଶୋଧ ପରାୟଣ ହୋଇଉଠିଛି ତାଲିବାନ । ◆◆ପୃଷ୍ଠା ୭

## ବିଜୟଙ୍କ ପରକୀୟା ପ୍ରୀତି ଯୋଗୁଁ ବିବାହର ୨୬ ବର୍ଷ ପରେ ଛାଡପତ୍ର ମାଗିଲେ ସ୍ତ୍ରୀ ସଙ୍ଗୀତା

ନୂଆଦିଲ୍ଲୀ,୨୭/୨ : ଦିନେ ବିଜୟଙ୍କ ଫ୍ୟାନ୍ ଥିବା ସଙ୍ଗୀତା ତାଙ୍କୁ ପାଇବା ପାଇଁ ଧାଇଁ ଆସିଥିଲେ ସୁଦୂର ଇଂଲଣ୍ଡରୁ । ହେଲେ ଏବେ ତାଙ୍କ ସ୍ୱାମୀ ଥଲପତି ବିଜୟଙ୍କଠାରୁ ଡିଭୋର୍ସ ମାଗିଛନ୍ତି ସଙ୍ଗୀତା। ତାମିଲ ସିନେମାର ସୁପର ଷ୍ଟାର ଥଲପତି ବିଜୟଙ୍କ ସ୍ତ୍ରୀ ସଙ୍ଗୀତା ସୋର୍ନାଲିଙ୍ଗମ୍ । ସଙ୍ଗୀତା ତାଙ୍କ ଡିଭୋର୍ସ ପିଟିସନରେ ଦର୍ଶାଇଛନ୍ତି



ବିଜୟଙ୍କ ଜଣେ ଅଭିନେତ୍ରୀଙ୍କ ସହ ପରକୀୟା ପ୍ରିତି ରହିଛି। ସଙ୍ଗୀତା ହେଉଛନ୍ତି ଜଣେ ସମାଜସେବୀ ଏବଂ ଉଦ୍ୟୋଗୀ। ବିଜୟଙ୍କ ପାଇଁ ସେ ତାଙ୍କ ବାପାଙ୍କ ଘର ଛାଡିଥିଲେ। ଆଜକୁ ୨୬ ବର୍ଷ ତଳେ ଉଭୟେ ବିଜୟ ଏବଂ ସଙ୍ଗୀତା ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଦୁହିଁଙ୍କ ୨ ଟି ସନ୍ତାନ ମଧ୍ୟ ରହିଛି। ତାଙ୍କ ପୁଅ ଜେସୋନ ସଂଜୟଙ୍କୁ ବର୍ତ୍ତମାନ ୨୫ ବର୍ଷ ସେହିପରି ଝିଅ ଦିବ୍ୟା ସାସାଙ୍କୁ ବର୍ତ୍ତମାନ ୨୦ ବର୍ଷ। ତେବେ ବିଜୟ ଏହି ଡିଭୋର୍ସ ନେଇ କୌଣସି ପ୍ରତିକ୍ରିୟା ରଖି ନାହାଁନ୍ତି । କୁହାଯାଏ ସଙ୍ଗୀତା ଥିଲେ ବିଜୟଙ୍କ ଜବରଦସ୍ତ ◆◆ପୃଷ୍ଠା ୭

# ମାନସ ସାହୁଙ୍କ ଦ୍ୱାରା ବାଲୁକା ଆନିମେସନ ମାଧ୍ୟମରେ ଚିତ୍ରିତ ଗୋବିନ୍ଦ ଦ୍ୱାଦଶୀ ସ୍ନାନ

ଭୁବନେଶ୍ୱର , ୨୭/୨ (ନି.ପ୍ର): ଗୋବିନ୍ଦ ଦ୍ୱାଦଶୀ ସ୍ନାନର ପବିତ୍ର ଅବସରରେ, ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ବାଲୁକା ଶିଳ୍ପୀ ଏବଂ ଇଣ୍ଡିଆଜ୍ ଗଟ୍ ଟ୍ୟାଲେଂଟ ଫାଇନାଲିଷ୍ଟ, ମାନସ କୁମାର ସାହୁ, ପୁରୀର ତାଙ୍କ ଷ୍ଟୁଡିଓରେ ଏକ ମନୋରମ ବାଲୁକା ଆନିମେସନ ସୃଷ୍ଟି କରିଥିଲେ। ପ୍ରାୟ ଦୁଇ ଘଂଟା ମଧ୍ୟରେ ସମାପ୍ତ ହୋଇଥିବା ବିସ୍ତୃତ କଳାକୃତି, ନାରାୟଣ ଘାଟରେ ପବିତ୍ର ସ୍ନାନର ଆଧ୍ୟାତ୍ମିକ ମହତ୍ତ୍ୱକୁ ସୁନ୍ଦର ଭାବରେ ଚିତ୍ରଣ କରିଥିଲା। ପ୍ରବାହିତ ବାଲୁକା ଦୃଶ୍ୟ ମାଧ୍ୟମରେ, ଆନିମେସନ ଭକ୍ତି, ପବିତ୍ର ଆନୁଷ୍ଠାନିକ ବିଧି, ସାଧୁ, ସନ୍ଥ ଏବଂ ଏହି ପବିତ୍ର ପର୍ବ ସହିତ ଜଡିତ ମହାନ ଆଧ୍ୟାତ୍ମିକ ଶୋଭାଯାତ୍ରାର ଦିବ୍ୟ ପରିବେଶକୁ କଏଦ କରିଥିଲା। ତାଙ୍କ ପୁରୀ ଷ୍ଟୁଡିଓରେ ନିର୍ମିତ, ବାଲୁକା ଆନିମେସନ ଏହି ଅନନ୍ୟ କଳା ଫର୍ମ ମାଧ୍ୟମରେ ଭାରତର ସମୃଦ୍ଧ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ପାଇଁ ମାନସ ସାହୁଙ୍କ ସମର୍ପଣକୁ ପ୍ରତିଫଳିତ କରେ। ଏହି କଳାକୃତିର ଲକ୍ଷ୍ୟ ଗୋବିନ୍ଦ ଦ୍ୱାଦଶୀର ଧାର୍ମିକ ଗୁରୁତ୍ୱ ଏବଂ ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମିର କାଳଜୟୀ ପରମ୍ପରା ବିଷୟରେ ସଚେତନତା ପ୍ରସାର କରିବା।

ଆଧ୍ୟାତ୍ମିକ ଗଭୀରତା ଏବଂ କଳାତ୍ମକ ଉତ୍କୃଷ୍ଟତା ପାଇଁ ଭକ୍ତ ଏବଂ କଳା ପ୍ରେମୀମାନଙ୍କ ଦ୍ୱାରା ସୃଷ୍ଟିକୁ ବ୍ୟାପକ ଭାବରେ ପ୍ରଶଂସା କରାଯାଇଛି।

# ସଂଯୋଗୀ ସାହିତ୍ୟ ସଂସଦ କେନ୍ଦୁଝରର ୱେବ୍ ସାଇଟ୍ ଉଦ୍ଘାଟିତ

କେନ୍ଦୁଝର, ୨୭/୨ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟର ନବ ଉନ୍ମେଷ ସାହିତ୍ୟାନୁଷ୍ଠାନ ସଂଯୋଗୀ ସାହିତ୍ୟ ସଂସଦ କୁଣ୍ଡାପିଠା ଘଟଗାଁ କେନ୍ଦୁଝରର ୱେବ୍ ସାଇଟ୍ 'କୁ ଉଦ୍ଘାଟିତ ହୋଇଯାଇଛି। ସଂସଦର ଉପେନ୍ଦ୍ର ଦାଶଙ୍କର ସଭାପତି ପୌରହିତ୍ୟରେ ଆୟୋଜିତ ସାଂଗଠନିକ ବୈଠକ ଅବସରରେ ରାଜ୍ୟ ସଂଚାଳକ ହୃଷୀକେଶ ଦାଶ ଉପସ୍ଥିତ ସଦସ୍ୟ ସଦସ୍ୟା ମାନଙ୍କୁ ସ୍ୱାଗତ ଜଣାଇବା ସହ ସହ ଯୁବପିଢି ଙ୍କୁ ଅନୁଷ୍ଠାନ ପ୍ରାଧାନ୍ୟ ଦେଉଥିବାରୁ ଅନୁଷ୍ଠାନର ଧାନର କର୍ମକର୍ତା ମାନଙ୍କୁ ବଧାଇ ଜଣାଇଥିଲେ। ପରେ ପରେ ସଂପାଦକ ବାବୁଲାଲ ପଲେଇ ଅନୁଷ୍ଠାନର ୱେବ୍ ସାଇଟ୍ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସହ ସଂପାଦକ ଲିସନ ମହାନ୍ତିଙ୍କ ପରାମର୍ଶ କ୍ରମେ ତନ୍ମୟ ତନ୍ମ କୁମାର ସ୍ୱାଇଁ ସଭାପତି ଦାଶଙ୍କ ଦ୍ୱାରା ଅସ୍ତ ଅନୁଷ୍ଠାନର ୱେବ୍ ସାଇଟ୍ କୁ ଉଦ୍ଘାଟନ କରାଇଥିଲେ। ଏହି ଅବସରରେ ଶ୍ରୀ ମହାନ୍ତିଙ୍କ ଅନୁରୋଧ କ୍ରମେ ସଂଯୋଗୀ ସଜଫୁଲର ପ୍ରଚାର ଓ ପ୍ରସାର ପରିଚାଳନା ସଂପାଦକ ସରୋଜ କୁମାର ସେନାପତି, ଅନୁଷ୍ଠାନ ପାଇଁ କାର୍ଯ୍ୟ କରୁଥିବାରୁ ତିନ ଜଣ ନବ ଯୁବ ପ୍ରତିଭା - କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ରୁ ପୁଷ୍ପକ କୁମାର ବେହେରା, ବାଲେଶ୍ୱର ଜିଲ୍ଲାରୁ ତନ୍ମୟ କୁମାର ସ୍ୱାଇଁ ଓ ଅନୁଗୋଳ ଜିଲ୍ଲାରୁ ଶୁଭେନ୍ଦୁ କୁମାର ବେହେରା ଙ୍କୁ ନିମନ୍ତ୍ରିତ ସଦସ୍ୟ ଗ୍ରହଣ କରିବାକୁ ପ୍ରସ୍ତାବ ବାଢ଼ିଥିଲେ। ତାଙ୍କ ପ୍ରସ୍ତାବକୁ ସଂପାଦକ ଶ୍ରୀ ପଲେଇଙ୍କ ଅନୁମୋଦନ କ୍ରମେ ସଭାପତି ଶ୍ରୀଯୁକ୍ତ ଦାଶ ଉକ୍ତ ତିନିଜଣଙ୍କୁ ଅନୁଷ୍ଠାନର ସଦସ୍ୟ ରୂପେ ଗ୍ରହଣ କରାଗଲା ବୋଲି ବୈଠକରେ ଘାଷଣା କରିଥିଲେ ଏବଂ କୋଷାଧ୍ୟକ୍ଷ ସମର୍ଥନ କରିଥିଲେ। ଉକ୍ତ ସନ୍ତୋଷ କୁମାର ପତି ସମର୍ଥ ବୈଠକରେ ଆଜୀବନ ସଦସ୍ୟ ସଦସ୍ୟ ଶାନ୍ତନୁ କୁମାର ମହାପାତ୍ର, ତପନ କୁମାର ଦାଶ, ପୃଷ୍ଠପୋଷକ ସୁଜାତା ଗୁପ୍ତା, ମିନା ବେହେରା, ସଦସ୍ୟା ବିଦ୍ୟା ଭାରତି ପଲେଇ ଆଦି ପ୍ରମୁଖ ଆଲୋଚନାରେ ସଦସ୍ୟ ସଦସ୍ୟା ଯୋଗଦେଇ ଇ ଆଳେ ଅଂଶଗ୍ରହଣ । କରି ଆନନ୍ଦ ପ୍ରକାଶ କରିବା ସହିତ ତିନିଜଣ ଯୁବ ପ୍ରତିଭାଙ୍କୁ ପ୍ରଶଂସା କରି ଶୁଭେଛା ଜଣାଇଥିଲେ । ଅନୁଷ୍ଠାନର ୱେବ୍ ସାଇଟ୍ କୁ ସାର୍ବଜନୀନ କରିବା ନିମନ୍ତେ ସଂପାଦକ ଙ୍କୁ ଅନୁରୋଧ କରାଯିବା ସହିତର ସମସ୍ତ କାମ ସାରିବା ପାଇଁ ସହ ସଂପାଦକ ଲିସନ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ଶେଷରେ ସଂଯୋଗୀ ସଜଫୁଲର ମୁଖ୍ୟ ସଂପାଦକ ସନ୍ତୋଷ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଏଆଇ ମାଧ୍ୟମରେ ଭାରତୀୟ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ

ନୂଆଦିଲ୍ଲୀ, ୨୭/୨ (ନି.ପ୍ର): କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ପ୍ରୟୋଗ ଦ୍ୱାରା ଦେଶର ସାଧାରଣ ସ୍ୱାସ୍ଥ୍ୟସେବାରେ ବ୍ୟାପକ ରୂପାନ୍ତରଣ ସମ୍ଭବ ହୋଇପାରିଛି। କେବଳ ଯେ ସରକାରୀ କ୍ଷେତ୍ରରେ ଏହି ରୂପାନ୍ତରଣ ସୁଦୃଶ୍ୟ ତାହା ନୁହେଁ, ବରଂ ଘରୋଇ କ୍ଷେତ୍ରରେ ମଧ୍ୟ ଏଆଇ ଟେକ୍ନୋଲୋଜିର ଉପଯୋଗ ରୋଗ ନିରୂପଣଠାରୁ ଆରମ୍ଭ କରି ଔଷଧ ପ୍ରଦାନ ଯାଏଁ ସବୁ କିଛି କାର୍ଯ୍ୟକୁ ଅତ୍ୟନ୍ତ ସରଳ ଓ ସହଜ କରିପାରିଛି। ଏହି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ସମ୍ମିଳିତ କରି ଭାରତ ସରକାର 'ସାର୍ବଜନୀନ ସ୍ୱାସ୍ଥ୍ୟ ସେବା' ପ୍ରତି ନିଜର ପ୍ରତିବଦ୍ଧତା ପୂରଣ କରୁଛନ୍ତି-ଯାହା ପ୍ରକୃତରେ ସେବା ବିତରଣ କ୍ଷେତ୍ରରେ ଥିବା ବ୍ୟବଧାନକୁ ଦୂର କରୁଛି, ଚିକିତ୍ସା ସେବା ଓ ଉତ୍ପାଦର ମାନ ବୃଦ୍ଧି କରୁଛି ଏବଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ସୁଲଭ ଚିକିତ୍ସା ସୁନିଶ୍ଚିତ କରୁଛି। 'ସର୍ବଜନ ହିତାୟ, ସର୍ବଜନ ସୁଖାୟ'ର ଦୂରଦୃଷ୍ଟି ଦ୍ୱାରା ଅନୁପ୍ରାଣିତ ହୋଇ କେନ୍ଦ୍ର କ୍ୟାବିନେଟ୍ ମାର୍ଚ୍ଚ ୨୦୨୪ରେ 'ଇଣ୍ଡିଆ ଏଆଇ' ମିଶନ୍ ଆରମ୍ଭ କରିଥିଲେ। ଏହା ମାଧ୍ୟମରେ ଅନ୍ତର୍ଭୁକ୍ତ ବିକାଶକୁ ତ୍ୱରାନ୍ୱିତ କରିବା, ଶାସନ ପ୍ରକ୍ରିୟାକୁ ମଜବୁତ କରିବା ଏବଂ ସ୍ୱାସ୍ଥ୍ୟସେବା ସମେତ ଜନସେବା ବିତରଣରେ ଉନ୍ନତି ଆଣିବା ପ୍ରଭୃତି ସରକାରଙ୍କ ଲକ୍ଷ୍ୟ ରହିଥିଲା। ଏହି ସାମଗ୍ରିକ ଆଭିମୁଖ୍ୟକୁ ଭିତ୍ତି କରି ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ଅଭିଯାନର ଏକ ଅଂଶ ଭାବେ ସ୍ୱାସ୍ଥ୍ୟସେବା ବିତରଣକୁ ରୂପାନ୍ତରିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ସେଥିଲାଗି 'ପ୍ରଯୁକ୍ତିବିଦ୍ୟାର ଗଣତାନ୍ତ୍ରିକରଣ' ଏବଂ 'ମାନବିକତା ପାଇଁ ପ୍ରଯୁକ୍ତିବିଦ୍ୟା'କୁ ଗୁରୁତ୍ୱ ଦିଆଯାଇଛି। ଟେକ୍ନୋଲୋଜିର ଗଣତାନ୍ତ୍ରିକରଣ ସୁନିଶ୍ଚିତ କରୁଛି ଯେ ଗ୍ରାମାଂଚଳ ଏବଂ ସେବା ବଂଚିତ ଜନସଂଖ୍ୟା ସମେତ ସମାଜର ସମସ୍ତ ବର୍ଗଙ୍କ ପାଖରେ ଏଆଇ ଉପକରଣଗୁଡ଼ିକ ପହଂଚିପାରିବ। ସେହିପରି କେବଳ ବୈଷୟିକ ଅଗ୍ରଗତି ପାଇଁ ନୁହେଁ, ବରଂ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଆହ୍ୱାନର ସମାଧାନ, ଜୀବନଶୈଳୀର ମାନରେ ଉନ୍ନତି ଏବଂ ଜନସାଧାରଣଙ୍କ ମଙ୍ଗଳ ପାଇଁ ଏଆଇକୁ ନିୟୋଜିତ କରିଯାଇପାରିବ। କେନ୍ଦ୍ର ସରକାର ବହୁ ବର୍ଷ ପୂର୍ବରୁ ସ୍ୱାସ୍ଥ୍ୟସେବା ବିତରଣ କ୍ଷେତ୍ରରେ ଏଆଇର ରୂପାନ୍ତରଣକାରୀ ସାମର୍ଥ୍ୟକୁ ଚିହ୍ନଟ କରିଥିଲେ। ୨୦୧୮ ମସିହାରେ, ନୀତି ଆୟୋଗ 'କୃତ୍ରିମ ବୁଦ୍ଧିମତା ପାଇଁ ଜାତୀୟ ରଣନୀତି' ପ୍ରକାଶ କରିଥିଲେ, ଯେଉଁଥିରେ ବିଭିନ୍ନ କ୍ଷେତ୍ରରେ ଏହାର ଅସଂଖ୍ୟ ପ୍ରୟୋଗ ମଧ୍ୟରେ ଏଆଇ, ରୋବୋଟିକ୍ସ ଏବଂ ଇଂଟରନେଟ୍ ଅଫ୍ ମେଡିକାଲ୍ ଥିଙ୍ଗସକୁ 'ସ୍ୱାସ୍ଥ୍ୟସେବାର ନୂତନ ସ୍ନାୟୁ ପ୍ରଣାଳୀ' ଭାବରେ ପରିକଳ୍ପନା କରାଯାଇଛି।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିଭିନ୍ନ ଜାତୀୟ କାର୍ଯ୍ୟକ୍ରମ ଦ୍ୱାରା ଗୃହୀତ ଏଆଇ-ଚାଳିତ ଉପକରଣଗୁଡ଼ିକ ସମଗ୍ର ଭାରତରେ ସ୍ୱାସ୍ଥ୍ୟସେବା ବିଶେଷଜ୍ଞତାକୁ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରାଉଛି। ଉଦାହରଣ ସ୍ୱରୂପ, ଏହି ଉପକରଣଗୁଡ଼ିକ ଆଗଧାଡିର ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଯକ୍ଷ୍ମା (ଟିବି) ଏବଂ ଡାଇବେଟିକ୍ ରେଟିନୋପାଥି ପାଇଁ ସ୍କ୍ରିନିଂ କରିବାକୁ ସକ୍ଷମ କରୁଥିବାବେଳେ ଦେଶବ୍ୟାପୀ ୨୮୨ ମିଲିୟନ୍ ଟେଲିମେଡିସିନ୍ ପରାମର୍ଶରେ ସହାୟତା କରୁଛି। ଏହି ମିଳିତ ପ୍ରୟାସଗୁଡ଼ିକ ମାପଯୋଗ୍ୟ ପ୍ରଭାବ ପକାଇଛି, ଯେଉଁଥିରେ ଯକ୍ଷ୍ମାଜନିତ ପ୍ରତିକୂଳ ପରିଣାମରେ ୨୭ ପ୍ରତିଶତ ହ୍ରାସ ଏବଂ ରୋଗ ଚିହ୍ନଟ କ୍ଷେତ୍ରରେ ୧୨-୧୬ ପ୍ରତିଶତ ବୃଦ୍ଧି ଅନ୍ତର୍ଭୁକ୍ତ। ଇଣ୍ଡିଆ-ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ଗ୍ଲୋବାଲ ସାଉଥ୍ର ପ୍ରଥମ ଆନ୍ତର୍ଜାତିକ ଏଆଇ ସମ୍ମିଳନୀ ୧୬ ରୁ ୨୦ ଫେବୃଆରୀ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ବିଶ୍ୱସ୍ତରୀୟ ନେତା, ନୀତି ନିର୍ଦ୍ଧାରକ, ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ, ନବୋନ୍ମେଷକ ଏବଂ ବିଶେଷଜ୍ଞମାନେ ଏକତ୍ରିତ ହୋଇ ଏଆଇ-କେନ୍ଦ୍ରିକ ନୀତି, ଅନୁସନ୍ଧାନ, ଶିକ୍ଷା ଏବଂ ଜନସାଧାରଣଙ୍କ ସହଭାଗିତା ଉପରେ ଆଲୋଚନା କରିଛନ୍ତି। ଅନେକ ପରାମର୍ଶ ବି ଏଠାରେ ସାମ୍ନାକୁ ଆସିଛି। ସ୍ୱାସ୍ଥ୍ୟସେବା ବିତରଣରେ ଏଆଇ

ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏଆଇ ବିଭିନ୍ନ ଜନସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକୁ ଉନ୍ନତ ଭାବରେ ପ୍ରଦାନ କରିବାରେ ସକ୍ଷମ ହୋଇଛି। ଏହା ଦର୍ଶାଉଛି ଯେ କିପରି ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ସମାଧାନଗୁଡ଼ିକ ସ୍ଥାୟୀ ବିକାଶମୂଳକ ଆହ୍ୱାନଗୁଡ଼ିକର ସମାଧାନ କରିପାରିବ ଏବଂ ଅନ୍ତର୍ଭୁକ୍ତ ତଥା ସାମଗ୍ରିକ ସାମାଜିକ ବିକାଶକୁ ପ୍ରୋତ୍ସାହିତ କରିପାରିବ।

# ଯାଜପୁରରେ ସାଇବର କବଚ ଅପରେସନ : ସାଇବର ଅପରାଧୀ ଗିରଫ : ବିଭିନ୍ନ ସାମଗ୍ରୀ ଜବତ

ଧର୍ମଶାଳା, ୨୭/୨ (ନି.ପ୍ର): ସାଇବର ଲୁଟେରାଙ୍କ ସାମ୍ରାଜ୍ୟ ବୃଦ୍ଧି ପାଇଛି । ଫଳରେ ଅନେକ ନିରୀହ ଲୋକଙ୍କ ଧନ ଜୀବନ ଯାଉଥିବା ଦେଖିବାକୁ ମିଳୁଛି । ଏହାକୁ କଡା ମୁକାବିଲା ପାଇଁ ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇପଡିଛି । ସାଇବର କବଚ ଅପରେସନ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି । ଏହି କ୍ରମରେ ଯାଜପୁର ପୁଲିସକୁ ବଡ ସଫଳତା ମିଳିଛି । ଏହି ଅଭିଯାନରେ ୨୫ଟି ମ୍ୟୁଲ ଆକାଉଁଟ ମାମଲା ପଞ୍ଜିକରଣ କରାଯାଇଥିବା ସହିତ ବିଭିନ୍ନ ବ୍ୟାଙ୍କ ଖାତାରୁ ୭୫ ଲକ୍ଷ ଟଙ୍କାରୁ ଅଧିକ ରାଶି ଜବତ କରାଯାଇଛି । ତତ୍ ସହିତ ଏକ ବଡ ସାଇବର ଠକେଇ ଓ ମନି ଲ୍ୟାଣ୍ଡରିଂ ମାମଲା ଚିହ୍ନଟ ହୋଇଛି । ଯାଜପୁର ପୁଲିସ ମାକେଇପୁର ଗ୍ରମାର ସ୍ୱର୍ଗତ ବିରେନ୍ଦ୍ର ରାଉତଙ୍କ ପୁଅ ଦେବାଶିଷ(୨୮) ଜିଲାରେ ସାଇବର ଠକେଇ ଓ ଅବୈଧ ଆର୍ଥୀକ ଦେଣନେଣ ରେ ସକ୍ରୀୟ ଭାଗିଦାର ଥିବା ଅଭିଯୋଗରେ ଗିରଫ କରାଯାଇଛି । ସେ ନିଜକୁ ଟେକ୍ନିକାଲ ଆସିଷ୍ଟାଣ୍ଡ ଆରଡି ବିଭାଗ ବୋଲି ଭୁଲ ପରିଚୟ ଦେଇ ନକଲ ନିଯୁକ୍ତି ପତ୍ର ବ୍ୟବହାର କରି ନିର୍ଦ୍ଧୋଶ ଲୋକମାନଙ୍କୁ ଠକୁ ଥିବା ନେଇ ଅଭିଯୋଗ ହୋଇଥିଲା । ତଦନ୍ତରେ ଦେବାଶିଷଙ୍କ ସମେତ ଯାଜପୁର ଜିଲା ଗୋପାଳପୁର ଗ୍ରାମର ସୂର୍ଯ୍ୟମଣି ଜେନାଙ୍କ ସଂଜିବ ଓ ରାଜୀବଙ୍କ ନାମରେ ନାମରେ ଅଭିଯୁକ୍ତ ଅନେକ ଖାତା ଖୋଲିଛନ୍ତି । ସଂଜିବ ଓ ରାଜୀବ ଦିନ ମୁଜୁରୀଆ ହୋଇ ଅଭିଯୁକ୍ତଙ୍କ ଅଧିନରେ କାମ କରୁଥିଲେ । ସେହି ବ୍ୟାଙ୍କ ଖାତାଗୁଡିକୁ ଯାଂଚ ବେଳେ ଆଇଏମପିଏସ ଓ ୟୁପିଆଇ ମାଧ୍ୟମରେ ଅଜଣା ଉତ୍ସରୁ କୋଟିକୋଟି ଟଙ୍କାର କାରବାର ହୋଇଥିବା ପ୍ରମାଣ ମିଳିଥିଲା । ଏନେଇ ଆଜି ଯାଜପୁର ଥାନାରେ ଆରକ୍ଷୀ ଅଧିକ୍ଷକ ୟଶପ୍ରତାପ ଶ୍ରୀମଲ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ଶିବଶକ୍ତି ଏଂଟରପ୍ରାଇଜେସକୁ ବନ୍ଦ ସହ କାରଣ ଦର୍ଶାଅ ନୋଟିସ: ଗ୍ରାମବାସୀଙ୍କ ଅଭିଯୋଗର ଅଢେଇ ମାସ ପରେ ପ୍ରଦୂଷଣ ବିଭାଗର କାର୍ଯ୍ୟାନୁଷ୍ଠାନ

ଝାରସୁଗୁଡ଼ା, ୨୭/୨ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ହିର୍ମା ଗ୍ରାମ ପଂଚାୟତ ଅଧୀନ କୁକୁରଜଙ୍ଘା ଗ୍ରାମରେ ଅବସ୍ଥିତ "ଶିବଶକ୍ତି ଏଂଟରପ୍ରାଇଜେସ" ନାମକ କୋଇଲା ଭିତିକ ସ୍ଲାଗ୍ କ୍ରସର ୟୁନିଟ୍ ବିରୋଧରେ ଶେଷକେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ବ୍ୟାପକ ବାୟୁ ଓ ଜଳ ପ୍ରଦୂଷଣ ହେଉଥିବା ନେଇ ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ କମ୍ପାନୀକୁ ସମସ୍ତ ଯନ୍ତ୍ରପାତି ବନ୍ଦ ରଖିବା ସହ ୭ ଦିନ ମଧ୍ୟରେ କାହିଁକି ସଂପୂର୍ଣ୍ଣ ବନ୍ଦ କରାଯିବ ନାହିଁ ବୋଲି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ସୂଚନାନୁସାରେ, ଗତ ଡିସେମ୍ବର ୧ ତାରିଖରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି କାରଖାନାଟିକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଥିଲେ। ତେବେ ଏକ ମାସ ଅତିବାହିତ ହେଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯାଇଥିବାରୁ ଗତ ଜାନୁଆରୀ ୨୦ ତାରିଖରେ ଗ୍ରାମବାସୀମାନେ ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ଚାହିଁ ଆବେଦନ କରିଥିଲେ। ପରେ ଜିଲ୍ଲା ପ୍ରଶାସନ ଅଭିଯୋଗ ପତ୍ରକୁ ଝାରସୁଗୁଡ଼ା ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟକୁ ପ୍ରେରଣ କରିଥିଲା।

ଚଳିତ ମାସ ୨୧ ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଏକ ଅଧିକାରୀ ଦଳ କାରଖାନାରେ ପହଂଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ବ୍ୟାପକ ବାୟୁ ଓ ଜଳ ପ୍ରଦୂଷଣ ହେଉଥିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇନଥିବା ଦେଖିବାକୁ ପାଇଥିଲେ। ଏହାସହ ସିଟିଓ ଓ ସିଟିଇ ନିୟମର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ଜାଣିପାରିଥିଲେ ।

କମ୍ପାନୀଟି କୁକୁରଜଙ୍ଘା ଗ୍ରାମର ମାଉସୀମା ମନ୍ଦିର ସମ୍ମୁଖରେ ଓ ଜନବସତିଠାରୁ ପ୍ରାୟ ୨୦୦ ମିଟର ଦୂରରେ ଅବସ୍ଥିତ। କୋଇଲା ବ୍ୟବହାର କରି କ୍ରସର ଚଳାଯାଉଥିବାରୁ ବିଭିନ୍ନ ପ୍ରକାର ଧୂଳିକଣା ଉଡ଼ି ପରିବେଶକୁ ଦୂଷିତ କରୁଛି। ଏହା ସହିତ ଶବ୍ଦ ପ୍ରଦୂଷଣ ନେଇ ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଥିଲେ।

ପ୍ରଦୂଷଣ ବିଭାଗ ପକ୍ଷରୁ ଜଳ ପ୍ରଦୂଷଣ ନିରୋଧକ ଆଇନର ଧାରା ୨୫ ଓ ୨୬ ଏବଂ ବାୟୁ ପ୍ରଦୂଷଣ ନିରୋଧକ ଆଇନର ଧାରା ୨୧ ଉଲ୍ଲଂଘନ ହୋଇଥିବା ଉଲ୍ଲେଖ କରାଯାଇଛି। ଏହି ପରିସ୍ଥିତିରେ ୨୩ ତାରିଖରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ୭ ଦିନ ମଧ୍ୟରେ ନିଜ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏନେଇ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ ନାଏକଙ୍କ ସହ ଯୋଗାଯୋଗର ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ ନ କରିବାରୁ ମତାମତ ମିଳି ପାରିନାହିଁ। ଗ୍ରାମବାସୀମାନେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ସହ କାରଖାନାକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଛନ୍ତି।

# ଯାଜପୁର ଜିଲ୍ଲା ବୈରୀସ୍ଥିତ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, ୨୭/୨ (ନି.ପ୍ର): ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ ବୈରୀ ପରିସରରେ ଓଡ଼ିଶା ପୋଲିସର ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶକ, ଗୁଇନ୍ଦା,ଶ୍ରୀ ଆର. ପି. କୋଚେ ଯୋଗଦେଇ ଆକର୍ଷଣୀୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ କୋଚେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ବନ୍ଧୁକ ଚାଳନା ଦକ୍ଷତା ବୃଦ୍ଧି କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ପ୍ରତିଟି ପ୍ରତିଯୋଗୀ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଜାତୀୟ ସ୍ତରରେ ଓଡ଼ିଶା ପୋଲିସର ଏକ ସ୍ୱତନ୍ତ୍ର ସୁନାମ ଓ ପରିଚୟ ରହିଛି, ଏହାକୁ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ । ଏହାସହ କ୍ରୀଡ଼ା ଅନୁଶାସନ, ଖେଳୁଆଡ ମନୋଭାବ ଏବଂ ଦୃଢ଼ ଆତ୍ମବିଶ୍ୱାସ ସହିତ ଏହି ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

ଏହି ଚମ୍ପିୟାନସିପରେ ରାଜ୍ୟର ବିଭିନ୍ନ ରେଞ୍ଜ ଓ ବାଟାଲିୟନରୁ ୧୬ଟି ପୋଲିସ ଟିମ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ୨୬୫ ଜଣ ପୁରୁଷ ଓ ୪ ଜଣ ମହିଳାଙ୍କୁ ମିଶାଇ ସମୁଦାୟ ୨୬୯ ଜଣ ଖେଳାଳି ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ।

ଏହି ଚମ୍ପିୟାନସିପର ଉଦଘାଟନୀ ସମାରୋହରେ ଆଇଜିପି (ଏସଏପି) ଶ୍ରୀ ଗଜଭିୟେ ସତୀଶ କୁମାର, କମାଣ୍ଡାଂଟ , ବୈରୀ ଶ୍ରୀ ଅଶୋକ କୁମାର ଦେହୁରୀ, କମାଣ୍ଡାଂଟ ଷଷ୍ଠ ଓଏସଏପି, କଟକ, ଶ୍ରୀ ସୂର୍ଯ୍ୟନାରାୟଣ ମଲ୍ଲିକ, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡା ଅଧିକାରୀ ନୀଳ ମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ସମ୍ଭାଗ ସ୍ତରୀୟ ଏକଲ ଶ୍ରୀହରି ସତସଙ୍ଗ ପ୍ରତିଯୋଗିତା

କେନ୍ଦୁଝର, ୨୭/୨ (ନି.ପ୍ର): ଏକଲ ଅଭିଯାନ ସଂସ୍କାର ଶିକ୍ଷା ଆନୁକୁଲ୍ୟରେ ଆସନ୍ତା ୨୮/୦୨/୨୦୨୬ ରିଖ ଶନିବାର ସକାଳ ୧୦.୦୦ ଘଟିକା ଠାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ ସମ୍ଭାଗ ସ୍ତରୀୟ (ରାଜ୍ୟସ୍ତରୀୟ) ଏକଲ ଶ୍ରୀହରି ସତସଙ୍ଗ ପ୍ରତିଯୋଗିତା କେନ୍ଦୁଝର ଇଂଜିନିୟରିଂ କଲେଜ, ଡ଼ିମୋ ସ୍ଥିତ ଅମୃତ ଜ୍ଞାନପିଠ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମ୍ଭାଗର ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିଯୋଗୀ ଦଳମାନେ ଅଂଶଗ୍ରହଣ କରି ଭଜନ, କୀର୍ତନ ଏବଂ ସତ୍ସଙ୍ଗ ମାଧ୍ୟମରେ ନିଜ ଦକ୍ଷତା ପ୍ରଦର୍ଶନ କରିବେ । ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ, ସାଂସ୍କୃତିକ ମୂଲ୍ୟବୋଧର ବିକାଶ ହେବାକୁ ଲକ୍ଷ୍ୟ ରହିଛି। ଭକ୍ତି ଦିବସରେ କେନ୍ଦୁଝର ଅଂଚଳ ( ଜିଲ୍ଲା ) ସ୍ତରୀୟ ଏକଲ ଶ୍ରୀହରି ସତ୍ସଙ୍ଗ ପ୍ରତିଯୋଗିତା ୧୬ ଟି ରୁ ଚୟନ ହୋଇଥିବା ପ୍ରତିଯୋଗୀ ଦଳକୁ ନେଇ ଅନୁଷ୍ଠିତ ହେବ । ବିଜେତା ଦଳ ସମ୍ଭାଗ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

# ଗ୍ରାମପଂଚାୟତ ସ୍ତରରେ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ଜିଲ୍ଲା ସଂଚାଳନ ସମିତି ବୈଠକ

କେନ୍ଦୁଝର, ୨୭/୨ (ନି.ପ୍ର): ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗରଉନ୍ନୟନ ବିଭାଗର ମିଳିତ ନିର୍ଦେଶନାମା ଅନୁଯାୟୀ ଜିଲ୍ଲାର ଚାରିଗୋଟି ବ୍ଲକର ମୋଟ ୮୪ଟି ଗ୍ରାମ ପଂଚାୟତରୁ ସ୍ୱଚ୍ଛଭାରତ ମିଶନ ଗ୍ରାମୀଣ କାର୍ଯ୍ୟକ୍ରମ ଅଧିନରେ ସଂଗ୍ରହ କରାଯାଉଥିବା ଶୁଖିଲା ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ସିଧାସଳଖ ଭାବରେ ଗୃହ ଓ ନଗରଉନ୍ନୟନ ବିଭାଗ ଅଧିନରେ ଥିବା ଏହି ପାଂଚୋଟି ନଗର ପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା । ଜିଲ୍ଲାର ଆନନ୍ଦପୁର ପୌରପରିଷଦ, କେନ୍ଦୁଝରଗଡ ପୌରପରିଷଦ, ଯୋଡ଼ା ପୌରପରିଷଦ, ବଡ଼ବିଲ ପୌରପରିଷଦ ଏବଂ ଚମ୍ପୁଆ ବିଜ୍ଞାପିତ ଅଂଚଳ ଗୁଡ଼ିକରେ ନିର୍ମାଣ ହୋଇଥିବା ଏମ.ଆର.ଏଫ ଗୁଡ଼ିକୁ ଏହି କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯିବା ସହିତ ଏହାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ ରୁଟ ଚାର୍ଟ ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଥିଲା । ଏଥି ସହ ଜିଲ୍ଲାର ମୋଟ ୨୨ଗୋଟି ପର୍ଯ୍ୟଟନ ସ୍ଥଳୀ ଓ ଏହା ସଂଲଗ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱ ପର୍ଯ୍ୟଟକ ପ୍ରଭାବିତ ଗ୍ରାମ ଓ ଏହା ଅନ୍ତର୍ଗତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସହାରାଂଚଳ ଗୁଡିକରେ ନିତିଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ପରିମାଣର ସର୍ଭେ କରାଯାଇ ଏହି ପର୍ଯ୍ୟଟନ ପ୍ରଭାବିତ ଅଂଚଳ ଗୁଡ଼ିକରେ ନିୟମିତ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବା ସହ ଏହି ଅଂଚଳର ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ଓ ନଗରଉନ୍ନୟନ ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସରେ ଏକ କାର୍ଯ୍ୟକ୍ରମ କରାଯିବାକୁ ଆଲୋଚନା ହୋଇଥିଲା । ଏହି ଜିଲ୍ଲା ସ୍ତରୀୟ ସଂଚାଳନ ସମିତି ବୈଠକରେ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କେନ୍ଦୁଝର ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଯୋଗେନ୍ଦ୍ର ସିଂ, ରାଜ୍ୟ ସ୍ତରୀୟ ପରିମଳ ପରାମର୍ଶଦାତା, ଇଉନିସେଫ ରିସୋର୍ସ ପର୍ସନ ଭାବରେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଂଚାୟତ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧି, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ପୌରପରିଷଦ ଓ କରଞ୍ଜିଆ ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ପରିମଳ ପ୍ରକଳ୍ପ ଅଧିକାରୀ ଏବଂ ଜିଲ୍ଲା ଜଳ ଓ ପରିମଳ ମିଶନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ପରିଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା, କେନ୍ଦୁଝର ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ କିଭଳି ଭାବରେ ସୁଚାରୁ ରୂପେ ତ୍ୱରାନ୍ୱିତ କରାଯିବ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାରା ଦେଶରେ ଯାତ୍ରୀ ଟର୍ମିନାଲର କ୍ଷମତା ବୃଦ୍ଧି ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

## ୭୬ଟି ରେଳ ଷ୍ଟେସନରେ ବିକଶିତ ହେଉଥିବା ହୋଲ୍ଡିଂ ଏରିଆର ଅଗ୍ରଗତି ସମୀକ୍ଷା କଲେ

ନୂଆଦିଲ୍ଲୀ, ୨୭/୨ (ନି.ପ୍ର): ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଦେଶର ପ୍ରମୁଖ ଯାତ୍ରୀବାହୀ ଟ୍ରେନ୍ ଟର୍ମିନାଲଗୁଡ଼ିକର କ୍ଷମତା ବୃଦ୍ଧି ଯୋଜନାର ସମୀକ୍ଷା କରିଛନ୍ତି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ରେଳ ବୋର୍ଡ ଅଧିକାରୀ ଏବଂ ସମ୍ପୃକ୍ତ ଜୋନାଲ ରେଳବାଇକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ରେଳବାଇ କ୍ରମାଗତ ଭାବରେ କ୍ଷମତା ବୃଦ୍ଧି କରିବା ଏବଂ ପ୍ରମୁଖ ସ୍ଥାନ, ବିଶେଷ କରି ବଡ଼ ସହରଗୁଡ଼ିକରେ ଭିଡ଼ କମ କରିବା, ଟ୍ରେନ୍ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ତଥା ଯାତ୍ରୀଙ୍କ ସୁବିଧାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବା ପାଇଁ ଟର୍ମିନାଲ ପରିଚାଳନା କ୍ଷମତାକୁ ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟ କରୁଛି।



କ୍ଷମତା ବୃଦ୍ଧିରେ ପ୍ଲାଟଫର୍ମର ସମ୍ପ୍ରସାରଣ, ଚଳାଚଳ କ୍ଷେତ୍ର, ପ୍ରବେଶ-ପ୍ରସ୍ଥାନ ସ୍ଥାନ, ଯାତ୍ରୀ ସୁବିଧା ଏବଂ ଉନ୍ନତ ଟ୍ରାଫିକ ପ୍ରବାହ ପରିଚାଳନା ଆଦି ଅନ୍ତର୍ଭୁକ୍ତ। ମନ୍ତ୍ରୀ ଦେଶବ୍ୟାପୀ ୭୬ଟି ରେଳ ଷ୍ଟେସନରେ ଅତିରିକ୍ତ ଯାତ୍ରୀ ଭିଡ଼କୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ବିଶେଷକରି ଉତ୍ସବ ଏବଂ ଯାତାୟାତ ସମୟରେ ବିକଶିତ ହୋଲ୍ଡିଂ କ୍ଷେତ୍ରଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ହୋଲ୍ଡିଂ କ୍ଷେତ୍ରଗୁଡ଼ିକୁ ବ୍ୟବସ୍ଥିତ ଭାବରେ ଭିଡ଼ ପ୍ରବାହକୁ ନିୟନ୍ତ୍ରଣ କରିବା, ସୁରକ୍ଷା ବୃଦ୍ଧି କରିବା ଏବଂ ଷ୍ଟେସନ ପରିସର ଭିତରେ ଭିଡ଼କୁ ରୋକିବା ପାଇଁ ଡିଜାଇନ୍ କରାଯାଉଛି। ଏସବୁ କାମକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ କରିବା ଏବଂ କାର୍ଯ୍ୟର କଡ଼ା ତଦାରଖ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ପଦକ୍ଷେପଗୁଡ଼ିକ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ସହିତ ସମନ୍ୱିତ, ଯାହା ଅଧୀନରେ ରେଳ ଷ୍ଟେସନଗୁଡ଼ିକୁ ଦକ୍ଷ ଯାତ୍ରୀ ପରିଚାଳନା ପ୍ରଣାଳୀ ଏବଂ ଉନ୍ନତ ଭିତ୍ତିଭୂମି ସହିତ ଆଧୁନିକ, ସୁଚିନ୍ତିତ ପରିବହନ କେନ୍ଦ୍ର ଭାବରେ ବିକଶିତ କରାଯାଉଛି।

# ଚା’ ପିଇଲେ ମୁଣ୍ଡ ବିନ୍ଧା କମେ: ସତ ନା ମିଛ ?



‘ମୁଣ୍ଡଟା କାହିଁକି ବିନ୍ଧୁଛି... ସକାଳେ ଚା’ ପିଇନି ଆଉ, ସେଥିପାଇଁ ମୁଣ୍ଡ ବିନ୍ଧୁଛି।‘ ଅନେକ ଲୋକ ଏପରି କହୁଥିବାର ଶୁଣିଥିବେ, କିମ୍ୱା ଆପଣ ଯଦି ଜଣେ ଚା’ ଅଭ୍ୟାସୀ, ତେବେ ଏପରି ଅନୁଭବ କରିଥିବେ ନିଶ୍ଚୟ। ଚା’ ପିଇବା ଅଭ୍ୟାସ ଏବଂ ମୁଣ୍ଡବିନ୍ଧା ମଧ୍ୟରେ କଣ ସତରେ ସାମଞ୍ଜସ୍ୟ ରହିଛି, ବାସ୍ତବରେ କଣ ଚା’ ନ ପିଇଲେ ମୁଣ୍ଡ ବିନ୍ଧେ, ଜାଣନ୍ତୁ ଏହା ପଛର ବିଜ୍ଞାନଗତ କାରଣ...

ମୁଣ୍ଡବିନ୍ଧା ଦୂର କରେ କି ଚା’ ?:

ବିଶେଷଜ୍ଞଙ୍କ କହିବା ଅନୁସାରେ, ମୁଣ୍ଡବ୍ୟଥା ଚିକିତ୍ସା ଏବଂ ଚା’ ପିଇବା ମଧ୍ୟରେ ସେପରି କୌଣସି ପ୍ରତ୍ୟକ୍ଷ ପ୍ରମାଣ ନହିଁ, ବେଳେ ବେଳେ ମୁଣ୍ଡବ୍ୟଥାର କାରଣ ଡିହାଇଡ୍ରେସନ୍ ହୋଇ ଥାଇପାରେ।

ସେହିପରି ଅନ୍ୟ ଜଣେ ସ୍ନାୟୁବିଜ୍ଞାନୀ ଡାକ୍ତର କହିଛନ୍ତି, ଚା ନାଜାଲ ସାଇନସେସ୍ (ନାକର ସାଇନସରେ ଆଲର୍ଜି କିମ୍ୱା କୌଣସି ଜମାକୁ) ସଫା କରିପାରେ ଏବଂ ସାଇନସିଟ୍ସ କାରଣରୁ ହେଉଥିବା ମୁଣ୍ଡବ୍ୟଥାରୁ ଆରାମ ଦେଇପାରେ। ଏଥିପାଇଁ ଚା’ ପିଇବା ପରେ ମୁଣ୍ଡବ୍ୟଥା କମିଗଲା ବୋଲି ଲାଗେ।

ଚା’ ମୁଣ୍ଡବ୍ୟଥା ଦୂର କରିବାର ଆଉ ଏକ କାରଣ ହେଉଛି, ଏଥିରେ ବ୍ଲାକ୍ ଟି ଥାଏ, ଯେଉଁଥିରେ କଫିନ୍ ରହିଥାଏ, ଆଉ ଏହି କଫିନ ମୁଣ୍ଡବିନ୍ଧାରୁ ଆରାମ ଦେଇଥାଏ। କଫିନ୍ ରକ୍ତ ନଳୀକୁ ସଙ୍କୁଚିତ କରିପାରେ, ସମ୍ଭବତଃ ମୁଣ୍ଡବିନ୍ଧାର ଲକ୍ଷଣକୁ ହ୍ରାସ କରିପାରେ।

ଏକ କପ୍ (୧୫୦ ମିଲି) ବ୍ରୁଡ୍ କଫିରେ ୮୦-୧୨୦ ମିଲିଗ୍ରାମ କଫିନ୍, ଇନଷ୍ଟାଣ୍ଟ କଫିରେ ୫୦-୬୫ ମିଲିଗ୍ରାମ ଏବଂ ଚାରେ ୩୦-୬୫ ମିଲିଗ୍ରାମ କଫିନ୍ ଥାଏ। ତଥାପି ଚା ପିଇବା ପରେ ସମସ୍ତେ ମୁଣ୍ଡବ୍ୟଥା କମିଯିବା ଅନୁଭବ କରନ୍ତି ନାହିଁ। ଏହାର ପ୍ରଭାବ ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ଦେଖାଯାଏ। ଚା ପିଇବା ପରେ ମୁଣ୍ଡବ୍ୟଥା କମିଯିବାର ମୁଖ୍ୟ କାରଣ ହେଉଛି ଏଥିରେ ମିଶୁଥିବା ସାମଗ୍ରୀ, ଯେପରିକି ଅଦା, ଅଳେଇଚ ଏବଂ ଡାଲଚିନି ଗୁଣ୍ଡ।

ଚା ପିଇବାର ଉପଯୁକ୍ତ ସମୟ: ଓଉଗଜ ଗାଇଡଲାଇନ ଅନୁସାରେ, ଖାଇବାର ଘଣ୍ଟାଏ ପୂର୍ବରୁ ଏବଂ ପରେ ଚା କିମ୍ୱା କଫି ଆଦୌ ପିଇବା କଥା ନୁହେଁ। କାରଣ ଏଥିରେ ଟେନିନ୍ ନାମକ ଏକ ଉତ୍ତେଜକ ରହିଥାଏ। ଏହି ଟେନିନ୍ ଶରୀରରେ ଆଇରନ(ଲୌହ) ଅବଶୋଷଣରେ ବାଧା ସୃଷ୍ଟି କରିପାରେ। ଆଇରନ ଅଭାବରେ ରକ୍ତହୀନତା ହୋଇପାରେ। ସେହିପରି ଶୋଇବା ପୂର୍ବରୁ ମଧ୍ୟ ଚା’ ଓ କଫି ଆଦୌ ପିଇବା ଉଚିତ୍ ନୁହେଁ, କାରଣ ଏହି କାରଣରୁ ପରଦିନ ସକାଳେ ଅନିଦ୍ରା ଏବଂ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଟେନିନ୍ ମଧ୍ୟ ଅନେକ ଲୋକଙ୍କ ମାଇଗ୍ରେନର କାରଣ ହୋଇଥାଏ। କଫିନ୍ ଧାରଣ କରିଥିବା ଚା’ କେବଳ ମୁଣ୍ଡ ବିନ୍ଧାଏନି, ବରଂ ଥକ୍କାପଣର କାରଣ ହୋଇପାରେ। ତେଣୁ, କପେ ଗରମ ଚା’ ଯେ ମୁଣ୍ଡବ୍ୟଥାକୁ ଦୂର କରିଦେବ ଏପରି ଭାବନ୍ତୁ ନାହିଁ। ଅତ୍ୟଧିକ ଚା’ ପିଇବା ଦ୍ୱାରା ଶୋଷ ଲାଗିନଥାଏ, ଫଳରେ ପାଣି ପିଇବା କମ୍ ହୋଇଯିବାରୁ ହରମୋନାଲ୍ ପରିବର୍ତ୍ତନ ହୋଇପାରେ। ଶରୀରରେ ହରମୋନର ଅସନ୍ତୁଳନର ନାନା ରୋଗର କାରଣ ହୋଇଥାଏ। ତେଣୁ ସେ ଖାଦ୍ୟ ହେଉ କିମ୍ୱା କୌଣସି ପାନୀୟ, କାହାକୁ ନିଶାରେ ପରିଣତ କରନ୍ତୁ ନାହିଁ, ସବୁର ଏକ ସନ୍ତୁଳନ ବଜାୟ ରଖନ୍ତୁ।

# ଚାଣକ୍ୟ ନୀତି: ଜୀବନରେ ଦୁଇଟି ଜିନିଷକୁ ଡରନ୍ତୁ ନାହିଁ, ସଫଳତା ନିଶ୍ଚୟ ପାଇବେ..



ଚାଣକ୍ୟ ନୀତିକୁ ଲୋକେ ଆଜି ବି ପଢ଼ିବାକୁ ପସନ୍ଦ କରିଥାନ୍ତି । କାରଣ ତାଙ୍କ ନୀତି ପ୍ରତ୍ୟେକ କାଳରେ ପ୍ରତ୍ୟେକ ବର୍ଗଙ୍କୁ କିଛି ଶିଖିବାର ସୁଯୋଗ ଦେଇଥାଏ । ତାଙ୍କ ନୀତି ଅନୁସାରେ ଚାଲିବା ଦ୍ୱାରା ଅନେକ ଲୋକଙ୍କୁ ସଫଳତା ମିଳିଛି । ତେବେ ଏହି କ୍ରମରେ ଚାଣକ୍ୟ କହିଛନ୍ତି, ଦୁଇଟି ଜିନିଷକୁ ଡରୁଥିବା ଲୋକ ସବୁବେଳେ ଜୀବନରେ ପଛରେ ରହିଥାନ୍ତି । ଆପଣ ଏବେ ଭାବୁଥିବେ ଏହି ଦୁଇଟି ଡର କ’ଣ ? ଚାଣକ୍ୟଙ୍କ ଅନୁସାରେ କିଛି ଜିନିଷକୁ ମଣିଷ ନିଜ ଜୀବନ କାଳ ମଧ୍ୟରେ ଡରିବା ଉଚିତ୍ ନୁହେଁ । ଯଦି ଆପଣ ତାକୁ ଡରୁଛନ୍ତି ତେବେ ଏଥିରେ କେବଳ ଆପଣଙ୍କର ହିଁ କ୍ଷତି ହେବ । ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଛୋଟ ଛୋଟ ସମସ୍ୟାକୁ ଖୁବ୍ ଡରନ୍ତି। ସେଇ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ସେମାନେ ଡରି ଡରି ସମସ୍ୟା ଅଧିକ ବଡ଼ କରିଥାନ୍ତି। ଆଚାର୍ଯ୍ୟ ଚାଣକ୍ୟଙ୍କ କହିବାନୁସାରେ ଜୀବନରେ ଅନେକ ପରିବର୍ତ୍ତନ ହୋଇଥାଏ । ଯଦି ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ହେଉଛି ତେବେ ଏହାକୁ ଆପଣ ଡରନ୍ତୁ ନାହିଁ । ବରଂ ପରିବର୍ତ୍ତନକୁ ସ୍ୱୀକାର କରିବା ଶିଖନ୍ତୁ । ଏହାକୁ ଆପଣାଇବା ଦ୍ୱାରା ଭଲ ଫଳ ମିଳିଥାଏ । କିଛି ଲୋକ ନିଜକୁ ବଦଳାଇବାକୁ ଚାହାନ୍ତି ନାହିଁ କିମ୍ୱା ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ କରନ୍ତି ନାହିଁ । ସେମାନେ ପରିବର୍ତ୍ତନ ପାଇଁ ଡରନ୍ତି । ଏଭଳି ଲୋକେ କେବେ ଜୀବନରେ ଆଗକୁ ବଢ଼ିପାରନ୍ତି ନାହିଁ କିମ୍ୱା ଜୀବନରେ ସଫଳତା ପାଇ ପାରନ୍ତି ନାହିଁ । ଅନେକ ଲୋକ ଭବିଷ୍ୟତର ପରୀକ୍ଷାକୁ ଡରୁଛନ୍ତି । ମଣିଷକୁ ସମୟର ବା ଜୀବନର ପରୀକ୍ଷା ପାଇଁ ଡରିବା ଉଚିତ ନୁହେଁ । ଏଥିପାଇଁ ଚାଣକ୍ୟ କହିଛନ୍ତି କେବେ ବି ପରୀକ୍ଷାକୁ ଡର ନାହିଁ । ବରଂ ଏହାକୁ ସାହସର ସହିତ ସାମ୍ନା କରନ୍ତୁ । ଏହିଭଳି ଲୋକ ହିଁ ଜୀବନରେ ସଫଳତା ପାଇଥାନ୍ତି ।

# ଶିଶୁ ଠିକ୍‌ରେ କ୍ଷୀର ଖାଉ ନାହିଁ କି... ଜାଣନ୍ତୁ କ’ଣ ରହିଛି କାରଣ

ଛୁଆଟିଏ ଜନ୍ମ ହେବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତାର ସ୍ତନ୍ୟପାନ। ମା’ର ପ୍ରଥମ କ୍ଷୀର କୋଲଷ୍ଟ୍ରମ୍ ଛୁଆପାଇଁ ଅତ୍ୟନ୍ତ ଉପାଦେୟ ଓ ଏଥିରେ ଛୁଆର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦରକାର ମୁତାବକ ଆଣ୍ଟିବଡ଼ି ଥାଏ। ଏଣୁ ବର୍ତ୍ତମାନ ସଚେତନତା ବଢ଼ିବା ସହ ଶିଶୁକୁ ମାର ପ୍ରଥମ କ୍ଷୀର ଦେବାକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ କେବେ ଆପଣ ଏପରି ସ୍ଥିତି ଦେଖିଛନ୍ତି କି, ଆପଣଙ୍କ ବନ୍ଧୁ-ବାନ୍ଧବ କିମ୍ବା ପରିବାର କ୍ଷେତ୍ରରେ କେହି ନୂଆ ମାଆ ହେବା ପରେ କ୍ଷୀର ହେଉ ନଥିବ କିମ୍ବା ଛୁଆ କ୍ଷୀର ଖାଇପାରୁ ନଥିବ। ହଁ, ଏପରି ଅନେକ କ୍ଷେତ୍ରରେ ଘଟେ, ବିଶେଷକରି ପ୍ରଥମ କରି ମା’ ହେଉଥିବା ମହିଳାଙ୍କ କ୍ଷେତ୍ରରେ। ଏଥିପାଇଁ କିଛି ସାଧାରଣ ନିୟମାବଳୀ ବା ଉପାୟ ମାଆମାନେ ଆପଣେଇବା ଉଚିତ୍ ଯାହାଦ୍ୱାରା ସେମାନେ ଛୁଆକୁ ଆରାମରେ ସ୍ତନ୍ୟପାନ କରାଇପାରିବେ ଏବଂ ଛୁଆ ମଧ୍ୟ ନିଜେ ଖାଇବା ଶିଖିବ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ:* ସାଧାରଣ ଭାବେ ନବଜାତ ଶିଶୁର ସ୍ତନ୍ୟପାନ ଖୁବ ସହଜ ଲାଗୁଥିଲେ ମଧ୍ୟ ମାଆ ସହ ଆବଶ୍ୟକଠାରୁ କମ୍ ସଂସ୍ପର୍ଶରେ ରହିଲେ ଶିଶୁର ସ୍ତନରୁ କ୍ଷୀର ଖାଇବା ପ୍ରକ୍ରିୟାର ଆରମ୍ଭ ହେବା ସହଜ ହେବ ନାହିଁ। ଏଥିଯୋଗୁଁ ମାଆର ସ୍ତନରେ ବିଭିନ୍ନ ସମସ୍ୟା ଦେଖାଯାଏ।



ସ୍ତନରେ ଇନ୍‌ଫେକ୍ସନ୍ ତଥା କ୍ଷୀର ଜମାଟ ବାନ୍ଧିବା ଆଦି ସମସ୍ୟା ହେଲେ ମାଆକୁ ଯନ୍ତ୍ରଣା ହୁଏ, ଯାହା ଫଳରେ ସେ ସ୍ତନ୍ୟପାନ କରାଇବାକୁ ଇଚ୍ଛା କରେ ନାହିଁ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ:* ଯଦି ମାଆର ସି ସେକ୍ସନ୍ ହୋଇ ପ୍ରସବ ହୋଇଛି ତେବେ ମଧ୍ୟ ଛୁଆକୁ ମାଆ ଠିକ୍ ଭାବେ ସ୍ତନ୍ୟପାନ କରାଇପାରେ ନାହିଁ। କିନ୍ତୁ ଉପଯୁକ୍ତ ଭାବେ ଶିଖାଇଲେ ମାଆ ଖୁବ୍ ସହଜରେ ଶିଶୁକୁ ସ୍ତନ୍ୟପାନ କରାଇପାରିବ। କେତେକାଂଶରେ ପ୍ରଥମ କ୍ଷୀର କ୍ଷରଣରେ ସମୟ ଲାଗେ। ଏପରି ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ତଥା ଉପଯୁକ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି।

*କଙ୍ଗାରୁ ଯତ୍ନ ବ୍ୟବସ୍ଥା କ’ଣ:* ଆପଣ ଜାଣନ୍ତି, ସାମାନ୍ୟ ପଶୁ କଙ୍ଗାରୁ ତା’ ଛୁଆକୁ ପେଟ ପାଖରେ ଥଳି ଭିତରେ ଧରି ରଖିବା ପରି ନବଜାତ ଶିଶୁକୁ ମାଆ ଶରୀରରେ ଲଗାଇ ରଖି ସ୍ତନ୍ୟପାନ କରାଇବାକୁ କୁହାଯାଏ। ଏହାକୁ କଙ୍ଗାରୁ ଯତ୍ନ ବ୍ୟବସ୍ଥା କୁହାଯାଏ। ପ୍ରାୟତଃ ପ୍ରି ମ୍ୟାଚୁର ବେବି ବା ସମୟ ପୂର୍ବରୁ ଜନ୍ମ ଶିଶୁ ପାଇଁ ଏହା ଉପାଦେୟ ହୋଇଥିବା ବେଳେ ସ୍ତନ୍ୟପାନ ବେଳେ ମାଆ ଶିଶୁ ଶରୀରର ସଂସ୍ପର୍ଶ ବଢ଼ାଇବାକୁ ଏହି ପ୍ରଣାଳୀ ଖୁବ ଭଲ। ଯଦି ପ୍ରସବ ସାଧାରଣ ଭାବେ ହୋଇଛି ତେବେ ଚେଷ୍ଟା କରନ୍ତୁ, ସିଧା ବସି ଶିଶୁକୁ ହାତରେ ଦୋଳିରେ ଶୋଇବା ପରି ଧରି ନିଜେ ତାର ମୁହଁ ପାଖକୁ ସ୍ତନ ନିଅନ୍ତୁ, ସେ ନିଜେ ଖାଇବା ଆରମ୍ଭ କରିବ।

*ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ:* ମାଆର ସ୍ତନ୍ୟପାନ କରାଇବା ସ୍ଥିତି ବା ପୋଜିସନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସର୍ବଦା ନିଜ ଆରାମ ଅନୁସାରେ ବସି ଛୁଆକୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା କ୍ଷୀର ଠିକ୍ ଭାବେ କ୍ଷରଣ ହେବ ଏବଂ ସ୍ତନର ଏରିଓଲା ଅଂଶକୁ ପୂର୍ଣ୍ଣ ଭାବେ ଶିଶୁର ମୁଖରେ ରଖିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ଶିଶୁର ରିଫ୍ଲକ୍ସ ଆକ୍ସନ ବଢ଼ିବ ଓ ସେ କ୍ଷୀରକୁ ଶୋଷାଡ଼ି ଖାଇବା ଶିଖିବ। ଏହା ହିଁ ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ ବୋଲି କୁହାଯାଏ। ପ୍ରତିଥର ଖୁଆଇବା ପରେ ଛୁଆର ପିଠି ଥାପୁଡ଼ାନ୍ତୁ ଯାହା ଦ୍ୱାରା ସ୍ତନ୍ୟପାନ କରିବାବେଳେ ଯଦି ଶ୍ୱାସନଳୀରେ ବାୟୁ ରହିଯାଏ ତାହା ସଫା ହୋଇଯିବ।

*କ୍ଷୀର ପରିମାଣ ବୃଦ୍ଧି ପାଇଁ:* ଯଦି ଆପଣଙ୍କ ଛୁଆ ଦିନରେ ସର୍ବନିମ୍ନ ଛଅ ଥର ପରିସ୍ରା କରୁଛି ତେବେ ସେ ପର୍ଯ୍ୟାପ୍ତ ପରିମାଣର ସ୍ତନ୍ୟପାନ କରୁଛି ବୋଲି କହିହେବ। ପ୍ରତି ଦୁଇ ଘଣ୍ଟାରେ ଥରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସ୍ତନ୍ୟପାନ କରାନ୍ତୁ। ଯଦି କୌଣସି କାରଣରୁ ଆପଣଙ୍କୁ ଲାଗୁଛି ଯେ କ୍ଷୀର ପରିମାଣ କମ ହେଉଛି ଏବଂ ଶିଶୁର ଖାଇବା ଯଥେଷ୍ଟ ହେଉ ନାହିଁ, ତେବେ ଆପଣଙ୍କ ଖାଦ୍ୟରେ ପରିବର୍ତ୍ତନ ଆଣନ୍ତୁ।

*ସ୍ତନରେ କ୍ଷୀର ପରିମାଣ ବୃଦ୍ଧି ପାଇଁ ଖାଦ୍ୟ:* ଅମୃତଭଣ୍ଡା, ରସୁଣ, ସାଗୁ ଆଦି ମାଆ କ୍ଷୀର ଉତ୍ପାଦନ ପାଇଁ ଅତ୍ୟନ୍ତ ଫଳପ୍ରଦ। ଏହା ପରେ ବି ଯଦି ଆପଣ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସପ୍ଲିମେଣ୍ଟ୍ ନେଇପାରିବେ। ସର୍ବଦା ଚେଷ୍ଟା କରନ୍ତୁ ମାଆକୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଦେଇ ଶିଶୁ ପାଇଁ କ୍ଷୀର ଉତ୍ପାଦନ ଠିକ୍ ରଖିବେ। ଶିଶୁକୁ କୌଣସି ପରିସ୍ଥିତିରେ ଛଅମାସ ପୂର୍ବରୁ ପାଣି କିମ୍ବା କୌଣସି ବାହାର ତରଳ ଦିଅନ୍ତୁ ନାହିଁ।

*ଶିଶୁର ପ୍ରଥମ ପୋଷଣ:* ଶିଶୁର ପ୍ରଥମ ପୋଷଣ ମାଆ କ୍ଷୀରରୁ ମିଳେ। ଏଣୁ ବାହାର ଖାଦ୍ୟ ବା ଫର୍ମୁଲା ଆଦି ଦେବା ଦ୍ୱାରା ଛୁଆର ଶରୀରର ବୃଦ୍ଧି ତ ହୁଏ କିନ୍ତୁ ରୋଗ ପ୍ରତିରୋଧକ ଶକ୍ତି ଆବଶ୍ୟକ ପରିମାଣରେ ବଢ଼ିପାରେ ନାହିଁ। ଏଣୁ ମାଆ କ୍ଷୀର କୌଣସି ପରିସ୍ଥିତିରେ ବନ୍ଦ କରନ୍ତୁ ନାହିଁ। ଆମ ଗାଁ ଗହଳିରେ ବଡ଼ମାନେ ସାଧାରଣତଃ ମା’କୁ ଥଣ୍ଡା ଜ୍ୱର ହେଲେ ଛୁଆକୁ କ୍ଷୀର ଦେବାକୁ ମନା କରନ୍ତି। କିନ୍ତୁ ତାହା ସମ୍ପୂର୍ଣ୍ଣ ଭୁଲ୍। ମାଆର ଥଣ୍ଡା କିମ୍ବା ଜ୍ୱର ହେବା ବେଳେ ତା’ ଶରୀରରେ ଆଣ୍ଟିବଡ଼ି ବା ରୋଗପ୍ରତିରୋଧକ ଶକ୍ତି ତିଆରି ହୁଏ, ଏହା ପରୋକ୍ଷ ଭାବେ ଶିଶୁ ଦେହକୁ ଯାଇଥାଏ। ତେଣୁ ଶିଶୁକୁ ସେହି ସମୟରେ ସ୍ତନ୍ୟପାନରୁ ବିରତ କରାଇବା ଉଚିତ ନୁହେଁ।



*ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ:* ସ୍ତନ୍ୟପାନ କରାଉଥିବା ମାଆକୁ କେତେକ ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ କରାଯାଏ, ଯାହା କେବଳ ଡାକ୍ତରଙ୍କ ପରାମର୍ଶ ପରେ କରିବେ। ଯଦି କିଛି ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖାଯାଏ ତେବେ ଡାକ୍ତରଙ୍କ ପରାମର୍ଶ କରି ନିଷ୍ପତ୍ତି ନିଅନ୍ତୁ। ମାଆ ଗର୍ଭବତୀ ଥିବା ସମୟରେ କୌଣସି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି କିନ୍ତୁ ସୁସ୍ଥ ଶିଶୁ ଜନ୍ମ ହୋଇଛି ତେବେ ମଧ୍ୟ ସ୍ତନ୍ୟପାନ କରାଇବାରେ ଅସୁବିଧା ନାହିଁ। କିନ୍ତୁ କୌଣସି ପରିସ୍ଥିତିରେ ଯଦି ଛୁଆ କ୍ଷୀର ଖାଇପାରୁନି, ଜଣ୍ଡିସ୍ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାଆଠାରୁ ଅଲଗା ରହିଛି, ତେବେ ମାଆଠାରୁ ଏକ ସ୍ୱଚ୍ଛ ଷ୍ଟେରିଲାଇଜ୍ ହୋଇଥିବା କଣ୍ଟେନର ବା କାଚ ବୋତଲରେ କ୍ଷୀର ବାହାର କରି ସାଧାରଣ କୋଠରୀ ତାପମାତ୍ରାରେ ରଖି ଦେଇହେବ। ହେଲେ ଧ୍ୟାନ ରଖନ୍ତୁ କ୍ଷୀର ରଖିବାର ସ୍ଥାନ ସଫାସୁତୁରା ରହିବା ଆବଶ୍ୟକ।

*ମାଆକୁ ଉପଯୁକ୍ତ ସୁଷମ ଖାଦ୍ୟ:* ସ୍ତନ୍ୟପାନ କରାଇବା ସମୟରେ ମାଆ ଉପଯୁକ୍ତ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ନିୟମିତ ପରିମାଣର କ୍ୟାଲୋରୀ ସହ ଆଉ ୬୦୦ କ୍ୟାଲୋରୀ ଅଧିକ ମିଶାଇ ନେବା ଆବଶ୍ୟକ ହୋଇଥାଏ। ଫଳ, ପନିପରିବା, ଶାଗୁ, ଉଷୁନା ଭାତ ଘିଅ ସହ ଖାଇବା ଭଲ। ଗରିଷ୍ଠ ଖାଦ୍ୟରୁ ଦୂରେଇ ରହିଲେ ଭଲ। ଧିରେ ଧିରେ କରି ଅଳ୍ପ ଅଳ୍ପ ଖାଇପାରିବେ। ସର୍ବଦା ଖାଇବା ବେଳେ ଧ୍ୟାନ ରଖିବେ ଯେ ଆପଣ ଯାହା ଖାଇବେ ତାହା ଶିଶୁର ଶରୀରରେ ହଜମ ହେବା ଆବଶ୍ୟକ।

*ମାଆମାନେ ଅଫିସ ଯାଉଥିଲେ କ’ଣ କରିବେ:* ଆଜିକାଲି ପ୍ରାୟ ମାଆମାନେ ଅଫିସ ଯାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ୱାର୍କ ଫ୍ରମ୍ ହୋମ୍ ବା ଘରୁ କାମ କରିବାର ସୁବିଧା ଥିବାବେଳେ କେତେକ କ୍ଷେତ୍ରରେ ନାହିଁ। ସେ କ୍ଷେତ୍ରରେ ଯଦି ଅଫିସରେ ସ୍ତନ୍ୟପାନ ଗୃହ ରହିଛି ତେବେ ଶିଶୁକୁ ନେଇଯାଇପାରିବେ। ଏବେ ପ୍ରାୟ ସମସ୍ତ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କୋଠରୀ ରଖିବା ପାଇଁ ସଚେତନତା ସୃଷ୍ଟି ହେଉଛି। ମଲ୍, ରେଷ୍ଟୁରାଂଣ୍ଟ୍ ଆଦିକୁ ବୁଲିଗଲା ବେଳେ ମଧ୍ୟ ଶିଶୁକୁ ଲଗାତାର ସମୟ ଅନୁସାରେ ସ୍ତନ୍ୟପାନ କରାଇବାକୁ ଭୁଲନ୍ତୁ ନାହିଁ।

# ଗଜା ମୁଗର ଫାଇଦା; ଚର୍ମକୁ କରେ ଚିକ୍କଣ, ହୃଦୟକୁ ରଖେ ସୁସ୍ଥ

ପ୍ରକୃତିରୁ ମିଳୁଥିବା ଏପରି କିଛି ଖାଦ୍ୟ ଅଛି, ଯାହାକୁ କଞ୍ଚା କିମ୍ୱା ଗଜା କରି ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଅନେକ ସୁପ୍ରଭାବ ପଡ଼ିଥାଏ। ସେଥି ମଧ୍ୟରୁ ଗଜା ମୁଗ ଅନ୍ୟତମ। ଏଥିରେ ଫୋଲେଟ୍, ଭିଟାମିନ୍ ଇ୬, ଆଇରନ୍ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ଖଣିଜ ପଦାର୍ଥ ଭରପୂର ପରିଣାରେ ଥାଏ। ଏହାକୁ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କି କି ସୁପ୍ରଭାବ ପଡ଼େ, ଜାଣନ୍ତୁ...



ହଜମ ପ୍ରକ୍ରିୟାରେ ଉନ୍ନତି ଆସେ: ପ୍ରତିଦିନ ସକାଳେ ଗଜା ମୁଗ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ସହଜ ହୋଇଥାଏ। ଏଥିସହ ପେଟ ଫୁଲା ଏବଂ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ମଧ୍ୟ ଗଜାମୁଗ ସହାୟକ ହୋଇଥାଏ।

ପ୍ରୋଟିନ ମିଳେ: ଗଜା ମୁଗରେ ଭରପୂର ପରିମାଣରେ ପ୍ରୋଟିନ ଥାଏ। ଗଜା ମୁଗ ଖାଇବା ଦ୍ୱାରା ମାଂସପେଶୀ ବୃଦ୍ଧି ହେବା ସହ କୋଷ ତିଆରି ହୋଇଥାଏ। ବିଶେଷ କରି ଶାକାହାରୀ ଲୋକଙ୍କ ପାଇଁ ଏହା ବେଶ୍ ଉପକାରୀ।

ଓଜନ ହ୍ରାସ: ଗଜା ମୁଗରେ ଥିବା ଫାଇବର ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ। ଅର୍ଥାତ୍ ଗଜା ମୁଗ ଖାଇବା ଦ୍ୱାରା ବିଶେଷ ଭୋକ ଲାଗିନଥାଏ। ଏହା ଦ୍ୱାରା ବାରମ୍ବାର ଖାଇବାକୁ ଇଚ୍ଛା ହୋଇନଥାଏ। ଫଳରେ ଓଜନ ପରିଚାଳନା ସହଜ ହୋଇଥାଏ।

ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ: ଗଜା ମୁଗରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଫଳରେ ମଧୁମେହ ଆଶଙ୍କା ହ୍ରାସପାଏ। ମଧୁମେହ ରୋଗୀ ମଧ୍ୟ ଗଜା ମୁଗ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ।

ଚର୍ମ ସ୍ୱାସ୍ଥ୍ୟରେ ଉନ୍ନତି ଆସେ: ଜିଙ୍କ, ଭିଟାମିନ୍ ସି ଏବଂ ମିନେରାଲ୍ସର ଏକ ଉତ୍ତମ ଉତ୍ସ ହେଉଛି ଗଜା ମୁଗ। ତେଣୁ ଗଜା ମୁଗ ଖାଇବା ଦ୍ୱାରା ଚର୍ମରେ ଚମକ ଆସିବା ସହ ବ୍ରଣ ସମସ୍ୟା ଦୂର ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତି : ଗଜା ମୁଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ। ଏହା ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବା ସହ ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ।

ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆସେ: ଗଜା ମୁଗରେ ଚର୍ବି କମ୍ ଏବଂ ପୋଟାସିୟମ୍ ଭରପୂର ଥାଏ, ଯାହା ରକ୍ତଚାପକୁ ହ୍ରାସ କରିବାରେ ଏବଂ ହୃଦରୋଗର ଆଶଙ୍କାକୁ କମାଇବାରେ ସାହାଯ୍ୟ କରିଥାଏ।

ଶରୀରକୁ ଡିଟକ୍ସିଫାଏ କରେ: ନିୟମିତ ଗଜା ମୁଗ ଖାଇବା ଦ୍ୱାରା ଶରୀର ଡିଟକ୍ସିଫାଏ ହୋଇଥାଏ। ଅର୍ଥାତ୍ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସିତ ହୋଇଯାଏ। ଏହା ଦ୍ୱାରା କିଡନୀ ଏବଂ ଯକୃତ ସୁସ୍ଥ ରହିଥାଏ।

ଶକ୍ତି ସ୍ତର ବୃଦ୍ଧି ହୁଏ: ଗଜା ମୁଗ ଖାଇଲେ ଶରୀରକୁ ଏନର୍ଜି ମିଳେ। ଅର୍ଥାତ୍ ଶରୀରର ଶକ୍ତି ସ୍ତର ବୃଦ୍ଧି ପାଇଥାଏ। ଫଳରେ ଦୁର୍ବଳ ଲାଗେନାହିଁ।

# ଗଣ୍ଠିବାତରୁ ରକ୍ଷା କରିବ ଅମୃତଭଣ୍ଡା ଜୁସ୍



ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ଆଣ୍ଠୁଗଣ୍ଠିବାତ ଏକ ସାଧାରଣ ରୋଗ ପାଲଟିଛି। ଘରେ ଘରେ ଏବେ ଏହି ସମସ୍ୟା। କିନ୍ତୁ ଏହାକୁ ଅଣଦେଖା ନକରି ଉଚିତ୍ ଯତ୍ନ ନେଲେ ଆରୋଗ୍ୟ ସୁନିଶ୍ଚିତ। ଚାହିଁଲେ ଆପଣ ଏହାକୁ ଘରେ ବସି ଖୁବ୍ ସହଜ ଓ ସରଳ ଉପାୟରେ ଭଲ କରିପାରିବେ। ଏଥିପାଇଁ ଆପଣଙ୍କୁ କଂଚା ଅମୃତଭଣ୍ଡାର ଜୁସ୍ ସେବନ କରିବାକୁ ପଡ଼ିବ। ଗଣ୍ଠି ସମସ୍ୟା ଖୁବ୍ ଯନ୍ତ୍ରଣାଦାୟକ ହୋଇଥାଏ। କେତେବେଳେ ହାତ ବିନ୍ଧିଥାଏ ତ କେବେ ଗୋଡ଼ରେ ଯନ୍ତ୍ରଣା ଅନୁଭୂତ ହୁଏ। ନଚେତ୍ ସର୍ବଦା ଥକ୍କାପଣ, ଅନିଦ୍ରା ଓ ମାଂସପେଶୀ ଜନିତ ଯନ୍ତ୍ରଣା ଭୋଗିବାକୁ ପଡ଼େ। ଶରୀରରେ ଏଷ୍ଟ୍ରୋଜେନ୍ ଅଭାବରୁ ଏହି ସମସ୍ୟା ଉପୁଜିଥାଏ। ଏହା ଅଧିକାଂଶ ମହିଳାଙ୍କ ନିକଟରେ ଦେଖିବାକୁ ମିଳେ। ଥାଇରଏଡ଼ କାରଣରୁ ମଧ୍ୟ ଗଣ୍ଠି ବିନ୍ଧା ସମସ୍ୟା ଉପୁଜିଥାଏ। ତ୍ୱଚା କିମ୍ୱା ରକ୍ତ ସମ୍ବନ୍ଧିତ ରୋଗ ହେଲେ ବି ଅସ୍ଥିର ଯନ୍ତ୍ରଣା ଉତ୍ପନ୍ନ ହୁଏ। ପୋଷକତତ୍ତ୍ୱର ଅଭାବ କାରଣରୁ ଅନେକ ଥର ରିହ୍ୟୁମେଟୋଇଡ୍ ଆର୍ଥରାଇଟସ ହୋଇଥାଏ, ଯଦ୍ୱାରା ଗଣ୍ଠି ଯନ୍ତ୍ରଣା ହୋଇଥାଏ। ଏଥିରୁ ଆରୋଗ୍ୟ ପାଇଁ ବାରମ୍ବାର ଡାକ୍ତରୀ ପରାମର୍ଶ ସାଙ୍ଗକୁ ହଜାର ହଜାର ଟଙ୍କାର ଔଷଧ ସେବନ କରିବାକୁ ପଡ଼େ। କିନ୍ତୁ କମ୍ ଖର୍ଚ୍ଚରେ, ଘରୋଇ ଉପାୟରେ ଅମୃତଭଣ୍ଡା ଜୁସ୍ ପିଇଲେ ଏଥିରେ ଆରାମ ମିଳିବ। ଏଥପାଇଁ ୨ ଲିଟର ପାଣିରେ ଏକ ମଧ୍ୟମ ଆକାରର କଂଚା ଅମୃତଭଣ୍ଡାକୁ ଭଲଭାବେ ଧୋଇ ଦିଅନ୍ତୁ।



ଏହାପରେ ଅମୃତଭଣ୍ଡାକୁ ଛୋଟ ଛୋଟ ପିସ୍ କରି ୫ମିନିଟ ପାଇଁ ସିଝାନ୍ତୁ। ୨ ଚାମଚ ଗ୍ରୀନ ଟିରେ ଏହାକୁ ପକାଇ କିଛି ସମୟ ଫୁଟିବାକୁ ଛାଡ଼ନ୍ତୁ। ଫୁଟିଲାପରେ ପ୍ରତିଦିନ ଏହାକୁ ଗିଲାସେ ଲେଖାଏଁ ସେବନ କରନ୍ତୁ।

# ଷୋଡ଼ଶ ଅର୍ଥ ଆୟୋଗ: ରାଜ୍ୟ ସ୍ୱାର୍ଥକୁ ଅଣଦେଖା କରି କେନ୍ଦ୍ରର ଆବଶ୍ୟକତାକୁ ଅଗ୍ରାଧିକାର ?

ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆର୍ଥିକ ସଂଘବାଦର ମୂଳଦୁଆ ହେଉଛି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ୍ବଳର ସୁଷମ ବଣ୍ଟନ । ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ, ପ୍ରତି ପାଞ୍ଚ ବର୍ଷରେ ଗଠିତ ହେଉଥିବା ଅର୍ଥ ଆୟୋଗ ଏହି ଗୁରୁଦାୟିତ୍ୱ ବହନ କରିଥାନ୍ତି ଯେ କିପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜର ଆର୍ଥିକ ଆବଶ୍ୟକତା ପୂରଣ କରିପାରିବେ । କିନ୍ତୁ ନିକଟରେ ଷୋଡ଼ଶ ଅର୍ଥ ଆୟୋଗ ଦ୍ୱାରା ଦିଆଯାଇଥିବା ସୁପାରିଶଗୁଡ଼ିକ ଏକ ଗମ୍ଭୀର ବିତର୍କ ସୃଷ୍ଟି କରିଛି । ରାଜ୍ୟମାନଙ୍କର ବ୍ୟାପକ ସହମତି ଏବଂ ଦାବି ସତ୍ତ୍ୱେ, ଆୟୋଗ କେନ୍ଦ୍ର ସରକାରଙ୍କ ପ୍ରାଥମିକତାକୁ ଅଧିକ ଗୁରୁତ୍ୱ ଦେଇଥିବା ପରି ମନେହେଉଛି । ବିଶେଷକରି, କର ବଣ୍ଟନ ହାରକୁ ୪୧ ପ୍ରତିଶତରେ ସୀମିତ ରଖିବା ଏବଂ ଉପକର (**Cess**) ଓ ଅଧିକର (**Surcharge**) ଉପରେ କୌଣସି ନିୟନ୍ତ୍ରଣ ନ ଲଗାଇବା ଦ୍ୱାରା ରାଜ୍ୟମାନଙ୍କର ଆର୍ଥିକ ସ୍ୱାଧୀନତା ସଙ୍କୁଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

ଏହି ବିତର୍କର ମୂଳକୁ ଯିବା ପୂର୍ବରୁ ଆମକୁ ବୁଝିବାକୁ ହେବ ଯେ ଷୋଡ଼ଶ ଅର୍ଥ ଆୟୋଗ କେନ୍ଦ୍ରୀୟ ଟିକସରୁ ରାଜ୍ୟମାନଙ୍କୁ ମିଳୁଥିବା ଅଂଶ ବା 'ଭର୍ଟିକାଲ୍ ଡିଭୋଲ୍ୟୁସନ୍'କୁ ୪୧ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି । ଯଦିଓ ଏହା ପଞ୍ଚଦଶ ଅର୍ଥ ଆୟୋଗର ସୁପାରିଶ ସହ ସମାନ, ତଥାପି ବାସ୍ତବ ଚିତ୍ରଟି ଭିନ୍ନ ଅଟେ । ସମସ୍ୟାଟି କେବଳ ଏହି ଶତକଡ଼ା ହାରରେ ନାହିଁ, ବରଂ ସମସ୍ୟା ରହିଛି ସେହି 'ବିଭାଜ୍ୟ ପାଣ୍ଠି' ବା ଡିଭିଜିବଲ୍ ପୁଲ୍ (**Divisible Pool**)ର ଆକାରରେ, ଯେଉଁଥିରୁ ଏହି ୪୧ ପ୍ରତିଶତ ଅର୍ଥ ରାଜ୍ୟମାନଙ୍କୁ ମିଳିଥାଏ । ସମ୍ବିଧାନ ଅନୁଯାୟୀ, କେନ୍ଦ୍ର ସରକାର ଆଦାୟ କରୁଥିବା ସମସ୍ତ ଟିକସରୁ ଉପକର (**Cess**) ଏବଂ ଅଧିକର (**Surcharge**)କୁ ବାଦ୍ ଦେଲା ପରେ ଯାହା ବଳକା ରହେ, ତାହାକୁ ବିଭାଜ୍ୟ ପାଣ୍ଠି କୁହାଯାଏ । ଦୁର୍ଭାଗ୍ୟବଶତଃ, ବିଗତ କିଛି ବର୍ଷ ମଧ୍ୟରେ କେନ୍ଦ୍ର ସରକାର ମୂଳ ଟିକସ ବଦଳରେ ଉପକର ଓ ଅଧିକର ମାଧ୍ୟମରେ ରାଜସ୍ୱ ଆଦାୟ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ଯେହେତୁ ଏହି ଉପକର ଓ ଅଧିକର ରାଶି ରାଜ୍ୟମାନଙ୍କ ସହ ଭାଗ କରିବାକୁ ପଡ଼େନାହିଁ, ତେଣୁ କେନ୍ଦ୍ର ସରକାରଙ୍କ ରାଜସ୍ୱ ବଢୁଥିଲେ ମଧ୍ୟ ରାଜ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭାଜ୍ୟ ପାଣ୍ଠିର ଆକାର ଆନୁପାତିକ ଭାବେ ସଙ୍କୁଚିତ ହେବାରେ ଲାଗିଛି ।

ତଥ୍ୟ ଉପରେ ନଜର ପକାଇଲେ ଏହି ବୈଷମ୍ୟ ସ୍ପଷ୍ଟ ବାରି ହୋଇପଡ଼େ । ୨୦୧୩ ରୁ ୨୦୧୯ ମସିହା ମଧ୍ୟରେ, କେନ୍ଦ୍ର ସରକାର ଆଦାୟ କରୁଥିବା ପ୍ରତି ୧୦୦ ଟଙ୍କାରୁ ପ୍ରାୟ ୯୩ ରୁ ୯୫ ଟଙ୍କା ମୂଳ ଟିକସ ଆକାରରେ ଆସୁଥିଲା, ଯାହା ବିଭାଜ୍ୟ ପାଣ୍ଠିର ଅଂଶ ଥିଲା । ମାତ୍ର ୫ ରୁ ୭ ଟଙ୍କା ଉପକର ଓ ଅଧିକର ଆକାରରେ ଆଦାୟ ହେଉଥିଲା । କିନ୍ତୁ ୨୦୨୧-୨୨ ଆର୍ଥିକ ବର୍ଷ ବେଳକୁ ଚିତ୍ର ବଦଳିଗଲା । ପ୍ରତି ୧୦୦ ଟଙ୍କାର ଆଦାୟ ମଧ୍ୟରୁ ମୂଳ ଟିକସ ପରିମାଣ ୮୬.୫ ଟଙ୍କାକୁ ଖସି ଆସିଥିବା ବେଳେ ଉପକର ଓ ଅଧିକର ପରିମାଣ ୧୩.୫ ଟଙ୍କାକୁ ବୃଦ୍ଧି ପାଇଥିଲା । ଅର୍ଥାତ୍, ରାଜ୍ୟମାନେ ଯେଉଁ ପାଣ୍ଠିରୁ ଭାଗ ପାଆନ୍ତି, ସେହି ପାଣ୍ଠିର ମୂଳ ଆଧାରଟି ଦୁର୍ବଳ ହୋଇଯାଇଛି । ଆକଳନ କରାଯାଉଛି ଯେ ୨୦୨୫-୨୬ ବର୍ଷ ପାଇଁ କେନ୍ଦ୍ର ସରକାର ପ୍ରତି ୧୦୦ ଟଙ୍କାରୁ ପ୍ରାୟ ୧୧ ଟଙ୍କା କେବଳ ଉପକର ଓ ଅଧିକର ବାବଦରେ ଆଦାୟ କରିବେ । ଏହାର ଅର୍ଥ ହେଲା, ଯଦିଓ କାଗଜପତ୍ରରେ ରାଜ୍ୟମାନଙ୍କୁ ୪୧% ଅଂଶ ମିଳୁଛି, କିନ୍ତୁ ବାସ୍ତବରେ ସେମାନଙ୍କ ହାତକୁ ଆସୁଥିବା ଅର୍ଥର ପରିମାଣ କମିଯାଉଛି । ଏହା ଏକ ପ୍ରକାରର ପରୋକ୍ଷ ଆର୍ଥିକ କାଟ୍, ଯାହା ରାଜ୍ୟମାନଙ୍କ ବିକାଶମୂଳକ କାର୍ଯ୍ୟକୁ ବାଧାପ୍ରାପ୍ତ କରୁଛି ।

ସଂସଦରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୨୦୧୪-୧୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ପ୍ରାୟ ୪୪,୬୮୮ କୋଟି ଟଙ୍କା ଉପକର (ଜିଏସ୍‌ଟି କ୍ଷତିପୂରଣ ଉପକର ବ୍ୟତୀତ) ଆକାରରେ ଆଦାୟ କରିଥିଲେ । ୨୦୨୧-୨୨ ବେଳକୁ ଏହା ବୃଦ୍ଧି ପାଇ ୩,୫୨,୬୫୦ କୋଟି ଟଙ୍କାରେ ପହଞ୍ଚିଥିଲା ଏବଂ ୨୦୨୫-୨୬ ବେଳକୁ ଏହା ପ୍ରାୟ ୨,୫୧,୨୦୬ କୋଟି ଟଙ୍କା ହେବାର ଅନୁମାନ କରାଯାଉଛି । ସେହିପରି ଅଧିକର ବା ସରଚାର୍ଜ ଆଦାୟ ପରିମାଣ ୨୦୧୫ରେ ୧୫,୭୦୨ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୨ରେ ୪୦,୭୫୮ କୋଟି ଟଙ୍କାରେ ପହଞ୍ଚିଛି ଏବଂ ୨୦୨୬ ବେଳକୁ ଏହା ୧,୭୨,୫୦୦ କୋଟି ଟଙ୍କା ଛୁଇଁବାର ସମ୍ଭାବନା ରହିଛି । ଏହି ପରିସଂଖ୍ୟାନ ସ୍ପଷ୍ଟ କରୁଛି ଯେ କେନ୍ଦ୍ର ସରକାର କିପରି ରଣନୀତିକ ଭାବେ ନିଜର ଆୟ ବଢ଼ାଉଛନ୍ତି, କିନ୍ତୁ ସେହି ବର୍ଦ୍ଧିତ ଆୟର ଲାଭ ରାଜ୍ୟମାନଙ୍କୁ ଦେବାରୁ ବଞ୍ଚିତ କରୁଛନ୍ତି । ଷୋଡ଼ଶ ଅର୍ଥ ଆୟୋଗ ନିଜ ରିପୋର୍ଟରେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ୨୦୧୧-୧୨ରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୧.୧% ଅଣ-ବିଭାଜ୍ୟ ରାଜସ୍ୱ (ଉପକର ଇତ୍ୟାଦି) ଥିବାବେଳେ ୨୦୨୩-୨୪ ବେଳକୁ ଏହା ୨.୨%କୁ ବୃଦ୍ଧି ପାଇଛି । ଏହା ସତ୍ତ୍ୱେ ଆୟୋଗ ଏହି ପ୍ରବୃତ୍ତି ଉପରେ ରୋକ୍ ଲଗାଇବା ପାଇଁ କୌଣସି କଠୋର ପଦକ୍ଷେପ ନେଇନାହାନ୍ତି ।

ଓଡ଼ିଶା, କେରଳ, ତାମିଲନାଡୁ, ଗୁଜରାଟ ଏବଂ ହରିୟାଣା ଭଳି ପ୍ରାୟ ୧୮ଟି ରାଜ୍ୟ ଏକାଠି ହୋଇ କେନ୍ଦ୍ରୀୟ ଟିକସରେ ରାଜ୍ୟମାନଙ୍କ ଅଂଶକୁ ୪୧%ରୁ ବୃଦ୍ଧି କରି ୫୦% କରିବାକୁ ଦାବି କରିଥିଲେ । ଅନ୍ୟ କେତେକ ରାଜ୍ୟ ଏହାକୁ ୪୫% କିମ୍ବା ୪୮% କରିବାକୁ ଯୁକ୍ତି ବାଢ଼ିଥିଲେ । ରାଜନୈତିକ ମତଭେଦ ସତ୍ତ୍ୱେ ବିଭିନ୍ନ ଦଳ ଶାସିତ ରାଜ୍ୟମାନଙ୍କର ଏହି ବିରଳ ସହମତି ପ୍ରମାଣ କରୁଛି ଯେ ବର୍ତ୍ତମାନର ଆର୍ଥିକ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକ କେତେ ଚାପରେ ଅଛନ୍ତି । କିନ୍ତୁ କେନ୍ଦ୍ର ସରକାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି କର ବଣ୍ଟନରେ 'ସଂଯମତା' ରକ୍ଷା କରିବାକୁ ଯୁକ୍ତି ବାଢ଼ିଥିଲେ । ଦୁଃଖର ବିଷୟ ଯେ, ଅର୍ଥ ଆୟୋଗ ରାଜ୍ୟମାନଙ୍କର ଏହି ସାମୂହିକ ସ୍ୱରକୁ ଅଣଦେଖା କରି କେନ୍ଦ୍ରର ଯୁକ୍ତିକୁ ଗ୍ରହଣ କରିନେଲେ । ଆୟୋଗ ଯେଉଁ କାରଣ ଦର୍ଶାଇଛନ୍ତି, ତାହା ମୁଖ୍ୟତଃ କେନ୍ଦ୍ରର ସ୍ୱାର୍ଥ ରକ୍ଷା କରୁଥିବା ପରି ମନେହୁଏ ।

ଅର୍ଥ ଆୟୋଗଙ୍କ ଯୁକ୍ତି ହେଉଛି ଯେ ସମ୍ବିଧାନରେ ଉପକର ଓ ଅଧିକର ଉପରେ କୌଣସି ସୀମା ନିର୍ଦ୍ଧାରଣ କରାଯାଇନାହିଁ । ଯୁଦ୍ଧ, ଦୁର୍ଭିକ୍ଷ କିମ୍ବା ମହାମାରୀ ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ହାତରେ ପର୍ଯ୍ୟାପ୍ତ ଅର୍ଥ ରହିବା ଆବଶ୍ୟକ । ତେଣୁ ଏହା ଉପରେ କଟକଣା ଲଗାଇବା 'ଅବିବେକୀ' (**Imprudent**) ନିଷ୍ପତ୍ତି ହେବ ବୋଲି ଆୟୋଗ ମତ ଦେଇଛନ୍ତି । ଏହାଛଡ଼ା, ବଦଳୁଥିବା ବୈଦେଶିକ ସୁରକ୍ଷା ପରିସ୍ଥିତି ଦୃଷ୍ଟିରୁ ପ୍ରତିରକ୍ଷା ବଜେଟ୍ ବୃଦ୍ଧି ଏବଂ ଭିତ୍ତିଭୂମି ନିର୍ମାଣରେ କେନ୍ଦ୍ରର ଦକ୍ଷତାକୁ ଦର୍ଶାଇ ଆୟୋଗ କେନ୍ଦ୍ରକୁ ଅଧିକ ଅର୍ଥର ଆବଶ୍ୟକତା ଥିବା କଥା କହିଛନ୍ତି । କିନ୍ତୁ ଏଠାରେ ଏକ ବିରୋଧାଭାସ ଦେଖାଯାଏ । ଗୋଟିଏ ପଟେ ଆୟୋଗ କହୁଛନ୍ତି ଯେ ଦୀର୍ଘକାଳୀନ ଭିତ୍ତିରେ ଉପକର ଉପରେ ନିର୍ଭର କରିବା 'ଅବାଞ୍ଛିତ' ଏବଂ ଏହାଦ୍ୱାରା କେନ୍ଦ୍ର ସରକାର ମୂଳ ଟିକସ ବ୍ୟବସ୍ଥା ପ୍ରତି ଆଗ୍ରହ ହରାଇପାରନ୍ତି, ଯାହା ରାଜ୍ୟମାନଙ୍କ ପାଇଁ କ୍ଷତିକାରକ । କିନ୍ତୁ ଅନ୍ୟପଟେ, ସେମାନେ ଏହାକୁ ନିୟନ୍ତ୍ରଣ କରିବାକୁ ମନା କରୁଛନ୍ତି ଏବଂ ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ 'ପାରସ୍ପରିକ ବୁଝାମଣା' ଉପରେ ନିର୍ଭର କରିବାକୁ ପରାମର୍ଶ ଦେଉଛନ୍ତି । ଏହା ଏକ ପ୍ରକାରର ଦାୟିତ୍ୱରୁ ଓହରିଯିବା ଭଳି ମନେହୁଏ ।

ଆୟୋଗଙ୍କ ଏହି ଆଭିମୁଖ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଛିଡ଼ା କରୁଛି । ପ୍ରଥମତଃ, ସମ୍ବିଧାନ ପ୍ରଣେତାମାନେ କ'ଣ କେବେ କଳ୍ପନା କରିଥିଲେ ଯେ କେନ୍ଦ୍ର ସରକାର ମୂଳ ଟିକସ ଅପେକ୍ଷା ଉପକର ମାଧ୍ୟମରେ ଏତେ ବିପୁଳ ଅର୍ଥ ଆଦାୟ କରିବେ ? ଦ୍ୱିତୀୟତଃ, ଉପକର ଉପରେ ସୀମା ଲଗାଇବାକୁ 'ଅବିବେକୀ' କହି ଆୟୋଗ କ'ଣ ପରୋକ୍ଷରେ କେନ୍ଦ୍ରକୁ ମନମୁଖୀ ଆଚରଣ ପାଇଁ ଲାଇସେନ୍ସ ଦେଇନାହାନ୍ତି କି ? ତୃତୀୟତଃ, ଭିତ୍ତିଭୂମି ନିର୍ମାଣରେ କେନ୍ଦ୍ରର ଦକ୍ଷତା କଥା କହିବା ବେଳେ ଆୟୋଗ କ'ଣ ଭୁଲି ଯାଇଛନ୍ତି ଯେ ଓଡ଼ିଶା ଭଳି ଅନେକ ରାଜ୍ୟ ସୀମିତ ସମ୍ବଳ ସତ୍ତ୍ୱେ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଛନ୍ତି ? ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା ଏବଂ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ରାଜ୍ୟ ତାଲିକାରେ ରହିଛି ଏବଂ ଏଗୁଡ଼ିକର ପରିଚାଳନା ପାଇଁ ରାଜ୍ୟମାନଙ୍କୁ ବିପୁଳ ଅର୍ଥ ଆବଶ୍ୟକ ହୁଏ । ଯଦି ରାଜ୍ୟମାନଙ୍କ ପାଖରେ ସତରେ 'ପର୍ଯ୍ୟାପ୍ତ' ସମ୍ବଳ ଥାଆନ୍ତା, ତେବେ ସବୁ ରାଜ୍ୟ ଏକସ୍ୱରରେ ଅଧିକ ଅର୍ଥ ଦାବି କରନ୍ତେ କାହିଁକି ?

ପରିଶେଷରେ, ଷୋଡ଼ଶ ଅର୍ଥ ଆୟୋଗର ସୁପାରିଶ ରାଜ୍ୟମାନଙ୍କ ପାଇଁ ଏକ ନିରାଶାଜନକ ବାର୍ତ୍ତା ନେଇ ଆସିଛି । ଯେତେବେଳେ କେନ୍ଦ୍ର ସରକାର 'ସେସ୍' ଏବଂ 'ସରଚାର୍ଜ' ମାଧ୍ୟମରେ ବିଭାଜ୍ୟ ପାଣ୍ଠିକୁ ସଙ୍କୁଚିତ କରୁଛନ୍ତି, ସେତେବେଳେ ୪୧%ର ଅପରିବର୍ତ୍ତିତ ହାର ବାସ୍ତବରେ ରାଜ୍ୟମାନଙ୍କ ଭାଗ କମାଇବା ସହ ସମାନ । ଏକ ସୁଦୃଢ଼ ଭାରତ ଗଠନ ପାଇଁ ଶକ୍ତିଶାଳୀ କେନ୍ଦ୍ର ଯେତିକି ଜରୁରୀ, ସଶକ୍ତ ରାଜ୍ୟ ମଧ୍ୟ ସେତିକି ଅପରିହାର୍ଯ୍ୟ । ଅର୍ଥ ଆୟୋଗ ଏହି ସନ୍ତୁଳନ ରକ୍ଷା କରିବାରେ ବିଫଳ ହୋଇଥିବା ପରି ମନେହୁଏ । ଆଗାମୀ ଦିନରେ ଏହି ଅସନ୍ତୁଳନ ଦୂର କରିବା ପାଇଁ ଏକ ବୃହତ୍ତର ସାମ୍ବିଧାନିକ ସଂଶୋଧନ କିମ୍ବା କେନ୍ଦ୍ର-ରାଜ୍ୟ ମଧ୍ୟରେ ଏକ ନୂତନ ଆର୍ଥିକ ବୁଝାମଣାର ଆବଶ୍ୟକତା ରହିଛି ।



# କୃତ୍ରିମ ବୁଦ୍ଧିମତ୍ତା : ସମ୍ଭାବନା, ବ୍ୟବହାର ଓ ଆହ୍ୱାନ



## ନାରାୟଣ ଚନ୍ଦ୍ର ବିଶ୍ୱାଳ

କିଛି ଦଶନ୍ଧି ପୂର୍ବରୁ, ଏକ ଯନ୍ତ୍ର କବିତା ଲେଖିପାରିବ, ସଙ୍ଗୀତ ରଚନା କରିପାରିବ କିମ୍ବା ଏକ ଚିତ୍ର ଆଙ୍କିପାରିବ ଏହି ଧାରଣା ସମ୍ପୂର୍ଣ୍ଣ କଳ୍ପନାପରି ଶୁଭୁଥିଲା । କିନ୍ତୁ ଆଜି ଏହି କଳ୍ପନା ବାସ୍ତବତାରେ ପରିଣତ ହୋଇଛି । କୃତ୍ରିମ ବୁଦ୍ଧିମତ୍ତା - ବା ଏଆଇ - କଳ୍ପନା ଏବଂ କଳାର ଦୁନିଆରେ ପାଦ ଦେଇଛି, ଯାହା ମଣିଷ ଏବଂ ଯନ୍ତ୍ରର ସୃଜନଶୀଳତା ମଧ୍ୟରେ ରେଖାକୁ ଝାପସା କରିଦେଇଛି । ଏହା ଆମେ କିପରି କାମ କରିବୁ, ଚିନ୍ତା କରିବୁ ଏବଂ ସୃଷ୍ଟି କରିବୁ ତାହା ଉପରେ ମଧ୍ୟ ପ୍ରଭାବ ପକାଉଛି । ବର୍ତ୍ତମାନ ବଡ଼ ପ୍ରଶ୍ନ ହେଉଛି ଯନ୍ତ୍ରଟିଏ ମଣିଷ ଭଳି ଚିନ୍ତା କରିପାରିବ ଓ କିଛି ସୃଷ୍ଟି କରିପାରିବ ନାହିଁ । କୃତ୍ରିମ ବୁଦ୍ଧିମତ୍ତା କମ୍ପ୍ୟୁଟର ବିଜ୍ଞାନର ଏକ ଶାଖା ରୂପେ ଆରମ୍ଭ ହୋଇଥିଲା । ଏହାର କାମ ଥିଲା ମେଶିନ ଗୁଡ଼ିକୁ ମଣିଷ ପରି ଆଚରଣ ବା ଚିନ୍ତା କରିବାର ତାଲିମ ଦେବା । ଏହା କମ୍ପ୍ୟୁଟର ଗୁଡ଼ିକକୁ ଅଭିଜ୍ଞତାରୁ ଶିଖିବା, ଆକୃତି ଚିହ୍ନିବା ଏବଂ ନିଷ୍ପତ୍ତି ନେବାର ଶକ୍ତି ପ୍ରଦାନ କରେ । ଯେତେବେଳେ ଆପଣ ରାସ୍ତା ଖୋଜିବା ପାଇଁ ଗୁଗୁଲ ମେପସ ବ୍ୟବହାର କରନ୍ତି ବା ସ୍ମାର୍ଟଫୋନ ଆପଣଙ୍କ ମୁହଁକୁ ଚିହ୍ନି ଅନଲକ ହୁଏ, କିମ୍ବା ଯେତେବେଳେ ନେଟଫ୍ଲିକ୍ସ ଆପଣଙ୍କ ପସନ୍ଦର ଚଳଚ୍ଚିତ୍ର ସୁପାରିଶ କରେ ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା ଚୁପଚାପ ତାର କାମ କରୁଥାଏ । ଆମ ଅଜାଣତରେ ଆମର ଘର, ଫୋନ, ଅଫିସ ଏବଂ ଏପରିକି ଆମ କଳ୍ପନାରେ ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା ପ୍ରବେଶ କରିସାରିଲାଣି ।

ସୃଜନଶୀଳତା ହେଉଛି ମଣିଷର ସବୁଠାରୁ ଅନନ୍ୟ ଗୁଣ ମଧ୍ୟରୁ ଗୋଟିଏ । ଏହା ହେଉଛି ସ୍ଫୁଲିଙ୍ଗ, ଯାହା ଆମକୁ ଉଦ୍ଭାବନ, ଚିତ୍ର ଆଙ୍କିବା, ଗୀତ ଲେଖିବା ଏବଂ ନୂତନ ଉପାୟରେ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ । ସୃଜନଶୀଳତା କେବଳ କଳାକାର କିମ୍ବା ଲେଖକଙ୍କ ମଧ୍ୟରେ ସୀମିତ ନୁହେଁ । ଜଣେ ଚାଷୀ ଯିଏ ଚାଷ କରିବାର ଏକ ଉତ୍ତମ ଉପାୟ ଖୋଜନ୍ତି, ଜଣେ ଶିକ୍ଷକ ଯିଏ ଶିକ୍ଷା ଦେବା ପାଇଁ ଏକ ମଜାଦାର ଉପାୟ ବାହାର କରନ୍ତି, କିମ୍ବା ଜଣେ ବୈଜ୍ଞାନିକ ଯିଏ ଏକ ନୂତନ ଔଷଧ ଆବିଷ୍କାର କରନ୍ତି ସମସ୍ତେ ନିଜର ସୃଜନଶୀଳତା ବ୍ୟବହାର କରନ୍ତି, ଯାହା କଳ୍ପନା, ଭାବନା ଏବଂ ଅଭିଜ୍ଞତାରୁ ଆସେ । ଆମେ ସୃଷ୍ଟି କରିପାରୁ କାରଣ ଆମେ ଅନୁଭବ କରୁ ଓ ଚିନ୍ତା କରିପାରୁ । ଜଣେ କବି ଶବ୍ଦ ମାଧ୍ୟମରେ ଆନନ୍ଦ, ଦୁଃଖ କିମ୍ବା ପ୍ରେମ ପ୍ରକାଶ କରନ୍ତି । ଚିତ୍ରକର ସେମାନଙ୍କର ଅନ୍ତର୍ନିହିତ କଳାକୁ କାନଭାସରେ ଚିତ୍ର ରୂପେ ଗଢ଼ି ତୋଳନ୍ତି । ଜଣେ ସଂଗୀତଜ୍ଞ ନିଜର ଭାବନାକୁ ସୁରରେ ପରିଣତ କରନ୍ତି । ଏହି ସୃଷ୍ଟି ଗୁଡ଼ିକ ମଣିଷ ମନର ଓ ଚିନ୍ତା ଶକ୍ତିର ପରିପ୍ରକାଶ ବହନ କରେ । ତେଣୁ ଯେତେବେଳେ ଆମେ କହୁ ଯେ ଏକ ଯନ୍ତ୍ର ଏବେ ସୃଷ୍ଟି କରିପାରିବ ବା ଚିନ୍ତା କରିପାରିବ ଏହା ସ୍ୱାଭାବିକ ଭାବରେ ସନ୍ଦେହ ସୃଷ୍ଟି କରେ ଭାବନା କିମ୍ବା ଚେତନା ବିନା ପ୍ରକୃତରେ କ'ଣ ଏକ ଯନ୍ତ୍ର ସୃଜନଶୀଳ ହୋଇପାରିବ ? ବିଗତ ଅଳ୍ପ କିଛି ବର୍ଷ ମଧ୍ୟରେ ଏଆଇ ମାନବ ଜୀବନର ପ୍ରାୟ ସମସ୍ତ କ୍ଷେତ୍ରରେ ପ୍ରବେଶ କରିଛି ଏବଂ ଆର୍ଥିକଓ ସାମାଜିକ ପରିବର୍ତ୍ତନ ଆଣୁଛି । କୃଷି କ୍ଷେତ୍ରରେ ଏଆଇର ବ୍ୟବହାର ବ୍ୟାପକ ହେବାରେ ଲାଗିଛି । କୃଷି ଉତ୍ପାଦନ ଓ ପ୍ରଶାସନ କ୍ଷେତ୍ରରେ ଏଆଇ ଅନେକ ସହାୟତା କରିପାରୁଛି । ଡ୍ରୋନ ଓ ସେନସର ଦ୍ୱାରା ଫସଲର ଅବସ୍ଥା, ମାଟିର ଆର୍ଦ୍ରତା ଓ ଉର୍ବରତା ମାପ ଯାଇ ପାରୁଛି । ଉପଗ୍ରହ ତଥ୍ୟ ଓ ମେଶିନ ଲର୍ଣ୍ଣିଂ ମଡ଼େଲ ଦ୍ୱାରା ପାଣିପାଗ ଓ ଫସଲ ଉତ୍ପାଦନର ପୂର୍ବାନୁମାନ ସମ୍ଭବ ହୋଇଛି । ଏଆଇ ଆଧାରିତ ସ୍ମାର୍ଟ ଜଳ ସେଚନ ଓ କୀଟପତଙ୍ଗ ନିୟନ୍ତ୍ରଣ ପ୍ରଣାଳୀ ଚାଷୀଙ୍କୁ ବହୁ ପରିମାଣରେ ସାହାଯ୍ୟ କରୁଛି ।

ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଦେଖିଲେ, ସ୍ୱାସ୍ଥ୍ୟ ସେବାରେ ଏଆଇର ଅବଦାନ ଅସାଧାରଣ । ରୋଗ ଚିହ୍ନଟରେ ଏଆଇ ଡାକ୍ତରମାନଙ୍କୁ ଅନେକ ମାତ୍ରାରେ ସହାୟତା କରୁଛି । ଯେପରି ଏକ୍ସରେ, ଏମଆରଆଇ ଓ ସିଟି ସ୍କାନରେ କ୍ୟାନସର କିମ୍ବା ଅନ୍ୟ ରୋଗ ଚିହ୍ନଟ ଏଆଇ ଦ୍ୱାରା ସହଜ ହୋଇଛି । ଏଥିସହିତ, ଏଆଇ ଦ୍ୱାରା ନୂଆ ଔଷଧ ଆବିଷ୍କାର ଓ ବ୍ୟକ୍ତିଗତ ଚିକିତ୍ସାରେ ଅଗ୍ରଗତି ହେଉଛି । ଭର୍ଚୁଆଲ ହେଲଥ ଆସିଷ୍ଟାଣ୍ଟ ଓ ଚାଟବଟ୍ ରୋଗୀମାନଙ୍କୁ ଅନେକ ସୁବିଧା ଯୋଗାଇ ଦେଉଛି । ଶିକ୍ଷା କ୍ଷେତ୍ର ମଧ୍ୟ ଏଥିରେ ପଛରେ ପଡ଼ିନାହିଁ । ଏଆଇର ସର୍ବାଧିକ ବ୍ୟବହାର ଶିକ୍ଷା କ୍ଷେତ୍ରରେ ହେଉଛି । ଉଭୟ ଛାତ୍ର ଓ ଶିକ୍ଷକ ଏଆଇରୁ ଅନେକ ମାତ୍ରାରେ ଲାଭବାନ ହୋଇପାରିଛନ୍ତି । **"Adaptive Learning Platforms'** ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ଅନୁସାରେ ଶିକ୍ଷା ସାମଗ୍ରୀ ଦିଆଯାଇପାରୁଛି । ଏଥି ସହିତ, ସ୍ୱୟଂଚାଳିତ ମୂଲ୍ୟାୟନ, ପରିଣାମ ବିଶ୍ଳେଷଣ ଓ ନିଜସ୍ୱ ଶିକ୍ଷା ସହାୟକ (**Altutors**) ମାଧ୍ୟମରେ ଶିକ୍ଷା ଅଧିକ ପ୍ରାସଙ୍ଗିକ ହୋଇଛି । ଭାଷା ଶିକ୍ଷା, ଅନଲାଇନ କୋର୍ସ ଓ ଶିକ୍ଷକ ସହାୟକରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ।

ଆର୍ଥିକ ଓ ବ୍ୟାଙ୍କିଂ କ୍ଷେତ୍ରରେ ମଧ୍ୟ ଏଆଇର ବ୍ୟବହାରିତା ବଢୁଛି । ଆର୍ଥିକ କ୍ଷେତ୍ରରେ ଏଆଇର ମୁଖ୍ୟ ପ୍ରୟୋଗ ହେଉଛି ଠକେଇ ଚିହ୍ନଟ, ବିଶ୍ଳେଷଣ ଓ ଆର୍ଥିକ ଉପଦେଶ । ବ୍ୟାଙ୍କ ଓ ବୀମା ସଂସ୍ଥାଗୁଡ଼ିକ ଏଆଇ ଆଧାରିତ ଚାଟବଟ୍ ଦ୍ୱାରା ଗ୍ରାହକ ସେବା ଦେଉଛନ୍ତି । ଅଲଗୋରିଥମିକ ଟ୍ରେଡ଼ିଂ ଦ୍ୱାରା ଅଳ୍ପ ସମୟରେ ବଡ଼ ବ୍ୟବସାୟିକ ନିଷ୍ପତ୍ତି ନିଆଯାଉଛି । ଉତ୍ପାଦନ ଓ ଶିଳ୍ପ କ୍ଷେତ୍ରରେ ଏଆଇର ଆଧାରିତ ରୋବୋଟିକ୍ସ ଦ୍ୱାରା ଶିଳ୍ପ କାର୍ଯ୍ୟ ଦ୍ରୁତ ଓ ନିଖୁଣ ଭାବରେ ହୋଇପାରୁଛି । ଯଥାନୁସମୟ ମରାମତି କାର୍ଯ୍ୟ ପ୍ରଣାଳୀ ଦ୍ୱାରା ଯନ୍ତ୍ର ଭାଙ୍ଗିବା ପୂର୍ବରୁ ତାହାକୁ ଚିହ୍ନଟ କରି ମରାମତି କରାଯାଉ ପାରୁଛି । ଜଟିଳ ଯନ୍ତ୍ରପାତି ଗୁଡ଼ିକର ସଠିକ ସମସ୍ୟା ଚିହ୍ନଟ ଦ୍ୱାରା ମରାମତି କାର୍ଯ୍ୟ ସ୍ୱଳ୍ପ ସମୟରେ କରାଯାଇ ପାରୁଛି । ଏହା ଉତ୍ପାଦନ ଖର୍ଚ୍ଚ କମାଏ ଓ ଦକ୍ଷତା ବଢ଼ାଏ । ପରିବହନ ଓ ଲଜିଷ୍ଟିକ ଏଆଇ ଆଧାରିତ ସ୍ୱୟଂଚାଳିତ ଯାନ ଓ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥାପନରେ ପରିବହନ ବ୍ୟବସ୍ଥା ଅନେକ ମାତ୍ରାରେ ସୁଧୁରୁଛି । ସଠିକ ରାସ୍ତା ଚିହ୍ନଟ ଏବଂ ଦ୍ରବ୍ୟ ହସ୍ତାନ୍ତରରୁ ପୂର୍ବାନୁମାନ ଦ୍ୱାରା ଲଜିଷ୍ଟିକ କ୍ଷେତ୍ରରେ ସମୟ ଓ ଅର୍ଥ ଉଭୟ ସଞ୍ଚୟ ହୋଇପାରୁଛି । ଶାସନ ଓ ପ୍ରଶାସନ ମଧ୍ୟ ଏଆଇ ଦ୍ୱାରା ନିୟନ୍ତ୍ରଣର ଅଧିକ ବିଧିବ୍ୟବସ୍ଥା ସବୁ ଆସୁଛି । ଏଆଇ ଦ୍ୱାରା ପ୍ରଶାସନ ଓ ସାର୍ବଜନୀକ ସେବା ଅଧିକ ପ୍ରଭାବଶାଳୀ ହୋଇପାରେ । ତଥ୍ୟ ବିଶ୍ଳେଷଣ ଦ୍ୱାରା ସରକାରୀ ଯୋଜନା, ଯୋଗାଯୋଗ ଓ ନୀତି ନିର୍ଦ୍ଧାରଣ ସୁଧାରିପାରେ । କୃତ୍ରିମ ବୁଦ୍ଧିମତ୍ତା ମାନବ ସୃଜନଶୀଳତାକୁ ବଦଳାଇ ପାରିବ କି ନାହିଁ ପଚାରିବା ପରିବର୍ତ୍ତେ କିପରି ଏହା ସୃଜନଶୀଳତା ବୃଦ୍ଧି କରିପାରିବ ତାହା ଚିନ୍ତା କରିବା ଦରକାର । ଏହା ସତ୍ୟ ଯେ କୌଣସି ଶକ୍ତି ଉପକରଣ ପରି କୃତ୍ରିମ ବୁଦ୍ଧିମତ୍ତା ଅନେକ ଆହ୍ୱାନ ଓ ବିପଦ ଆଣିଥାଏ । ଭବିଷ୍ୟତର ମଣିଷ ବନାମ ଯନ୍ତ୍ର ବିଷୟରେ ନୁହେଁ ବରଂ ଯନ୍ତ୍ର ସହିତ କାମ କରୁଥିବା ମଣିଷ ବିଷୟରେ ହେବ । ଆସନ୍ତା କାଲିର କଳାକାର ଏକ ତୂଳୀ ଓ ଏକ କମ୍ପ୍ୟୁଟର ବ୍ୟବହାର କରିପାରନ୍ତି । ଲେଖକ ଜଣେ କୃତ୍ରିମ ବୁଦ୍ଧିମତ୍ତା ସହାୟକ ସହିତ ରଚନା କରିପାରନ୍ତି କିନ୍ତୁ ପ୍ରତ୍ୟେକ ନୂତନ ସୃଷ୍ଟି ପଛରେ ମାର୍ଗଦର୍ଶନ କରୁଥିବା ଏକ ମାନବର ଚିନ୍ତାଧାରା ଓ କାର୍ଯ୍ୟ ଯେ ରହିଛି ଏହାକୁ କେହି ଭୁଲିବା କଥା ନୁହେଁ । ଏହା ଶବ୍ଦାତୀର ଜଣେ ବିଶିଷ୍ଟ ବୈଜ୍ଞାନିକ ଷ୍ଟିଫେନ ହକିମ୍ ଆଶଙ୍କା ପ୍ରକାଶ କରିଥିଲେ ଯେ ଏଆଇ ଅଧିକ ସମ୍ମୁନ୍ନତ ହେଲେ ଏହା ବୁଦ୍ଧିମତ୍ତାରେ ମନୁଷ୍ୟକୁ ଅତିକ୍ରମ କରିଯାଇ ଶେଷରେ ମନୁଷ୍ୟକୁ ନିଜର ଦାସ କରିରଖିପାରେ । ବର୍ତ୍ତମାନର ସମୟକୁ ଦେଖିଲେ କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଆଧିପତ୍ୟ ବିସ୍ତାର କରିବା ନିମିତ୍ତ ଏକ ଯୁଦ୍ଧର ସ୍ଥିତି ସୃଷ୍ଟି ହେବାକୁ ଯାଉଛି ଯାହାଦ୍ୱାରା ନୈତିକତା ଓ ସଠିକତାରେ କୃତ୍ରିମ ବୁଦ୍ଧିମତ୍ତାର ଏହି ବିରାଟ ସମ୍ଭାବନା ଅନ୍ଧାରକୁ ଚାଲିନଯାଉ ।

+ବାକ୍ ଶ୍ରବଣ ବିଶେଷଜ୍ଞ,
'ଧ୍ୱନି' କାଠଗୋଲା ରୋଡ଼, କଟକ,
ମୋ: ୯୪୩୮୨୭୬୭୬୦

# ସାନ୍ତାଳୀ ସଂସ୍କୃତି ଓ ପରମ୍ପରାରେ 'ବାହାବଙ୍ଗା'



## ଦଶରଥ ହେମ୍ବ୍ରମ୍

ଆଦିବାସୀ ସାନ୍ତାଳମାନେ ହେଉଛନ୍ତି ପ୍ରକୃତିର ସନ୍ତାନ । ପ୍ରକୃତି କୋଳରେ ସେମାନେ ବଢ଼ି ମଣିଷ ହେଇଛନ୍ତି । ସେମାନଙ୍କ ଅତୁଟ ସମ୍ପର୍କ ପ୍ରକୃତି ସହିତ କେଉଁ ଆବାହନ କାଳରୁ ରହିଆସିଛି । ପ୍ରକୃତି ବିନା ସେମାନେ ବଞ୍ଚିବା ଭାରି କଷ୍ଟକର ହୋଇପଡ଼େ । ତେଣୁ ବଣ, ଜଙ୍ଗଲ, ପାହାଡ଼, ପର୍ବତ, ନଦୀ, ଝରଣା ଆଦି ସେମାନଙ୍କ ଜୀବନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେମାନେ ଜାଣନ୍ତି, ପ୍ରକୃତି ହିଁ ଆମକୁ ଜୀବନ ଦେଇଛି । ସୁରକ୍ଷିତ ରହିବା, ଖାଇବା, ପିଇବା ଇତ୍ୟାଦି ପ୍ରକୃତି ହିଁ ଦେଇଥାଏ ବୋଲି ସେମାନଙ୍କ ବିଶ୍ୱାସ ରହିଛି । ପ୍ରକୃତିରୁ ମିଳୁଥିବା ବିଭିନ୍ନ ପ୍ରକାର ଫୁଲ, ଫଳ, ପତ୍ର ଆଦି ସେମାନେ ଖାଇବା ଓ ବ୍ୟବହାର କରିବା ପୂର୍ବରୁ ଗ୍ରାମ ଦେବଦେବୀଙ୍କ ପାଖରେ ଅର୍ପଣ କରିଥାନ୍ତି । ତା'ପରେ ସେମାନେ ଖାଇଥାନ୍ତି ଓ ବ୍ୟବହାର କରନ୍ତି ।

ସାନ୍ତାଳମାନେ ପ୍ରକୃତି ପୂଜକ । ପ୍ରକୃତି ଅନୁସାରେ ପୂଜାପର୍ବ ପାଳନ କରିବାର ବିଧି ରହିଛି । ପ୍ରକୃତି ସହିତ ଜଡ଼ିତ ବାର ମାସରେ ତେର ପର୍ବ ସାନ୍ତାଳମାନେ ମହାଆଡ଼ମ୍ବର ସହକାରେ ପାଳନ କରିଥାନ୍ତି । ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରକୁ ଗଣନା କରି ପୂଜା କରିବାର ଶୁଭ ତିଥି ଧାର୍ଯ୍ୟ କରିଥାନ୍ତି । ତେବେ ସାନ୍ତାଳ ସମ୍ପ୍ରଦାୟରେ ପାଳିତ ହେଉଥିବା ପୂଜା ପର୍ବପର୍ବାଣି ଗୁଡ଼ିକ ମାଗ୍ ସିମ୍, ଏରଃ ସିମ୍, ହାରିୟାଳ ସିମ୍, ଏଳି ଗୁନ୍ଦଲୀ ନାୱାୟ, ଯାନ୍ତାଳ, ସହରାୟ, ସାକ୍ରାତ୍, ବାହାବଙ୍ଗା, ଆବ୍ ଗେ ବଙ୍ଗା, ସୀମା ବଙ୍ଗା, ଜମ୍ ସିମ୍, ମାଃମଣେ, କୁଟାମ୍ ଡାଙ୍ଗରା, କାରାମ୍, ଦାସାୟଂ ଆଦି ମଧ୍ୟରୁ ବାହାବଙ୍ଗା ସାନ୍ତାଳମାନଙ୍କ ସ୍ୱତନ୍ତ୍ର ।

ବାହାବଙ୍ଗା ସାନ୍ତାଳମାନଙ୍କ ଏକ ପ୍ରମୁଖ ପୂଜାପର୍ବ । ପ୍ରତି ସାନ୍ତାଳ ଗ୍ରାମରେ ବିଧି ଓ ତିଥି ଅନୁସାରେ ଫଗୁଣ ମାସର ଶୁକ୍ଳପକ୍ଷ ଠାରୁ ଆରମ୍ଭ କରି ଦଳପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ ହୁଏ । ଏହି ମହାପୂଜା ତିନିଦିନ ଧରି ଚାଲେ । ବାହାବଙ୍ଗା ଆରମ୍ଭ ହୁଏ 'ବଙ୍ଗାଉମ' ବା ଦେବସ୍ନାନ, ଯାହାକୁ ବାହାବଙ୍ଗାର ପ୍ରଥମ ଦିନ ବୋଲି ଗ୍ରହଣ କରାଯାଏ । ଗ୍ରାମବାସୀମାନେ ମିଶି ଜାହିରା ପୀଠରେ ଥିବା ଶାଳ ଗଛ ମୂଳରେ ଏକପାଖିଆ ଚାଳିଆ ପ୍ରସ୍ତୁତ କରିଥାନ୍ତି । ଏଥିରେ ତିନି ଠାକୁର ରହନ୍ତି । ମହୁଲ ଗଛ ମୂଳରେ ଗୋସାଇଁଏରା ପୂଜା ପାଆନ୍ତି । ପାଖାପାଖି ଅନ୍ୟାନ୍ୟ ବୃକ୍ଷମୂଳରେ ସୀମାଶାଳେବଙ୍ଗା ବାସ କରନ୍ତି । ଚାଳିଆ ତିଆରି କରିବା ପାଇଁ ଗ୍ରାମବାସୀମାନଙ୍କୁ ରୀତିନୀତି ଓ ବିଧି ଅନୁସାରେ ଉପବାସ ରହିବାକୁ ପଡ଼ିଥାଏ । ଚାଳିଆ ନିର୍ମାଣ ସରିଲା ପରେ ଗାଁର ପୁରୋହିତ ଚଟାଣକୁ ଗୋବରରେ ଲିପି ସଫା କରନ୍ତି । ତା'ପରେ ଗ୍ରାମ ପୁରୋହିତ ଦେବତାମାନଙ୍କୁ ସ୍ନାନ ସହିତ ବ୍ୟବହୃତ ଅସ୍ତ୍ରଶସ୍ତ୍ର ତଥା ତ୍ରିଶୂଳ, ଧନୁତୀର, ଟାଙ୍ଗୀ, କେନ୍ଦ୍ରା, ସିଙ୍ଘଶଙ୍ଖ, ବଇଁଶୀ ଆଦି ପାଣିରେ ଧୋଇ ସଫା କରିଥାନ୍ତି । ଗ୍ରାମବାସୀମାନେ ଏହି କାର୍ଯ୍ୟରେ ପୁରୋହିତଙ୍କୁ ସାହାଯ୍ୟ କରିଥାନ୍ତି । ପୁରୋହିତ ସମେତ ଚାଳିଆ ପ୍ରସ୍ତୁତ କରିଥିବା ଗ୍ରାମବାସୀମାନେ ଦିନସାରା ଉପବାସରେ ରହିଥାନ୍ତି ।

ବାହାବଙ୍ଗାର ଦ୍ୱିତୀୟ ଦିନ ଭୋରରୁ ପୁରୋହିତ ଏବଂ ଉପ-ପୁରୋହିତ ସ୍ନାନାଦି କାର୍ଯ୍ୟ ସାରନ୍ତି । ଏହି ଅବସରରେ ଉପ-ପୁରୋହିତ ପୂଜାପାଇଁ ଘଟ ଆଣନ୍ତି ଏବଂ ପୁରୋହିତ ନୂଆ କୁଲାରେ ସମସ୍ତ ପୂଜା ସରଞ୍ଜାମ ସଜାଇ ଜାହିରା ପୀଠକୁ ଯା'ନ୍ତି । ସେଠାରେ ଚାଳିଆ ତଳେ ପୂଜାପାଇଁ ଅରୁଆ ଚାଉଳ ତିଆରି ଚୂନାରେ 'ଖଣ୍ଡ' ପ୍ରସ୍ତୁତ କରନ୍ତି । ପୂଜା ସାମଗ୍ରୀ ମଧ୍ୟରେ କଅଁଳ ଶାଳଫୁଲ ଏବଂ ମହୁଲ ଫୁଲକୁ ମୁଖ୍ୟ ସାମଗ୍ରୀ ଭାବେ ନିଆଯାଇଥାଏ । ଗ୍ରାମର ମୁଖ୍ୟ ଦେବତା ମାରାଂବୁରୁ, ଜାହେର ଆୟୋ/ଜାହରଏରା, ମଣେକ-ତୁରୁୟକ, ଲିଟା ଗୋସାଇଁ, ଶିକାରୀ ଦେବଦେବୀ, ରଙ୍ଗବୁଢ଼ୀ, କୃଷିଦେବୀ ଆଦିଙ୍କ ନିକଟରେ ଆଣିଥିବା ଶାଳଫୁଲ ଏବଂ ମହୁଲ ଫୁଲକୁ ପୂଜାର୍ପଣ କରାଯାଏ । ଏହାସହିତ ଚିଙ୍ଗୁଡ଼ି, ପଳାଶ ପୁଷ୍ପ, ଆମ୍ବକଷି, ଆମ୍ବଡ଼ା ଓ ଅନ୍ୟାନ୍ୟ ଜଙ୍ଗଲଜାତ ଫୁଲଫଳକୁ ଜାହିରା ଠାକୁରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଏ । ଏହି ଅବସରରେ ଗ୍ରାମ ପୁରୋହିତଙ୍କ ସମେତ ସମସ୍ତେ ଗୁହାରି କରିଥାନ୍ତି - "ଜହାର ଗୋସାଇଁ, ମା' ତବେ, ନଃଅୟ ବାହାବଙ୍ଗା ଞୁତୁମତେ ଏମାମ କାନ ଚାଲାମ କାନାଲେ, କୁସିତେ ରାସ୍କାତେ ଆତାଙ୍ଗକାଃ ତେଲାକାଃ ତାଲେମେ । ଦେ ଏନଦ ନାଆଁ ବାହା, ନାଆଁ ଯଅ ଜମାଲେ ହାବ ଆଲେ, ଲାଜ ହାସୁ ବହଃ ହାସୁକ ଆଲମ ଶିରଜାଅ ଅଚୟ ସାଉଂ ରୋଗ ବେମାର, ବାଦୀ-ବାୟରି ଲାଗା ଗିଡି କାକ ମେ । କୁଳିକ ଲାଗିଦ ହଁ ଦିଶମ ପେଳାକ ଆୟୁର ଆଗୁ ସୁତୁଃ ଆଗୁ କମେ । କଳା କହଁ ଜାହାଁ କାମି ଲାଗିଦକ ସେନଃ ହର ତାକ ସାର କାଃ ସାଗୁନ କାଃ ମେ ।" ଅର୍ଥାତ- "ଜୁହାର ଗୋସାଇଁ, ଆଜି ବାହାପୂଜାରେ ଅର୍ପଣ କରୁଅଛୁ, ଖୁସିରେ ଗ୍ରହଣ କରିବ, ଏହି ଯେ ନୂଆ ଫଳ, ନୂଆ ପୁଷ୍ପକୁ ତୋଳିବୁ, ଖାଇବୁ, ଯେମିତି ପେଟ ବ୍ୟଥା, ମୁଣ୍ଡ ବ୍ୟଥା ନହେଉ । ରୋଗ, ବେମାର ଓ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରି ସେମାନଙ୍କୁ ଭଗେଇ ଦିଅ ଗୋସାଇଁ । ଯୁବତୀମାନଙ୍କ ପ୍ରସ୍ତାବ ଆଣିବାରେ ତୁମେ ହିଁ ସାହାଯ୍ୟ କରିବ । ଯୁବକମାନେ ତୁମରି ନାମ ନେଇ ଯେଉଁ ଶୁଭ କାର୍ଯ୍ୟରେ ଆଗେଇବେ, ସେମାନଙ୍କୁ ସଫଳ କରିବ ଗୋସାଇଁ ।" ବାହା ପୂଜାର ଶେଷ ପର୍ଯ୍ୟାୟରେ ପୁରୋହିତ ସମସ୍ତଙ୍କୁ ଫୁଲ ଦିଅନ୍ତି । ତା'ପରେ ସାନ୍ତାଳମାନେ ସେଦିନଠାରୁ ବନ୍ୟଜାତ ଫୁଲଫଳକୁ ଗ୍ରହଣ କରିନେଇଥାନ୍ତି । ଏହାପରେ ଯୁବକମାନେ କାନ କିମ୍ବା ପଗଡ଼ି ଓ ଯୁବତୀମାନେ ଖୋସାରେ ଶାଳଫୁଲ ଖୋସି ନୃତ୍ୟଗୀତ କରି ଗ୍ରାମାଭିମୁଖେ ଯାତ୍ରା କରିଥାନ୍ତି । ପୁରୋହିତ ଦମ୍ପତ୍ତି, ତାଙ୍କ ପଛକୁ ଉପ ପୁରୋହିତ ଦମ୍ପତି ଏବଂ ତାଙ୍କ ପଛକୁ ନୃତ୍ୟରତ ତରୁଣ ତରୁଣୀମାନେ ମାଦଳର ତାଳେତାଳେ ଏହି ଶୋଭାଯାତ୍ରାରେ ସେମାନଙ୍କୁ ନିଜ ଘରେ ପହଞ୍ଚାଇ ସାରିବା ପରେ ସମସ୍ତେ ନିଜନିଜ ଘରକୁ ଚାଲିଯାନ୍ତି । କଳାପ୍ରେମୀମାନେ ରାତିସାରା ନାଚଗୀତ ଆୟୋଜନ କରି ସମସ୍ତେ ହସଖୁସିରେ ଝୁମି ଯାଆନ୍ତି ।



ବାହାବଙ୍ଗାର ତୃତୀୟ ଦିନରେ ଅର୍ଥାତ 'ଆଗ ରାଳା' ଦିବସ ପ୍ରଥା ରହିଛି । ସାମାଜିକ ପ୍ରଥା ଅନୁସାରେ ଏହିଦିନରେ ଗ୍ରାମବାସୀମାନେ ବଣଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି । ପକ୍ଷୀ ହେଉ କିମ୍ବା ଯେ କୌଣସି ଜୀବଟିଏ ଶିକାର କରି ଆଣିଲେ ତାହା ଶୁଭ ବୋଲି ବିବେଚନା କରାଯାଏ । ସନ୍ଧ୍ୟା ସମୟରେ ପୁରୋହିତଙ୍କ ଘରେ 'ଆଗ ରାଳା' ମାଙ୍ଗଳିକ କାର୍ଯ୍ୟ ବିଧି ଅନୁସାରେ ସମ୍ପନ୍ନ ହୁଏ । ଏହି କାର୍ଯ୍ୟ ସାରିବା ପରେ ଉପବାସରେ ରହିଥିବା ପୁରୋହିତଙ୍କୁ ମୁକ୍ତ କରିବା ପାଇଁ ପ୍ରଥମେ ତାଙ୍କ ଘରେ ଉପପୁରୋହିତ ସମେତ ଅନ୍ୟମାନେ ହାଣ୍ଡିଆ ପିଇବାର ବ୍ୟବସ୍ଥା କେଉଁ କାଳରୁ ରହି ଆସିଛି । ଏହିପରି ଭାବରେ ତିନିଦିନ ଧରି ଚାଲିଥିବା ସାନ୍ତାଳମାନଙ୍କ ମହାପୂଜା ବାହାବଙ୍ଗାକୁ ହସ ଉଲ୍ଲାସରେ ବିଦାୟ ଦେଇଥାନ୍ତି ।

+ବାଲେଶ୍ୱର,
ମୋ -୯୩୩୭୪୦୪୨୫୪

## କବିତା କୋଣାର୍କ

### ବସନ୍ତ

**ମନୋଜ କୁମାର ମେହେର**



ବସୁଧା କୋଳରୁ ଶୀତ ନେଲା ବିଦାୟ,
ବସନ୍ତ ଆସିଲା ଆଣି ମୃଦୁ ମଳୟ ।।
ବଉଳରେ ପୁରିଗଲା ଆମ୍ର ବୃକ୍ଷ ଡାଳ,
ବନଭୂମେ କଅଁଳିଲା ପଲ୍ଲବ କଅଁଳା।
ବଗିଚାରେ ଫୁଟିଗଲା ନାନା ଜାତି ଫୁଲ,
ବିରି,ମୁଗ,କୋଳଥ ହୋଇଲା ଅମଳା।
ବରଷା କି ଶୀତର ନାହିଁ ତ ପ୍ରଭାବ,
ବୃକ୍ଷଲତା ସବୁଜିମା ସୁନ୍ଦର ଦିଶିବା।
ବିହଙ୍ଗେ ଆନନ୍ଦ ମନେ କୁହୁ କୁହୁ ରାବ,
ବିହରିବେ ଏଣେ ତେଣେ
ହୋଇ ସୁଖ ଭାବ।
ବସନ୍ତର ଆଗମନେ ଆସିଯିବ ଯାତ,
ବିହ୍ୱଳ ହୋଇବ ଭକ୍ତ ହୋଇ ଆନନ୍ଦିତ।।
ବସନ୍ତକୁ ଯେ ଋତୁରାଜ ନାମେ ପରିଚିତ,
ବିଭୂଷିତ ଦେଖାଯାଏ ଏ ସାରା ଜଗତ।।

+ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି
ମୋ-୯୩୩୭୭୯୩୧୫୭

### କାଳ୍ପନିକ ନାରୀ

**ରମେଶ ଚନ୍ଦ୍ର ନାୟକ**



ଆଙ୍କେ ସେ ଯେତିକି
ଦେଖେ ସେ ସେତିକି
ହାତେ ଧରି ତୂଳୀ ଟିଏ
ଆହାଃ କି ସୁନ୍ଦର କେଡେ ମନୋହର
ମୋ ମନକୁ କିଣି ନିଏ ।

ଛବି ଟିଏ ନୁହେଁ ଜୀବନ୍ତ ନାରୀଟି
ସତେ ଡାକେ ହାତ ଠାରି
ବାଟେ ଗଲା ଲୋକ ନଜର ପଡ଼ିଲେ
ଦେଖେ ଘଣ୍ଟା ଘଣ୍ଟା ଧରି ।

ବୟସ ଅନ୍ଦାଜ ବାଇଶି ଚବିଶି
ଚାହାଣୀ ପଡୁଛି ଝଡି
କାନରେ କୁଣ୍ଡଳ ମଥାରେ ସିନ୍ଦୁର
ହାତେ ନାଲି ଶଙ୍ଖା ଚୁଡି ।

ତା' ରୂପ ଲାବଣ୍ୟ କଲା ମୋତେ ଧନ୍ୟ
ଭାବେ ମୁଁ କରିବି ବିଭା
ହେଲେ ମୋ ଭାବନା
ହେଲା ବାଟବଣା
ହିନ୍ଦୁ ନାରୀ ସେ ସଧବା ।
ଚିତ୍ରକର ଭାଇ ପାଶେ ଗଲି ଧାଇଁ
କହିଲି ମୁଁ ହାତ ଯୋଡ଼ି
ଲିଭାଇ ଦିଅ ହେ ମଥାରେ ସିନ୍ଦୁର
କାଢି ଦିଅ ଶଙ୍ଖା ଚୁଡି ।

ସେ ସୁନ୍ଦରୀ ଝିଅ ଠିକଣା ଟା ଦିଅ
ପଚାରିବି ତାକୁ ମୁହିଁ
ବିବାହ କରିବି ସଂସାର ଗଢିବି
ଭୋଜି ଦେବି ସାଇଭାଇ ।

ଟିକେ ହସି ଦେଇ କହେ ଚିତ୍ରକର
କାଳ୍ପନିକ ଏକ ନାରୀ
ଯଦି ପାଇବାକୁ ଇଚ୍ଛା ଅଛି ତାକୁ
ଯାଅ ତୁମେ ସ୍ୱର୍ଗ ପୁରି ।

+ କେଶରପୁର,
ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦









# କୁକୁଡ଼ା ଆମର ଉପକାରୀ

## ତପନ ସାହୁ



'ଓ କୁକୁଡ଼ା ନନା....... କାଇଁକି ଏମିତି ପାଟି କରୁଛ ? ଦିନେ ଅଧେ ଶାନ୍ତିରେ ରହିଲେ ତୁମର କଣ ଟା କ୍ଷତି ହୋଇଯିବ କହିଲ ?' ଆଖି ମଳି ମଳି ଆସି କହିଲା ବିଲୁଆ।

ବିଲୁଆ ପକ୍ଷ ନେଇ ବାଘ ମାମୁ ବି ଯୋଡିଦେଲା ତାର ଅଭିଯୋଗ ଫର୍ଦ୍ଦ, 'କେଡେ ଭଲ ସ୍ୱପ୍ନଟିଏ ଦେଖୁଥିଲି ମୁଁ । ଏ କୁକୁଡ଼ା ଭାଇର କର୍କଶ ଡାକରେ ସବୁ ଭାଙ୍ଗିଗଲା । ପଇସା ଦେଲେ ସବୁ କିଣି ହେବ କିନ୍ତୁ ଭଲ ନିଦ କି ଭଲ ସ୍ୱପ୍ନଟିଏ କିଣି ହେବନି । ଭାଗ୍ୟକୁ ସେ ସୁଖ ଆପେ ମିଳିଛୁ ଯେ ସେଥିକୁ ବାଧା ଦେଉଛନ୍ତି ଏ କୁକୁଡ଼ା ଭାଇ । ଧେତ୍...'

ପ୍ରବଳ ରାଗରେ କାଉ ହାଇ ମାରି ମାରି କହିଲା, 'ଶଳା କି ପାଟିଟେ ରଖିଛି ଯେ, କାନରେ ତୁଳା ଦେଲେ ବି କିଛି କାମ ଦେଉନି । ମଣିଷ ଭଳା କେବେ ଦିନେ ମନ ପୁରେଇ ଶୋଇ ପାରିଲାନି।'

ସମସ୍ତଙ୍କ କଥାକୁ ବେଖାତିର କରି କୁକୁଡ଼ା କକରେ କଁ....କକରେ କଁ....ପାଟି କରି କରି ଆଗକୁ ବଢୁ ଥାଏ । ସମସ୍ତେ ଅନିଚ୍ଛା ସତ୍ୱେ ଶେଜ ଛାଡିବାକୁ ବାଧ୍ୟ ହେଉଥାନ୍ତି । ସେଇ ରାଗରେ କିଏ ପାଟି କରି ତ କିଏ ନୀରବରେ କୁକୁଡ଼ାକୁ ଗାଳି କରୁଥାଏ । ଯେ କେବଳ ଆଜିର କଥା ନୁହେଁ, ସବୁଦିନ ଏମିତି ହିଁ ହୁଏ ।

କିନ୍ତୁ ଦିନେ ଗୋଟିଏ ଘଟଣା ଘଟିଲା । ମାଙ୍କଡ଼ ଆସି ରାଗରେ କୁକୁଡ଼ାକୁ ଗୋଟିଏ ଚାପୁଡ଼ା ମାରିଦେଲା । କହିଲା, 'ତୋ କକରେ କଁ....କଣ ବ୍ରହ୍ମ ବାକ୍ୟ ଯେ ସବୁଦିନ ଶୁଣେଇବାକୁ ଚାଲି ଆସୁଛୁ ?'

କୁକୁଡ଼ା କହିଲା, 'ଭାଇ ଦେଖୁନ ସୂର୍ଯ୍ୟ ପରା ଆସିଲାଣି !'

'ସୂର୍ଯ୍ୟ ଆସିଲା ତ କଣ ହେଲା ସେଇଠୁ ? ପୃଥିବୀ ଓଲଟି ଗଲା ନା ସୁନାମି ଆସିଗଲା ? ଯେବେ ଦେଖ ଗୋଟିଏ କଁ... କଁ... ଲଗେଇଛି......'

ସେସବୁ କଥା କୁକୁଡ଼ାକୁ ଖୁବ୍ କଷ୍ଟ ଦେଲା । ସେ ସମସ୍ତଙ୍କୁ ଠିକ୍ ସମୟରେ ଉଠାଇ କଣ ଭୁଲ କରିଛି ? ଶେଷରେ ତାକୁ ମାଡ଼ ମଧ୍ୟ ଖାଇବାକୁ ପଡିଲା । କୁକୁଡ଼ାର ଆଖି ଛଳ ଛଳ ହୋଇ ଉଠିଲା । ସେ ନିଷ୍ପତ୍ତି ନେଲା ଯେ ସେ କାଲିଠାରୁ ଆଉ କାହାକୁ ଉଠାଇବନି ।

ତା 'ଆର ଦିନ ସକାଳ ହେଲା । କୁକୁଡ଼ା ଯେହେତୁ କାହାକୁ ଉଠାଇଲାନି କେହି ଉଠିଲେ ନାହିଁ । ସେଦିନ ସମସ୍ତେ ଡେରିରେ ଶେଜ ଛାଡିଲେ ।

ବାଘର ସେଦିନ ଅଫିସ୍ ଯିବାରେ ଡେରି ହେଲା । ଡେରିରେ କାର୍ଯ୍ୟାଳୟ ପହଂଚି ବଡ଼ ବାବୁଠାରୁ ପ୍ରବଳ ଗାଳି ଶୁଣିଲା । ବଡ଼ ବାବୁ ତାଗିତ କରି କହିଲେ ଆଉ ଦିନେ ଯଦି ଏମିତି ଡେରି ହୁଏ ତାହେଲେ ସେ ବାଘକୁ ଅଫିସ୍‌ରୁ ସବୁଦିନପାଇଁ ତଡି ଦେବେ।

ମାଙ୍କଡ଼ର ସେଦିନ ପରୀକ୍ଷା ଥିଲା । ସେ ଡେରିରେ ସ୍କୁଲ ପହଞ୍ଚିଲା । ଦେଖିଲା ପରୀକ୍ଷା ଆରମ୍ଭ ହୋଇ ଅଧ ଘଣ୍ଟା ସମୟ ଚାଲି ଗଲାଣି । ସେ ଯେତେ ଶୀଘ୍ର ଶୀଘ୍ର ଲେଖିବାକୁ ଚେଷ୍ଟା କଲେ ବି ସବୁ ନମ୍ବର ଲେଖିବା ପାଇଁ ସମୟ ପୁରେଇ ପାରିଲା ନାହିଁ । ଫଳରେ ଅଧିକାଂଶ ନମ୍ବର ଛାଡ଼ିଦେଇ ଆସିଲା । ସେ ପରୀକ୍ଷାରେ ମାଙ୍କଡ଼ ଫେଲ୍ ହେଲା। ସାଙ୍ଗମାନଙ୍କ ପାଖରେ ଲଜ୍ଜିତ ଅନୁଭବ କଲା ।

ବିଲୁଆକୁ ସେଦିନ ଜଣେ ମନ୍ତ୍ରୀଙ୍କ ସହ ଦେଖା କରିବାର ଥିଲା । ମନ୍ତ୍ରୀଙ୍କୁ କହି ଏକ ବଡ଼ କମ୍ପାନୀର ଟେଣ୍ଡର ସେ ହାତେଇବାକୁ ଚାହୁଁଥିଲା । ହେଲେ ସେ ପହଞ୍ଚିଲା ବେଳକୁ ମନ୍ତ୍ରୀ ଫେରି ଯାଇ ସାରିଥାନ୍ତି । ପ୍ରବଳ କ୍ଷତି ସହି ବିଲୁଆ ଦୁଃଖି ହେଲା ।

କାଉ ତା ପିଲାମାନଙ୍କୁ ସ୍କୁଲ ବସ୍ ପାଖକୁ ପହଞ୍ଚାଇଲା ବେଳକୁ ବସ୍ ଚାଲିଯାଇ ସାରିଥାଏ ଫଳରେ ପିଲାମାନଙ୍କ ପଢା କ୍ଷତି ହେଲା।

ସମସ୍ତେ ନିଜ ନିଜ ଭୁଲ ବୁଝି ପାରିଲେ,ଆଉ ଜାଣି ପାରିଲେ ଯେ କୁକୁଡ଼ା ସକାଳୁ ଉଠାଇ ତାଙ୍କୁ କେତେ ବଡ଼ ସାହାଯ୍ୟ କରୁଛି । ସମସ୍ତେ କୁକୁଡ଼ା ପାଖକୁ ଯାଇ କ୍ଷମା ମାଗିଲେ। ଆଉ ପୁଣି ଥରେ ସେମାନଙ୍କୁ ଠିକ୍ ସମୟରେ ଉଠାଇବା ପାଇଁ ଅନୁରୋଧ କଲେ।


+ବେଲଗାଁ, ମ.ରାମପୁର, କଳାହାଣ୍ଡି,
ମୋ.୯୦୧୯୩୧୧୮୬୮


# ରତୁରାଜ ସଙ୍ଗେ ଆସେ ଫଳରାଜ

## ସନ୍ତୋଷ କୁମାର ଅଦାବର

ବସନ୍ତରତୁଟି ଆସିଲେ ଧାଇଁ
ଆମ୍ବ କଥା ଦିଏ ମନେ ପକାଇ
ଆମ୍ବଟି ଫଳର ରାଜା
ରତୁରାଜ ସଙ୍ଗେ ଫଳରାଜ ଆସେ
ଧରାରେ କରନ୍ତି ମଜା ।।

ଫଳର ଆଗରୁ ହୁଏ ତ ଫୁଲ
ଆମ୍ବ ଗଛ ଫୁଲ ତା'ର ବଉଳ
ମହମହ ହୋଇ ବାସେ
ସେ ବାସନା ଚାରିଦିଗେ ଖେଳିଯାଏ
ପବନରେ ଯେବେ ମିଶେ ।।

ବସନ୍ତ ଆସିଲେ ହସେ ପତର
ପତର ସହିତେ ହସେ ବଉଳ
ଆମ୍ବ ଗଛଟା ବି ହସେ
ଆମ୍ବ ଫଳିଲେ ପେନ୍ଥା ପେନ୍ଥା ହୋଇ
ଗଛଟା ସୁନ୍ଦର ଦିଶେ ।।

ଗାଆଁ ମୁଣ୍ଡର ଆମ୍ବ ତୋଟାରେ
କୋଇଲି ବସିଛି ଆମ୍ବ ଡାଳରେ
କୁହୁ କୁହୁ ଗୀତ ଗାଏ
ଗୀତ ଶୁଣି ଗଛ ତଳେ ମଧୁ ଅଜା
ଘୁଙ୍ଗୁଡ଼ି ମାରିକି ଶୁଏ ।।


+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


# ଖାଇବା ଆମେ ସୁଷମ ଖାଦ୍ୟ

## ମମତା ବଗର୍ତ୍ତୀ

ଉତ୍ତମ ସ୍ୱାସ୍ଥ୍ୟ ଅଟଇ ଆମ ପ୍ରକୃତ ଧନ,
ସୁଷମ ଖାଦ୍ୟ ଖାଇଲେ ଆମେ
ସୁସ୍ଥ ରହିବ ଆମ ଶରୀର ଓ ମନ ।।

ସୁଷମ ଖାଦ୍ୟ ଖାଇ ରହିବା ଆମେ ସୁସ୍ଥ,
କର୍ମତତ୍ପର ହୋଇ ପଢିବା ପାଠ
ଜମା ନ ହୋଇ ଆମେ ଅସ୍ତବ୍ୟସ୍ତ ।।

ତେଲ ମସଲାଯୁକ୍ତ ଖାଦ୍ୟ ନ ଖାଇ,
ଖାଇବା ଆମେ ସନ୍ତୁଳିତ ଖାଦ୍ୟ
ସୁସ୍ଥ ରହିବା ଆମେ ରୋଗକୁ ଭଗାଇ ।।

ସୁଷମ ଖାଦ୍ୟ ଖାଇଲେ
ମନ ରହେ ନିର୍ମଳ,
ଶାରୀରିକ ଶକ୍ତି ବୃଦ୍ଧି ହୋଇ ଆମ
ଶରୀର ରହିଥାଏ ସଦା ଚଳ ଚଞ୍ଚଳ ।।

ମାନସିକ ସ୍ଥିତିରେ ପୁଣି ଆଣେ ସ୍ଥିରତା,
ସକାରାତ୍ମକ ମନୋଭାବ ଆଣି
ଜୀବନେ ଆଣିଦିଏ ସଂପୂର୍ଣ୍ଣ ସୁସ୍ଥତା ।।


ରାଣୀକଟା,ବଲାଙ୍ଗୀର


# ଭୁଲ ବାଟ: ସାନମାନଙ୍କୁ କହିବାର ସୁଯୋଗ ଦିଏ

## ରମେଶ ଚନ୍ଦ୍ର ଦାଶ





ବାଘର ବିଦ୍ୟାଳୟରେ ବିଲୁଆ ଗୋଟିଏ ସଭା କରିବାକୁ ଅନୁମତି ମାଗିଲା । ବାଘକୁ ସେଥିରେ ମୁଖ୍ୟଅତିଥି କରିବାର ଲୋଭ ଦେଖାଇବାରୁ ସେ ରାଜି ହୋଇଗଲା । ବାଘକୁ ମୁଖ୍ୟଅତିଥି କଲେ ତାର ବହୁତ କାମ ମାଗଣାରେ ହୋଇଯିବ ବୋଲି ମଧ ବିଲୁଆ ଭାବିଲା । ପୂର୍ବରୁ ବାଘକୁ ତାର ହିଂସ୍ର ପ୍ରକୃତି ଯୋଗୁ କେହି ନିମନ୍ତ୍ରଣ ପତ୍ର ବି ଦିଅନ୍ତି ନାହିଁ । ତେଣୁ ବାଘର ଖୁସି କହିଲେ ନସରେ । ସେ ବି ବିଲୁଆକୁ ଖୁସି କରିବାକୁ ତାର ଶିକ୍ଷକମାନଙ୍କୁ କାମରେ ଲଗାଇବାକୁ ଚିନ୍ତାକଲା ।

ତେଣୁ ସେ ବିଲୁଆକୁ ସାହାଯ୍ୟ କରିବାକୁ ହଠାତ୍ ତା ବିଦ୍ୟାଳୟର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଲା । ସଭା ସଂପର୍କରେ ପୂର୍ବରୁ କୌଣସି କର୍ମଚାରୀ କିଛି ଜାଣିନଥିଲେ । ଏହି ମଉକା ଦେଖି ବିଲୁଆ ମଧ ଶିକ୍ଷକମାନଙ୍କୁ ବିଭିନ୍ନ କାର୍ଯ୍ୟ କରିବାକୁ ଆଦେଶ ଦେଲା । ଯିଏ ନକଲା, ବିଲୁଆ ତା ବିରୋଧରେ ବିଭିନ୍ନ ମିଛକଥା ବାଘ ଆଗରେ କହିଲା । ବାଘ କିଛି ବିଚାର ନକରି ସେମାନଙ୍କୁ ଦଣ୍ଡଦେଲା ।

ଥରେ ବିଲୁଆର କଥାରେ ବାଘ ନିଜର ପତିଆରା ଦେଖାଇବାକୁ ଯାଇ ରାଗ ତମ ତମ ହୋଇ ଆସି ଜଣେ ଶିକ୍ଷକକୁ ଗାଳି କରିବାକୁ ଲାଗିଲା । ତାର ଗାଳି ଶୁଣି ଶିକ୍ଷକ ଜଣକ ମଧ ଛାଡ଼ିଲେ ନାହିଁ । ସେ କହିଲେ- ଆମେ ପାଠ ପଢ଼ାଇବାକୁ ଆସିଛୁ, ବିଲୁଆର ସେବା କରିବା ପାଇଁ ନୁହେଁ । ଆପଣଙ୍କର ମୁଖ୍ୟଅତିଥି ହେବାର ଲୋଭ ଆପଣଙ୍କ ପାଇଁ ବଡ଼ । ଆମେ ଦରମା ନେଉଛୁ ପିଲାମାନଙ୍କ ପାଇଁ। ସେମାନଙ୍କର ଉନ୍ନତି କରିବା ଆମର କର୍ତ୍ତବ୍ୟ । ଏହା କହିଲା ବେଳେ ପିଲାମାନେ ତାଳିମାରିଲେ । ବାଘ ଲାଜ ପାଇ ସେଠାରୁ ଚାଲିଗଲା । ଭୁଲ୍ ବାଟରେ ଗଲେ ସାନମାନେ ବି କହିବାର ସୁଯୋଗ ପାଆନ୍ତି ବୋଲି ବୁଝିଲା । ଏଥିରେ ତାର ମୁଖ୍ୟଅତିଥି ହେବାର ମୋହ ଛାଡ଼ିଗଲା । ତେଣୁ ସେ ନିଜର ଅସୁସ୍ଥତା ଦେଖାଇ ଘରକୁ ଚାଲିଗଲା । ଆଉ କେବେ ବି ଏପରି କାମ କରିବାକୁ ମନ ବଳାଇଲାନି ।


+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨


# ଅଜା ଆଈଙ୍କ ସହ ହୋଲି ଖେଳ

## ପ୍ରଦ୍ୟୁମ୍ନ ପଟ୍ଟନାୟକ



ହୋଲି ଆଗରୁ ବାର୍ଷିକ ପରୀକ୍ଷା ସରିଯାଇଥାଏ । ମିଲିର ଆଉ କିଛି ଦିନ ପାଇଁ ପଢ଼ା ଚିନ୍ତା ନଥାଏ । ସବୁଦିନ ଭଳି ସେଦିନ ସେ ଫୋନ୍ କରି କହିଲା, 'ଅଜା ତୁମେ ଆଈଙ୍କୁ ନେଇ ଆସୁନ । ଆମେ ସବୁ ମିଶିକି ହୋଲି ଖେଳନ୍ତେ । ମୋ ସାଙ୍ଗମାନେ ପରା ଏବେ ଠାରୁ ରଙ୍ଗ ପିଚକାରୀ କିଣି ସାରିଲେଣି । ସମସ୍ତେ ସାଙ୍ଗ ହୋଇ ଖେଳିବା ପାଇଁ ଚାହିଁ ବସିଛନ୍ତି । କେମିତି ଶୀଘ୍ର ହୋଲି ଆସିବ କେବଳ ସେହି ଦିନକୁ ଅପେକ୍ଷା କରି ରହିଛନ୍ତି ।'

ଅଜା ମିଲି କଥା ଶୁଣି ହସି ହସି କହିଲେ, 'ଆମେ ପାରା ବୁଢ଼ା ବୁଢ଼ୀ ହେଲୁଣି, ଆମ ଦେହରେ କଣ ଆଉ ରଙ୍ଗ ଲାଗିବ ? ତୁମେ ପିଲାମାନେ ସିନା ରଙ୍ଗ ଖେଳିବ ।' ମିଲି ବି ସେମିତି ଥଟ୍ଟା କରି କହିଲା, 'ନା ଅଜା ତୁମର ଧଳା ନିଶ ସହ ଆଈଙ୍କ ଧଳା କେଶକୁ ମୁଁ ନାଲି ନୀଳ ରଙ୍ଗ କରିଦେବି । ତୁମ ଦୁଇ ଜଣଙ୍କୁ ବହୁତ ମାନିବ ସେ ରଙ୍ଗ ।' ଅଜା ପଚାରିଲେ, 'କହିଲୁ ଦେଖି କେତେ ପ୍ରକାର ରଙ୍ଗ ଅବିର ସବୁ ଏବେଠାରୁ କିଣି ରଖିଛୁ ?'

ମିଲି କହିଲା, 'ମୋ ପାଖରେ ନାଲି, ନୀଳ, ହଳଦୀ, ବାଇଗଣୀ, ସବୁଜ ଆଦି କେତେ ପ୍ରକାର ରଙ୍ଗ ଅଛି । ସେସବୁ ପରା ହରବାଲ୍ କଲର । ତୁମେ ତ ଜାଣିଥିବ ସେ ସବୁ ରଙ୍ଗ ଲଗାଇଲେ କିଛି କ୍ଷତି ନାହିଁ । ସେ ସବୁ ରାସାୟନିକ ରଙ୍ଗ ଭଳି କ୍ଷତିକାରକ ନୁହଁ ବୋଲି ଆମ ସ୍କୁଲରେ କୁହା ଯାଇଛି ।'

ଅଜା ଆଈ ଭାବୁଥିଲେ ନାତୁଣୀ ଏତେ ଡାକୁଛି ଯେତେବେଳେ ତା' ପାଖକୁ ଯାଇ ପାରିଲେ ସେ ଖୁସିରେ ହୁଅନ୍ତା । ଏତେଗୁଡାଏ ବାଟ ଯାଇ ପାରିବେ କି ନାହିଁ, ପୁଣି ସେଥିପାଇଁ ଆଗରୁ ଟିକେଟ କରିବେ କି ନାହିଁ ଭାବୁଥାଆନ୍ତି। ହଠାତ୍ ଆଈଙ୍କ ଦେହ ଅସୁସ୍ଥ ହୋଇଗଲା । ଥଣ୍ଡା କାଶ କଫ ଲାଗି ରହିବାରୁ ସେ ଆଉ ବେଶୀ ଚଲା ବୁଲା କରି ପାରିଲେ ନାହିଁ । ତେଣୁ ଅଜା ଆଉ ଟିକେଟ କରି ମିଲି ପାଖକୁ ଯିବା ଯୋଜନା କରି ପାରିଲେ ନାହିଁ । ଏକଥା ଜାଣିବା ପରେ ମିଲିର ମନ ଦୁଃଖ ହୋଇଗଲା । ସେ କେତେ ମନରେ ପାଞ୍ଚିଥିଲା ଅଜା ଆଈଙ୍କ ସହ ରଙ୍ଗ ଖେଳି ଥାନ୍ତା,ତାକୁ ବହୁତ ମଜା ଲାଗିଥାନ୍ତା।

ଅଜା ବି ସେହି କଥା ଭାବିଥିଲେ। କିନ୍ତୁ ହଠାତ୍ ଆଈଙ୍କ ଦେହ ଖରାପ ହେବାରୁ ସବୁ ଯୋଜନା ବିଗିଡ଼ି ଗଲା। ହୋଲି ପାଖ ହୋଇ ଆସିବା ବେଳକୁ ଆଈ ସୁସ୍ଥ ହୋଇ ଆସିଥିଲେ । କିନ୍ତୁ ଏତେ କମ ଦିନ ଭିତରେ ଆଉ ମିଲି ପାଖକୁ ଯିବା ସମ୍ଭବ ନଥିଲା । ସେଥିଲାଗି ଅଜା ଆଈଙ୍କ ମନରେ ଦୁଃଖ ଥାଏ ।

ହୋଲି ଦିନ ସକାଳୁ ଘର ଘଣ୍ଟି ବାର ମ୍ବାର ବାଜିଲା । ଅଜା ଆଈ ଭାବିଲେ ସାହିର କେହି ଦୁଷ୍ଟ ପିଲା ବୋଧେ ରଙ୍ଗ ପକାଇବା ପାଇଁ ଘଣ୍ଟି ମାରୁଛନ୍ତି । ପୁଣି ଥରେ ଘଣ୍ଟି ବାଜିବାରୁ ଅଜା ଯାଇ କବାଟ ଖୋଲିଲେ କ୍ଷ ବାହାରେ ତା' ବାପା ମା'ଙ୍କ ସହ ମିଲିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ମିଲି ଦୌଡ଼ି ଆସି 'ହାପି ହୋଲି ' କହି ଅଜା ଆଈଙ୍କୁ କୁଣ୍ଢାଇ ପକାଇଲା । ସେ ଦିନ ସାରା ମିଲି ଖୁସୀରେ ରଙ୍ଗ ଅବିର ବୋଳି ହୋଇ ଅଜା ଆଈଙ୍କ ସହ ମିଶି ହୋଲି ଖେଳିଲା ।


+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


# ଫୁଲ ପାଖୁଡା

## ସୁବାସ ଚନ୍ଦ୍ର ସାହାଣୀ

ଉଷା ପ୍ରଭାତର ବାଳୁତ ସୁରୁଜ, କଅଁଳ କିରଣ ରୂପ ବୋଳା ,
ଘାସ ଗାଲିଚା ଠୋପା ଚନ୍ଦନ ଟୀକା ସମ, ଶିଶୁ ତୁ କି ଆରେ ତୋରା !
ସୁନ୍ଦର ସୃଷ୍ଟିର, ମନଲୋଭା ଶୋଭା ସରଳ ସହଜ ତୋ'ର ମନ,
ଆପଣା ପୁରରେ ଆନନ୍ଦ ବିଭୋରେ ସଭିଏଁ ରେ ତୋର ପ୍ରିୟ ଜନ ।

ଛବି ଛବିଳ, ଚାଁ ଚାହାଁଣି,ଖିଲି ଫୁଲ ପାଖୁଡା ବୁଣା ହସ ମୁହଁ,
ମନ ମାଜଣା, ମନେଇ ଅନା ଆଇନା ଆଖି ସାଇତା ସିଆଁ ପ୍ରେମ ।
କାନ୍ଦ ଭିତରେ, କୁହୁକ ଛୁଆଁ କାହାଣୀ ଡିଆଁ କଉତୁକିଆ କଥା,
ବୁଝି ହୁଏନା, ଅବୁଝା ରସ, ରସାଳ ଭାଷା ତୋ ମନତଳ ଗାଥା।

ଏଡ଼େ ମନୋହର, ଏଡିକି ସରସ, ସରଗ ଶଶୀ ଜୋଛନା ଭରା,
ଛନ୍ନ ଛନ୍ନ ମନ ଅକପଟ ଆହା, ଆଉଟା ପାଉଟା ପ୍ରୀତି ଝରା।
କୋଳେଇ ନେଲେ, କୁରୁଳି ଉଠୁ, କୁସୁମ କୁହୁକ ମୋହେ ତୁ'ରେ ମାତୁ,
ହାତ ଝୁଲାରେ ଝୁଲେଇ ଦେଲେ, କି ଖୁସିରେ ନିଦେ ତୁ ଶୋଇ ହସୁ।

ଅଝଟ ପଣେ ତୁ ଅଜାଡି ହେଲେ, ଦୁଲୁକେ, ମା' ଦେହ ଦୁନିଆଁ ଛାତି,
ବିକଳ ପଣେ, ଆଖିରେ ତା'ର ଛାନିଆଁ ଆଂକେ ମମତା ଉଠେ ଜାଗି।


+ ଶ୍ରୀହରି ଆଳୟ,ବାଂମୟ ନିଳୟ, ସାହିତ୍ୟ ଚିରକାଳ।
ବୋଇତାଳୁ ପାଟଣା, ମୋହନପୁର,
ବିଞ୍ଝାରପୁର-୭୫୫୦୦୪, ଯାଜପୁର
ମୋ: ୭୩୮୪୨୫୧୧୪୬


# ଦିଅ ମୋତେ ଦିଅ

## କୀର୍ତ୍ତନ ସାହୁ

ଦିଅ ମୋତେ ଦିଅ ଖୋଜିବା ଶକତି
ଖୋଜିବି ମୁଁ ଭଲ ଗୁଣ
ଭଲ ଗୁଣ ଯେତେ ଆଦରି ନେଇ ମୁଁ
ରଖିବିନି ଦେହେ କ୍ଷୁଣ ।
ଦିଅ ମୋତେ ଦିଅ କାମ କରିବାର
ଶକତି ମୋ ଦେହ ମନେ
କାମ କରି ଯିବି ଯେତେ ଭଲ କାମ
ଖୁସି ହେବେ ଦେଖି ଜନେ ।
ଦିଅ ମୋତେ ଦିଅ ଛୋଟ ବଡ ସଙ୍ଗେ
ମିଶିବାର ସେହି କଳା
ସଭିଙ୍କ ସାଥୀରେ ମିଶି ପାରିଲେ ହିଁ
ଜୀବନ ସାର୍ଥକ ଭଲା ।
ମିଠା କଥା କହି ହୃଦୟ ଜିଣିବା
ଗୁଣଟି ମୋତେ ହେ ଦିଅ
ମୋ ପାଖରେ ଥିବା ଖରାପ ଗୁଣକୁ
ମୋହ ଠାରୁ କାଢି ନିଅ।
ଦୁଃଖ କଷ୍ଟ ସହି ଆଗକୁ ବଢିବା
ସାହସ ମୋତେ ହେ ଦିଅ
ସମାଜ ସଂସ୍କାର କାମରେ ମୁଁ ଲାଗେ
ଦେଶ ହେଉ ମୋର ପ୍ରିୟ ।


+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


# ଆସିବ କେବେ ସେ ଦିନ

## ନୀଳମଣି ଚାନ୍ଦ

ହୁଲୁରୁ ହୁଲୁରୁ ହାଇ
ସପ ପଡ଼ିଗଲା ବସି ଯାଅ ପିଲେ
ଗପ ଶୁଣେଇବେ ଆଈ।
ମଝିରେ ମାରିବ ହୁଉଁ
କେତୋଟି ଗପ ତ କହିବେରେ ଆଈ
ବସି ଗଣୁଥିବି ମୁଁ ।
ସିଏ ଗପ ଖଣି ପରି
ଗୋଟେ ପରେ ଗୋଟେ କହି ଚାଲିଥିବେ
ଜମା ଯିବନିରେ ସରି ।
ଉଠେଇବ ନାହିଁ ସପ
ସିଏ ତ କହିବେ ରାଜା ରାଣୀ ମନ୍ତ୍ରୀ
ଆଉ ଶୁଆ ଶାରୀ ଗପ ।
ଲାଗୁଛି ସପନ ପରି
କେତେ ଆଈ ଆଜି ବୃଦ୍ଧାଶ୍ରମଟିରେ
ଶୁଣି ଲୁହ ଯାଏ ଝରି ।
ଏମିତି ସେଦିନ ଥିଲା
ସଞ୍ଜ ହେଲେ ଆଈ ପାଶେ ବସୁଥିଲୁ
ଆମେ ଯାଇ ଯେତେ ପିଲା ।
ଆସିବ କେବେ ସେ ଦିନ
ଘରେ ଥିବେ ଆଈ, ପିଲାଏ କହିବେ
ଗପ ଶୁଣିବାକୁ ମନ ।


+ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭


# ରଂଗର ପରବ ହୋଲି

## ରାମଚନ୍ଦ୍ର ବେହେରା

ରଂଗର ପରବ ହୋଲି.....
ରଂଗର ପରବ ହୋଲି
ଖୁସିର ପସରା ମେଲି
ହାତ ଠାରି ଡାକେ ରଂଗ ଖେଳିବାକୁ
ହିଂସା ରାଗ ରୋଷ ଭୁଲି।
ବିମାନେ ରାଧାମୋହନ
କରିବେ ଗ୍ରାମ ଭ୍ରମଣ
ଘରେ ଘରେ ବୁଲି ପ୍ରସାଦ ଖାଇବେ
ଲୁଟିବେ ଭକତ ପ୍ରାଣ।
ଗୁରୁଜୀଂକ କୁହା ମାନି
ଜୈବିକ ଅବିର ଆଣି
ସୁରକ୍ଷିତ ହୋଲି ମନାଇବା ଆମେ
କରିବାନି କାହା ହାନି।
ରସାୟନ ରଂଗ ଭୁଲି
ଅବିର ଦେହରେ ବୋଳି
ରାଧାମୋହନଂକୁ ପରାଣେ ସୁମରି
ସରାଗେ ଖେଳିବା ହୋଲି।
ବଡଂକ ପଦ ଯୁଗଳେ
ଅବିର ବୋଳି ଶ୍ରଦ୍ଧାରେ
ରଂଗର ପରବ ହୋଲି ମନାଇବା
ସଭିଏଁ ସାଥି ମେଳରେ।
ଟାଣୁଆ ଖରା ବେଳରେ
ଖେଳିବା ନାହିଁ ବାହାରେ
ନଈ ପୋଖରୀରେ ଗାଧୋଇବା ଆମେ
ପରଖି ସାବଧାନରେ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬




# ବୋରିଗୁମ୍ମା ଡବଲ ମର୍ଡର ଘଟଣାର ପର୍ଦ୍ଦାଫାସ କଲେ କୋରାପୁଟ ଏସପି

ଜୟପୁର, ୨୭/୨ (ନି.ପ୍ର): ଜଣେ ୧୭ ବର୍ଷୀୟା ନାବାଳିକା ପ୍ରେମ ଓ ପ୍ରେମିକ ପାଇଁ ଏଭଳି ଜଘନ୍ୟ କାଣ୍ଡ ଘଟାଇଛି ଯାହା ବୋରିଗୁମ୍ମା ସମେତ ସାରା କୋରାପୁଟ ଜିଲ୍ଲାରେ ଚାଂଚଲ୍ୟ ସୃଷ୍ଟି କରିଛି। ବୋରିଗୁମ୍ମା ସହର ର ଦାସିରି ସାହି ପ୍ରେମ ପାଇଁ ହୋଇଛି ଡବଲ ମର୍ଡର। ନାବାଳିକା ଜଣକ ନିଜ ପ୍ରେମିକ ଓ ପ୍ରେମିକଙ୍କ ସାଙ୍ଗ ମାନଙ୍କ ସହ ମିଶି ନିଜ ମାଆ ଓ ସାନ ଭାଇ କୁ ହତ୍ୟା କରିଛି। ଡବଲ ମର୍ଡର ର ଶିକାର ହୋଇଥିବା ମହିଳା ଙ୍କ ନାମ ଅନୁଷ୍କା ପରିଡା(୪୫ ବର୍ଷ) ଓ ପୁଅ ଏହେମ ପରିଡା(୧୩ ବର୍ଷ)।ଆଜି କୋରାପୁଟ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ବୋରିଗୁମ୍ମା ଏସ୍ଡିପିଓ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ସମ୍ମିଳନୀରେ ବହୁ ଚର୍ଚ୍ଚିତ ଡବଲ ମର୍ଡର ର ଖୁଲାସା କରିଛନ୍ତି।ଡବଲ ମର୍ଡର ଘଟଣା ରେ ଜୈନିକ ନାବାଳିକା ,ପ୍ରେମିକ ଓ ପ୍ରେମିକ ର ତିନି ଜଣ ସାଙ୍ଗ ମିଶି କିଭଳି ଭାବେ ହତ୍ୟା କରିଥିଲେ, ସେ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ।ଅଭିଯୁକ୍ତ ମାନେ ହେଲା ନାବାଳିକା ର ପ୍ରେମିକ ପି.ଆଦି ନାରାୟଣ ରାଓ(୨୧ ବର୍ଷ) ଘର ଦାସିରି ସାହି ବୋରିଗୁମ୍ମା ଓ ଅନ୍ୟ ତିନି ଜଣ ହେଲେ ପ୍ରୀତ ନାୟକ (୧୯ ବର୍ଷ),ଦାସିରି ସାହି ବୋରିଗୁମ୍ମା, ଆଦି ନାରାୟଣ ପାଣିଗ୍ରାହୀ(୧୯ ବର୍ଷ) ଘର ବିଜାପୁର ଗ୍ରାମ ଓ ଜଗନ୍ନାଥ ଯାନୀ(୨୦ ବର୍ଷ) ନିଜ ଘର କମତା ହୋଇଥିବା ବେଳେ ସେ ବୋରିଗୁମ୍ମା ହାଟପଦା ରେ ରହିଆସୁଥିଲେ।ପ୍ରକାଶ ଥାଉକି ଗତ ୨୦.୦୨.୨୬ ରେ ମୃତ ମହିଳା ଙ୍କ ଭାଇ ସତ୍ୟବାନ ପାତ୍ର ନିଜ ଭଉଣୀ ଓ ଭଣଜା ନିଖୋଜ ନେଇ ବୋରିଗୁମ୍ମା ଥାନାରେ ଲିଖିତ ଭାବେ ଜଣାଇଥିଲେ।ନିଖୋଜ ମାମଲା ର ଠିକ ଦୁଇ ଦିନ ପରେ କୋଟପାଡ଼ ଥାନା ଅନ୍ତର୍ଗତ ଅଣ୍ଡରାମୁଣ୍ଡା କେନାଲ ରୁ ପୁଅ ର ମୃତ ଦେହ ଉଦ୍ଧାର ହୋଇଥିବା ବେଳେ ଗତକାଲି ମଙ୍ଗଳବାର ସକାଳେ ମାଆ ଅନୁଷ୍କା ପରିଡା ଙ୍କ ମୃତ ଦେହ ଜୟନ୍ତୀଗିରି କେନାଲ ରୁ ମିଳିଥିଲା।କୋରାପୁଟ ରୁ ସାଇଁଟିଂଫିକ ଟିମ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛନ୍ତି।ମାଆ ଓ ପୁଅ ଙ୍କ ମୃତ ଦେହ କୋରାପୁଟ ମେଡ଼ିକାଲ କଲେଜ ରେ ରଖାଯାଇଛି।ପରବର୍ତ୍ତୀ ସମୟରେ ଦୁହେଁ ଙ୍କ ମୃତ ପରିବାର ଙ୍କ ସମ୍ମୁଖରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛନ୍ତି।ଅନ୍ୟପଟେ ପୋଲିସ ସାମ୍ବାଦିକ ସମ୍ମିଳନୀରେ ମାଆ ଓ ପୁଅ କୁ କିଭଳି ଭାବେ ହତ୍ୟା ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି।ଗତ ୧୮.୦୨.୨୬ ରେ ଦାସିରି ସାହି ଅନୁଷ୍କା ପରିଡା ଓ ତାଙ୍କ ପୁଅ ଏହେମ ପରିଡା ଶୋଇଥିବା ବେଳେ ବିଳମ୍ବିତ ରାତିରେ(ପ୍ରାୟ ରାତି ୧ )ଟା ନାବାଳିକା ,ତାର ପ୍ରେମିକ ପି.ଆଦି ନାରାୟଣ, ଆଦି ନାରାୟଣ ପାଣିଗ୍ରାହୀ ଓ ଜଗନ୍ନାଥ ଯାନୀ ମିଶି ପ୍ରଥମେ ମାଆ କୁ ଛୁରୀ ରେ ତଣ୍ଟି କାଟିବା ସହ ଶରୀର ର ବିଭିନ୍ନ ସ୍ଥାନରେ ଛୁରୀ ଭୁସିଥିଲେ ପରେ ଶୋଇଥିବା କୁ ପୁଅ କୁ ଶରୀର ର ବିଭିନ୍ନ ସ୍ଥାନରେ ଛୁରୀ ଭୁସୀ ହତ୍ୟା କଲା ପରେ ଏକ ସ୍କୁଟିରେ ପ୍ରଥମେ ପୁଅ ମୃତ ଦେହ କୁ ଜୟନ୍ତୀଗିରି କେନାଲରେ ଫିଙ୍ଗି ଥିଲେ।ପରେ ମାଆ ର ମୃତ ଦେହ କୁ ପୁଣି ସ୍କୁଟି ରେ ଆଣି କେନାଲ ରେ ପକାଇଥିଲେ।ଏଭଳି ଜଘନ୍ୟ ହତ୍ୟାକାଣ୍ଡ ବୋରିଗୁମ୍ମା ଅଞ୍ଚଳରେ ପ୍ରଥମ ଘଟଣା ହୋଇଥିବା ବେଳେ ନାବାଳିକା ର ସାହସ କୁ ନେଇ ସ୍ଥାନୀୟ ଅଞ୍ଚଳ ରେ ଚର୍ଚ୍ଚା ହେଉଛି।ପୋଲିସ ପାଞ୍ଚ ଅଭିଯୁକ୍ତ ନାମରେ ହତ୍ୟା ମାମଲା କେସ ନମ୍ବର-୪୫/୨୬ ଦଫା-୧୦୩(୧),୩୩୮/୩(୫) ରୁଜୁ କରାଯାଇଛି।ସାମ୍ବାଦିକ ସମ୍ମିଳନୀରେ ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ଓ ଥାନା ଆଇଆଇସି ରାମାନନ୍ଦ ସାହୁ ଉପସ୍ଥିତ ଥିଲେ।

# ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତିଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ ପ୍ରତିବାଦରେ ଯୁବ କଂଗ୍ରେସର ବିକ୍ଷୋଭ ଓ ପ୍ରତିବାଦ

ଭୁବନେଶ୍ୱର, ୨୭/୨ (ନି.ପ୍ର): ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଶ୍ରୀ ଉଦୟଭାନୁ ଚିବ୍ଙ୍କୁ ଦିଲ୍ଲୀ ପୋଲିସର ଗିରଫ ପ୍ରତିବାଦରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଂଟିନ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କର କୁଶପୁତଳିକା ଦାହ କରି ପ୍ରତିବାଦ ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ କଂଗ୍ରେସ ଭବନଠାରୁ ଏକ ରାଲିରେ ବାହାରି ମାଷ୍ଟରକ୍ୟାଂଟିନ ଛକଠାରେ ପହଞ୍ଚି ପ୍ରତିବାଦ କରିଥିଲେ । ଯୁବ କଂଗ୍ରେସର କର୍ମୀମାନେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତିଙ୍କୁ ଦିଲ୍ଲୀ ପୋଲିସ ବିଜେପି ସରକାରଙ୍କ ପ୍ରରୋଚନାରେ ହିନ ରାଜନୈତିକ ଉଦ୍ଦେଶ୍ୟ ରଖି ଅଗଣତାନ୍ତ୍ରିକ ଭାବେ ଗିରଫ କରିଛି । ଏହା ପୂର୍ବରୁ ମଧ୍ୟ ଶାନ୍ତିପୂର୍ଣ୍ଣଭାବେ ପ୍ରତିବାଦ କରୁଥିବା ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରି ଜେଲ ହାଜତକୁ ପଠାଇଛି । ରାଷ୍ଟ୍ରୀୟ ସଭାପତି ଶ୍ରୀ ଚିବ୍ ଦେଶର ଯୁବକ ଯୁବତୀ ଏବଂ କୃଷକମାନଙ୍କର ଅଧିକାର ପାଇଁ ଲଢ଼େଇ କରିଆସୁଛନ୍ତି । କେନ୍ଦ୍ରର ମୋଦି ସରକାର ଏବେ ସଂପୂର୍ଣ୍ଣଭାବରେ ଆମେରିକା ପାଖରେ ନିଜକୁ ସମର୍ପଣ କରିଦେଇଛି । ଆମେରିକା ସହ ଟ୍ରେଡ଼ିଂ କରି ଦେଶର ଅର୍ଥନୀତି ସହ ଦେଶର କୃଷିକ୍ଷେତ୍ର ଏବଂ ବ୍ୟବସାୟ କ୍ଷେତ୍ରକୁ ସଂକଟକୁ ଠେଲି ଦେଇଛି । ରାଷ୍ଟ୍ରୀୟ ସଭାପତି ଏହାକୁ ବିରୋଧ କରିବାରୁ ସାରା ଦେଶରେ ମୋଦି ସରକାରର ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କର ଅସଲ ଚେହେରା ଧରାପଡ଼ିଯିବା ଭୟରେ ବିଜେପି ସରକାର ଭୟଭୀତ ହୋଇ ଆକ୍ରୋଶମୂଳକ ଭାବେ ଶ୍ରୀ ଚିବ୍ଙ୍କୁ ଗିରଫ କରିଛି । ଶ୍ରୀ ଚିବ୍ଙ୍କ ଗିରଫଦାରି କୁ ବିରୋଧ କରି ଯୁବକଂଗ୍ରେସର କର୍ମକର୍ତ୍ତାମାନେ ମୋଦି ଓ ଶାହାଙ୍କ ବିରୋଧରେ ନାରାବାଜି କରି ମାଷ୍ଟରକ୍ୟାଂଟିନ ଛକଠାରେ ଉଭୟଙ୍କର କୁଶପୁତଳିକା ଦାହ କରିବା ସହ ରାଷ୍ଟ୍ରୀୟ ସଭାପତି ଶ୍ରୀ ଚିବ୍ଙ୍କ ଉପରେ ଲାଗିଥିବା ମିଥ୍ୟା ମକଦ୍ଦମାକୁ ତୁରନ୍ତ ପ୍ରତ୍ୟାହାର କରି ଯଥାଶୀଘ୍ର ତାଙ୍କୁ ନିର୍ଦ୍ଦୋଶରେ ଖଲାସ କରିବାପାଇଁ ଦାବି କରିଛି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା ଶିବିର

ନୂଆପଡ଼ା, ୨୭/୨ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କାଣ୍ଡେତରା ଗ୍ରାମ ପଂଚାୟତରେ ସଡ଼କ ସୁରକ୍ଷା, ମୋଟର ଯାନ ଅଧିନିୟମ, ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବିକଳ୍ପ ବିବାଦ ସମାଧାନ ପ୍ରକ୍ରିୟା, ସ୍ଥାୟୀ ଲୋକ ଅଦାଲତ ଓ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଆଂଚଳିକ ପରିବହନ ଅଧିକାରୀ ଶର୍ମିଳା ମହାରଣା, ପ୍ରୋଜେକ୍ଟ କନ୍ସର୍ନ ଇଣ୍ଟରନ୍ୟାସନାଲ୍ ଇଣ୍ଡିଆର ରାଜ୍ୟ ପ୍ରକଳ୍ପ ପରିଚାଳିକା (କନ୍ଭର୍ଜେନ୍ସ) ଜ୍ୟୋତ୍ସ୍ନା ରାଣୀ ସାହୁ, ପ୍ରାଧିକରଣର ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ପ୍ରକାଶ ସେନାପତି, ସହକାରୀ ଆଇନ ସେବା ପ୍ରତିପକ୍ଷ ଓକିଲ କାର୍ତ୍ତିକ ରାମ ବାଗ, ପ୍ୟାନେଲ୍ ଓକିଲ ସନ୍ତୁରାମ ସାହୁ, କାଣ୍ଡେତରା ଗ୍ରାମ ପଂଚାୟତର ସରପଂଚ କଲ୍ୟାଣୀ ଦାସ, ପି.ଇ.ଓ ଗିରିଧାରୀ ତାଣ୍ଡି ଏବଂ ଅଧିକାର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବିକଳ୍ପ ବିବାଦ ସମାଧାନ ପ୍ରକ୍ରିୟା, ସ୍ଥାୟୀ ଲୋକ ଅଦାଲତ ଓ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ ଇତ୍ୟାଦି ବିଷୟରେ ବିସ୍ତୃତ ଧାରଣା ଦେଇଥିଲେ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଦିଆ ଯାଉଥିବା ମାଗଣା ଆଇନ ସହାୟତା ବିଷୟରେ ଚର୍ଚ୍ଚା କରିଥିଲେ । ସେହିପରି ଆଂଚଳିକ ପରିବହନ ଅଧିକାରୀ ଶର୍ମିଳା ମହାରଣା ସଡ଼କ ସୁରକ୍ଷା, ମୋଟର ଯାନ ଅଧିନିୟମ ଇତ୍ୟାଦି ବିଷୟରେ ବକ୍ତବ୍ୟ ଦେବାସହ ଗାଡ଼ି ଚଳାଇବା ସମୟରେ ସଡ଼କ ସୁରକ୍ଷା ନିୟମ ମାନି ଦୁର୍ଘଟଣାରୁ ବର୍ତ୍ତିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ।

ଏହି ଅବସରରେ କାଣ୍ଡେତରା ଗ୍ରାମପଂଚାୟତରେ ଏକ ପ୍ଲାଷ୍ଟିକ ଆବର୍ଜନା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାୟ ୩୬ କେଜି ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଥିଲା ।

# ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୨୭/୨ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅପ୍ରେଲ ମାସରେ ଅନୁଷ୍ଠିତ ହେବ। ଜିଲ୍ଲାର ଶିକ୍ଷିତ ବେକାର ଯୁବକ ଯୁବତୀ ମାନଙ୍କ ପାଇଁ ଏହା ଆତ୍ମନିର୍ଭରର ସୁଯୋଗ ଦେବ। ଏହି ନିଯୁକ୍ତି ମେଳାରେ ବିଭିନ୍ନ ନିଯୁକ୍ତିଦାତା କମ୍ପାନୀ ଓ ଉଦ୍ୟୋଗୀ ମାନେ ଯୋଗ ଦେବେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଗତକାଲି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇଙ୍କ ଅଧକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏହି ନିଯୁକ୍ତି ମେଳା ନିଯୁକ୍ତି ଆଶାୟୀ ଯୁବକ ଯୁବତୀ ଓ ସେମାନଙ୍କ ପରିବାର ପାଇଁ ଉତ୍କଣ୍ଠା ରଖୁଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।ଏଥିରେ ଜିଲ୍ଲା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧିକାରୀ ଧର୍ମାନନ୍ଦ ବେହେରା ଉପସ୍ଥିତ ଥିଲେ। ଏହି ନିଯୁକ୍ତି ମେଳା ପୁରୀ ସରକାରୀ ଆଇଟିଆଇ କ୍ୟାମ୍ପସରେ ଅପ୍ରେଲ ୧୭ ତାରିଖରେ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲ୍ଲା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ବସ୍ତି ସୂଚନା ଦେଇଛନ୍ତି। ମାଟ୍ରିକ ଠାରୁ ତଦୁର୍ଦ୍ଧ ଓ ଆଇଟିଆଇ ପିଲା ମାନେ ଏଥିରେ ନାମ ପଞ୍ଜିକରଣ କରି ଅଂଶଗ୍ରହଣ କରିପାରିବେ।ବିଭିନ୍ନ ସଂସ୍ଥା ସେମାନଙ୍କୁ ନିଯୁକ୍ତି ଦେଇପାରିବେ ବା ପିଲାଙ୍କ ଆଗ୍ରହ ଅନୁସାରେ କମ୍ ଅବଧିର ତାଲିମ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିପାରିବେ। ନିଯୁକ୍ତି ମେଳାରେ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟ ଜଳ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସୂଚନା ପ୍ରଦାନ ଓ ପ୍ରଚାର ପ୍ରସାର ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା, ସ୍ୱେଚ୍ଛାସେବୀ ନିୟୋଜନ ବ୍ୟବସ୍ଥା, ବ୍ଲକ ସ୍ତରରେ ପଞ୍ଜିକରଣ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗ ମାନେ ଉପଯୁକ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା।

# ଗ୍ରାମ୍ୟ ଯୁବ ଏକତା ଶିବିର ଅନୁଷ୍ଠିତ

ପୁରୀ, ୨୭/୨ (ନି.ପ୍ର): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଆଜି ଠାରୁ ପୁରୀ ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ ପକ୍ଷରୁ ଦୁଇ ଦିନିଆ ଗ୍ରାମ୍ୟ ଯୁବ ଏକତା ଶିବିର ଶ୍ରୀ ଜଗନ୍ନାଥ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ପିଲା ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଯେ କୌଣସି ରାଷ୍ଟ୍ର କୁ ସମୃଦ୍ଧ କରିଥାଏ । ଆଜିର ସମୟରେ ନିଜକୁ ପ୍ରତିଷ୍ଠିତ ଓ ଦକ୍ଷତା ପୂର୍ଣ୍ଣ କରିବାକୁ ଅନେକ କ୍ଷେତ୍ର ରହିଛି। ଶିକ୍ଷା ସହ କ୍ରୀଡା, ନୃତ୍ୟ, ସଂଗୀତ, ପର୍ଯ୍ୟଟନ, ସଂସ୍କୃତି, ସୂଚନା ପ୍ରସାରଣ ଇତ୍ୟାଦି ପାଇଁ ପ୍ରଶସ୍ତ ଭିତିଭୂମି ରହିଛି।ଏହା ସମ୍ପର୍କରେ ପିଲା ମାନେ ଅବଗତ ଓ ଅଧ୍ୟବସାୟୀ ହେବା ଆବଶ୍ୟକ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସମ୍ପର୍କରେ ମତ ଦେଇ ଶ୍ରୀ ବେହେରା କହିଥିଲେ ଯେ, ଲୌହ ମାନବ ନାମରେ ପରିଚିତ ବଲ୍ଲଭ ଭାଇ ପଟେଲଙ୍କ ଉଦ୍ୟମ ଯୋଗୁ ସ୍ୱାଧୀନତା ପରେ ଶହ ଶହ ଗଡଜାତ ରାଜ୍ୟ ଭାରତ ବର୍ଷରେ ମିଶିବା ସମ୍ଭବ ହୋଇ ପାରିଥିଲା। ତାଙ୍କର ଦେଶପ୍ରେମ ଓ ସାହସ ସମସ୍ତଙ୍କୁ ପ୍ରେରଣା ଦେଇ ଚାଲିଥିବ ବୋଲି ସେ କହିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ଓ ଲୋକ ସମ୍ପର୍କ ବିଭାଗର କାର୍ଯ୍ୟାବଳୀ, ରଥଯାତ୍ରା ସମୟରେ ବିଭାଗର ଦାୟିତ୍ୱ ଓ ସୂଚନା ସେବା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଶିକ୍ଷାବିତ୍ ସୁକାନ୍ତ କୁମାର ମହାନ୍ତି ବିବିଧ ସେବା କାର୍ଯ୍ୟରେ ପିଲା ମାନଙ୍କ ସହଭାଗିତା ଓ ଶିକ୍ଷା ଲାଭ, ଯୁବ ନେତୃତ୍ୱ ସମ୍ପର୍କରେ, ଶିଶୁ ସୁରକ୍ଷାର ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶୁଭ ନାରାୟଣ ଶତପଥୀ ଶିଶୁ ମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ, ଅଗ୍ନିଶମ ସେବା ଅଧିକାରୀ ଅଗ୍ନି ନିର୍ବାପକ ବ୍ୟବସ୍ଥା, ବିବିଧ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ଥଇଥାନ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ନିରାପତା ସମ୍ପର୍କରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିନ ପୂର୍ବାହ୍ନରେ ସମୁଦ୍ର କୂଳ ସଫା କାର୍ଯ୍ୟକ୍ରମ ଓ ଯୁବ ସ୍ୱେଚ୍ଛାସେବୀ ସମ୍ପର୍କରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି କ୍ରୀଡା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଥିଲେ। ଶିବିରରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି।

# ଓଡ଼ିଶା ଜଳ ଯୋଗାଣ ଓ ପରିମଳ ବୋର୍ଡର ୨୮ତମ ବୋର୍ଡ ବୈଠକ: ପ୍ରଶାସନିକ ଓ କଲ୍ୟାଣକାରୀ ସଂସ୍କାର ପାଇଁ ନିଷ୍ପତ୍ତି

ଭୁବନେଶ୍ୱର, ୨୭/୨ (ନି.ପ୍ର): ଓଡ଼ିଶା ଜଳ ଯୋଗାଣ ଓ ପରିମଳ ବୋର୍ଡ ର ୨୮ତମ ବୋର୍ଡ ବୈଠକରେ ବୃହତ ପ୍ରଶାସନିକ ଓ କଲ୍ୟାଣକାରୀ ସଂସ୍କାର ଅନୁମୋଦିତ ଭୁବନେଶ୍ୱରସ୍ଥିତ ଉନ୍ନତି ଭବନର ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ବୋର୍ଡର ଅଧକ୍ଷ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଓଡ଼ିଶା ଜଳ ଯୋଗାଣ ଓ ପରିମଳ ବୋର୍ଡର ୨୮ତମ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦୀର୍ଘ ଦିନରୁ ପଡ଼ି ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସେବା, ଆର୍ଥିକ ଏବଂ ପ୍ରଶାସନିକ ସଂସ୍କାର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଶେଷ କରି ବୋର୍ଡ କ୍ୟାଡର ଅଧୀନରେ କାର୍ଯ୍ୟରତ ଇଞ୍ଜିନିୟରମାନଙ୍କ ମନୋବଳ ବୃଦ୍ଧି ପାଇଁ ସେମାନଙ୍କୁ ପିଏଚଇ କ୍ୟାଡର ଅନୁରୂପ ପଦୋନ୍ନତି ସୁବିଧା ପ୍ରଦାନ କରିବାକୁ ଅନୁମୋଦନ ମିଳିଛି। ଏହା ସହିତ ସହକାରୀ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ପାହ୍ୟାରେ ଥିବା ଡେପୁଟି ପ୍ରକଳ୍ପ ଇଞ୍ଜିନିୟରମାନଙ୍କୁ 'ଅତିରିକ୍ତ ପ୍ରକଳ୍ପ ଇଞ୍ଜିନିୟର' ଭାବେ ପୁନଃ ନାମିତ କରାଯିବା ସହ ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ପଦୋନ୍ନତି ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇଛି। ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଇଞ୍ଜିନିୟରମାନେ ସହରୀ ଭିତ୍ତିଭୂମିର ମେରୁଦଣ୍ଡ ହୋଇଥିବାରୁ ସେମାନଙ୍କ ପାଇଁ ଉଚିତ ସେବା ସର୍ତ୍ତାବଳୀ ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକତା। କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ଦୈନିକ ମଜୁରିଆ ମାନଙ୍କ ପାଇଁ ମଧ୍ୟ ବୋର୍ଡ ଏକ ମାନବୀୟ ନିଷ୍ପତ୍ତି ଗ୍ରହଣ କରିଛି। ସେମାନଙ୍କର କଠିନ ପରିଶ୍ରମକୁ ସମ୍ମାନ ଜଣାଇ ଦୈନିକ ୨୦୦ ଟଙ୍କାର ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା କରାଯାଇଛି। ଏହା ବ୍ୟତୀତ ୬୦ ବର୍ଷ ବୟସରେ ଅବସର ନେଉଥିବା ଡିଏଲଆର କର୍ମଚାରୀମାନେ ଏବେ ଗ୍ରାଚ୍ୟୁଇଟି ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ ହେବେ, ଯାହା ସେମାନଙ୍କୁ ଅବସର ପରେ ଆର୍ଥିକ ସୁରକ୍ଷା ପ୍ରଦାନ କରିବ। ମନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି ଯେ, ଅବିରତ ଜଳ ଯୋଗାଣ ସୁନିଶ୍ଚିତ କରୁଥିବା ଏହି କର୍ମଚାରୀମାନେ ଉପଯୁକ୍ତ ସାମାଜିକ ସୁରକ୍ଷା ପାଇବା ନିହାତି ଆବଶ୍ୟକ। ପ୍ରଶାସନିକ ଓ ଆର୍ଥିକ ସ୍ୱାୟତ୍ତତା କ୍ଷେତ୍ରରେ ମଧ୍ୟ ବୈଠକରେ ବଡ଼ ପରିବର୍ତ୍ତନ କରାଯାଇଛି। ବୋର୍ଡ ଏଣିକି ନିଜସ୍ୱ ଉତ୍ସରୁ ଆଦାୟ ହେଉଥିବା ରାଜସ୍ୱକୁ ନିଜର ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରିବାରେ ବ୍ୟବହାର କରିପାରିବ, ଯାହାଦ୍ୱାରା ପ୍ରକଳ୍ପଗୁଡ଼ିକ ଅଧିକ ନମନୀୟତା ଓ କ୍ଷିପ୍ରତା ସହିତ ଶେଷ ହୋଇପାରିବ। ଶାସନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ବୋର୍ଡର ଇଞ୍ଜିନିୟର-ଇନ୍-ଚିଫ୍ଙ୍କୁ ବୋର୍ଡର ସଦସ୍ୟ ସଚିବ ଦାୟିତ୍ୱ ଦିଆଯାଇଛି। ଜଟିଳ ବୈଷୟିକ ଏବଂ ଆଇନଗତ ସମସ୍ୟାର ସମାଧାନ ପାଇଁ ସାଧାରଣ ପ୍ରଶାସନ, ଅର୍ଥ ଏବଂ ନଗର ଉନ୍ନୟନ ବିଭାଗର ପ୍ରତିନିଧିମାନଙ୍କୁ ନେଇ ଏକ ସ୍ଥାୟୀ ସବ୍-କମିଟି ଗଠନ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏହି ସଂସ୍କାରଗୁଡ଼ିକୁ ସ୍ୱାଗତ କରିବା ସହ ଏହା ବୋର୍ଡକୁ ଅଧିକ କ୍ଷମତାପନ୍ନ ଓ ଉତ୍ତରଦାୟୀ କରିବ ବୋଲି କହିଛନ୍ତି। ଏହି ବୈଠକରେ ୱାଟକୋ ର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପିଇଓଙ୍କ ଖାମଖିଆଲି ମନୋଭାବ: ଜୀବିତଙ୍କୁ ମୃତ ଘୋଷଣା କରି ବୃଦ୍ଧାଙ୍କ ଭତ୍ତା ବନ୍ଦ

ନୂଆପଡ଼ା, ୨୭/୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ବାଦି ଗ୍ରାମପଂଚାୟତର ବୃଦ୍ଧା ଚନ୍ଦ୍ରା ପଟେଲ। ସ୍ୱାମୀ ମରିବା ପରେ କୋଡ଼ିଏ ବର୍ଷ ହେବ ଭତା ପାଇ ଆସୁଥିଲେ। ତାଙ୍କୁ ବର୍ଦ୍ଧିତ ଭତା ଏକ ହଜାର ଟଙ୍କା ମିଳି ଆସୁଥିଲା। ଏହା ସେ ଆକାଉଂଟରେ ପାଉଥିଲେ। କିନ୍ତୁ, ଗତବର୍ଷ ମଇ ମାସରୁ ଭତା ମିଳିବା ବନ୍ଦ ହୋଇଗଲା। ସେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ଜଣାପଡିଲା ତାଙ୍କୁ ମୃତ ଘୋଷିତ କରାଯାଇଥିବାରୁ ଭତା ବନ୍ଦ କରାଯାଇଛି। ସେ ଏନେଇ ଖଡ଼ିଆଳ ବିଡ଼ିଓ ଓ ନୂଆପଡ଼ା ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ଭତା ମିଳି ପାରିନି। ଚନ୍ଦ୍ରାଙ୍କ ଦେହ ସବୁବେଳେ ଅସୁସ୍ଥ ରହୁଥିବା ବେଳେ ଭତା ଟଙ୍କାରେ ଔଷଧ କିଣି ଖାଉଥିଲେ। ଏବେ ଗୋଡ ହାତ ସହ ଅଣ୍ଟା ଦରଦ ହେଉଛି। ପରିବାର ଲୋକଙ୍କ ବିନା ସାହାରାରେ ସେ ଉଠି ବସି ପାରୁ ନାହାନ୍ତି। ଅସୁସ୍ଥ ରହୁଥିଲେ ମଧ୍ୟ ଟଙ୍କା ଅଭାବରୁ ଔଷଧ କିଣି ପାରୁ ନଥିବା କହିଛନ୍ତି। ତାଙ୍କୁ ଶୀଘ୍ର ଭତା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ସ୍ଥାନୀୟ ସରପଂଚଙ୍କୁ ମଧ୍ୟ ଜଣାଇଛନ୍ତି ସେ କିନ୍ତୁ କର୍ଣ୍ଣପାତ କରୁ ନାହାନ୍ତି। ଚାରି ମାସ ତଳେ ଗ୍ରାମପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତିହାରୁ ନିଆଲ ତାଙ୍କ ଘରକୁ ଆସି ଆବଶ୍ୟକୀୟ ତଦନ୍ତ ସହ କାଗଜପତ୍ର ଦେଖିଥିଲେ ଓ ଖୁବ୍ ଶୀଘ୍ର ପୁନଶ୍ଚ ଭତା ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ, ହେଲେ ଏପର୍ଯ୍ୟନ୍ତ ପ୍ରତିଶ୍ରୁତି ପାଳନ ହୋଇନାହିଁ। ଏନେଇ ଖଡ଼ିଆଳ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମର ମାଝୀଙ୍କୁ ପଚାରିବାରୁ ତତ୍କାଳୀନ ଗ୍ରାମପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତିହାରୁ ନିଆଲ ତାଙ୍କୁ ମୃତ୍ୟୁବରଣ କରିଥିବା ନେଇ ରିପୋର୍ଟ ଦେଲାପରେ ଭତା ବନ୍ଦ କରି ଦିଆଯାଇଥିଲା। ଏବେ ପୁଣି ଥରେ ଚାଲୁ କରିବା ପାଇଁ କାର୍ଯ୍ୟ ଚାଲିଛି। ତାଙ୍କର ସବୁ ବକେୟା ସହ ନିୟମିତ ଭତା ଗୋଟିଏ ମାସ ଭିତରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ଓଡ଼ିଶା ସୂଚନା କମିଶନର ରେକର୍ଡ ସଂଖ୍ୟକ ଫଇସଲା: ଦଶ ମାସରେ ୧୨୦୦୦ ମାମଲାର ନିଷ୍ପତ୍ତି

ଭୁବନେଶ୍ୱର, ୨୭/୨ (ନି.ପ୍ର): ବିଗତ ଦଶ ମାସରେ ୧୨୯୨୮ଟି ମାମଲା ଫଇସଲା କରି ଓଡ଼ିଶା ସୂଚନା କମିଶନ ଏକ ଐତିହାସିକ ରେକର୍ଡ ହାସଲ କରିଛି। ବିଚାରାଧୀନ ମାମଲା ସଂଖ୍ୟା ୨୨୬୧୧ ରୁ ୯୬୮୩ କୁ ହ୍ରାସ ପାଇଛି । ନୂତନ ସରକାରଙ୍କ ଦ୍ୱାରା ରାଜ୍ୟ ମୁଖ୍ୟ ସୂଚନା ଅଧିକାରୀ ଏବଂ ତିନି ଜଣ ନୂତନ ସୂଚନା କମିଶନରଙ୍କ ନିଯୁକ୍ତି ପରେ ସୂଚନା କମିଶନର ଫଇସଲାର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ ସୂଚନା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ କମିଶନ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ମାମଲାଗୁଡିକର ଦ୍ରୁତ ନିଷ୍ପତି ତଥା ଅନାବଶ୍ୟକ ସ୍ଥଗିତତା ଏଡାଇବା ଉପରେ ମଧ୍ୟ କମିଶନ ଧ୍ୟାନ ଦେଉଛି। ୨୦୨୧ ଏବଂ ୨୦୨୨ ବର୍ଷର ସମସ୍ତ ବିଚାରାଧୀନ ମାମଲାର ଫଇସଲା ହୋଇଥିବାବେଳେ ୨୦୨୩ ଏବଂ ୨୦୨୪ ବର୍ଷର ଅଳ୍ପ କିଛି ମାମଲା ଫଇସଲା ହେବାକୁ ବାକି ଅଛି। କମିଶନ ଏବେ ୨୦୨୫ ଏବଂ ୨୦୨୬ ରେ ଦାଖଲ ହୋଇଥିବା ନୂତନ ମାମଲାଗୁଡ଼ିକର ଶୁଣାଣି ଆରମ୍ଭ କରିଛି। ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ କମିଶନ ପ୍ରତ୍ୟେକ ପ୍ରାର୍ଥୀଙ୍କ ସାକ୍ଷାତକାର ମାର୍କ ସାର୍ବଜନୀନ କରିବା ପାଇଁ ଓଡ଼ିଶା ଲୋକସେବା କମିଶନକୁ ନିର୍ଦ୍ଦେଶ ଦେଇଛନ୍ତି। ସଫଳ ଏବଂ ବିଫଳ ପ୍ରାର୍ଥୀମାନଙ୍କୁ ଦକ୍ଷତା ପରୀକ୍ଷା ଏବଂ କମ୍ପ୍ୟୁଟର ପରୀକ୍ଷା ମାର୍କ ପ୍ରଦାନ କରିବାକୁ ଓଡ଼ିଶା କର୍ମଚାରୀ ଚୟନ କମିଶନକୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ କ୍ଷେତ୍ରରେ ଜନସୂଚନା ଅଧିକାରୀମାନେ ସୂଚନା ଉପଲବ୍ଧ ନ ଥିବା ଦର୍ଶାଇ ଆବେଦନକାରୀଙ୍କୁ ସୂଚନା ଦେବାରୁ ବଂଚିତ କରୁଥିଲେ । କମିଶନ ଏହାକୁ ଗମ୍ଭୀର ଭାବରେ ବିଚାର କରି ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିଛନ୍ତି ଏବଂ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇ ଦୋଷୀମାନଙ୍କୁ ଦଣ୍ଡ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିଛି ଅଭ୍ୟାସଗତ ଆବେଦନକାରୀ ନକଲି ବିପିଏଲ୍ କାର୍ଡ ବ୍ୟବହାର କରି ସରକାରଙ୍କଠାରୁ ମାଗଣାରେ ସୂଚନା ଦାବି କରୁଥିଲେ ତଥା ଶହ ଶହ ଆବେଦନ ଦାଖଲ କରି ସରକାରଙ୍କୁ ହଇରାଣ କରୁଥିଲେ । କମିଶନ ଏପରି ମାମଲାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି । ଏକ ନିର୍ଦ୍ଦିଷ୍ଟ ମାମଲାରେ ଯେଉଁଠାରେ ବଲାଙ୍ଗୀରର ଜଣେ ବ୍ୟକ୍ତି ସୂଚନା ଅଧିକାର ଆବେଦନ ପ୍ରତ୍ୟାହାର କରିବା ପାଇଁ ପିଆଇଓଙ୍କଠାରୁ ଲାଂଚ ମାଗୁଥିବାର ଜଣାପଡ଼ିଥିଲା, ତାହାକୁ ତଦନ୍ତ ପାଇଁ ପୋଲିସକୁ ପଠାଯାଇଛି। ସୂଚନା ଯୋଗାଣରେ ଅହେତୁକ ବିଳମ୍ବ ପାଇଁ କମିଶନ ଦୋଷୀ ଅଧିକାରୀମାନଙ୍କ ଉପରେ ୧,୪୭,୭୬,୨୫୦/- ଟଙ୍କା ଜରିମାନା ଲଗାଇଛନ୍ତି। ଏକ ସାମ୍ପ୍ରତିକ ମାମଲାରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ସୂଚନା ଅଧିକାର ଆଇନ ଉଲ୍ଲଂଘନ ପାଇଁ ଗଞ୍ଜାମ ଜିଲ୍ଲାର ପୋଲିସ ଅଧିକାରୀଙ୍କ ଉପରେ ୨୫,୦୦୦/- ଟଙ୍କା ଜରିମାନା ଲଗାଇଛନ୍ତି। ସମାନ ବିଷୟ ଉପରେ ଏକାଧିକ ଆବେଦନ ମାଧ୍ୟମରେ ଦାଖଲ ହେଉଥିବା ଆରଟିଆଇ ଆବେଦନଗୁଡ଼ିକୁ ତନଖି କରିବା ପାଇଁ କମିଶନ ଆବେଦନଗୁଡ଼ିକର ଯାଂଚ ମଧ୍ୟ ଆରମ୍ଭ କରିଛନ୍ତି। ନିୟମିତ କର୍ମଚାରୀ ଅଭାବ ସତ୍ତ୍ୱେ କମିଶନ ପ୍ରତି ମାସରେ ୧୫୦୦ ମାମଲା ସମାଧାନ କରୁଛନ୍ତି। ପ୍ରତି ମାସରେ ଆବେଦନକାରୀଙ୍କ ଦ୍ୱାରା ହାରାହାରି ୫୦୦ ମାମଲା ଦାଖଲ ହେଉଛି । କମିଶନଙ୍କ ନିଷ୍ପତିର କାର୍ଯ୍ୟାନ୍ୱୟନ ସଂବଧିତ ଅଭିଯୋଗଗୁଡିକର ନିରୀକ୍ଷଣ ନିମନ୍ତେ କମିଶନରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ।

# ପିସିସି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୭/୨ (ନି.ପ୍ର): ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତିଚାରଣ କରି ପିସିସି ସଭାପତି ଶ୍ରୀ ଦାସ ଓ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡାମ କହିଲେ ଯେ ସ୍ୱର୍ଗତ ହେମାନ୍ଦ ବିଶ୍ୱାଳ ଜଣେ ସତ୍ୟନିଷ୍ଠ, ନିର୍ଭିକ ଓ ସାଲିସବିହିନ ରାଜନେତା ଥିଲେ । ସତ୍ୟକୁ ସେ ସର୍ବଦା ଗ୍ରହଣ କରୁଥିଲେ ଓ ସତ୍ୟ ପ୍ରକାଶ କରୁଥିଲେ । ସାମାଜିକ ନ୍ୟାୟ, ସମାଜର ଅବହେଳିତ ବର୍ଗର ଉନ୍ନତି ଓ ରାଜ୍ୟର ବିକାଶ କରିବା ଦିଗରେ ଶେଷ ଜୀବନ ପର୍ଯ୍ୟନ୍ତ ଚେଷ୍ଟିତ ଥିଲେ । ତାଙ୍କର ପଦାଙ୍କ ଅନୁକରଣ କରିବା ପାଇଁ ଯୁବପିଢ଼ୀ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ଶ୍ରଦ୍ଧାଞ୍ଜଳି ଜଣାଇ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶ୍ରୀକାନ୍ତ ଜେନା, ବିଧାୟକ ପବିତ୍ର ସାଉଂଟା ଓ ମଙ୍ଗୁ ଖିଲ, କଂଗ୍ରେସ ନେତା ସନ୍ତୋଷସିଂ ସାଲୁଜା, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ସସ୍ମିତା ବେହେରା, ଲଲାଟେନ୍ଦୁ ମହାପାତ୍ର, ପ୍ରକାଶ ଜେନା ଓ ନିର୍ମଳ ନାୟକ ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କର ପ୍ରଭା ଓ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ ଶ୍ରଦ୍ଧାଞ୍ଜଳି ସଭାକୁ ଶ୍ରୀ ଅରବିନ୍ଦ ଦାସ ପରିଚାଳନା କରିଥିଲେ ଓ ଶେଷରେ ଶ୍ରୀ ରଜନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଶ୍ରୀ ଜୟଦେବ ଜେନା, ଦେବାଶିଷ ପଟ୍ଟନାୟକ, ଅଭୟ ସାହୁ, କିଶୋର ଜେନା, ମାନସ ଆଚାର୍ଯ୍ୟ, ସିର୍ଦ୍ଧାଥ ସ୍ୱରୂପ ଦାଶ, ବାଙ୍କନିଧି ବେହେରା, ହଳଧର ସେଠୀ, କୃଷ୍ଣଚନ୍ଦ୍ର ବରାଳ, ତରୁଣ ମିଶ୍ର, ରାଜୀବ ପଟ୍ଟନାୟକ, ବିଶ୍ୱଜିତ ଦାଶ, ପ୍ରଶାନ୍ତ ଚମ୍ପତି, ଲିଙ୍ଗରାଜ ସାହୁ, ମୋଟରାଜ ଡୁଙ୍ଗଡୁଙ୍ଗ, ଅଭିଶେକ ଦଳବେହେରା, ମିହିର ଆଚାର୍ଯ୍ୟ, ଆଲୋକ ମହାନ୍ତି, ଅଜୟ ମହାପାତ୍ର, ଶ୍ରୀୟାସ୍ମିତା ପଣ୍ଡା, ବିଶ୍ୱକଲ୍ୟାଣି କର, କଳ୍ପନା ଆପଟ, ଆରତୀ ନାୟକ, ଉଷାରାଣୀ ବେହେରା, ଉର୍ବଶୀ ମିଶ୍ର, ଗେରୋଟି ସେସ୍, ଜୟସ୍ମିତା ମହାନ୍ତି, ବିଶ୍ୱଜିତ ମହାନ୍ତି, ହିଂମାଶୁ ଲେଙ୍କା, ଅଧିର ଜେନା, ସତ୍ୟବ୍ରତ ନାୟକ, ମୋହନ ହେମ୍ବ୍ରମ, ଖଗେଶ୍ୱର ମଲ୍ଲିକ, ବିଭୁ ପ୍ରସାଦ ମିଶ୍ର, ଦେବାଶିଷ ମିଶ୍ର, ଚାଲୁ ମଙ୍ଗରାଜ, ବିଶ୍ୱରଞ୍ଜନ ଜେଠୀ, ଆତ୍ମାରାମ ପତି, ରଞ୍ଜନ ଭୋଇ, ଶ୍ରୀ ନାୟାର ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ସ୍ତରୀୟ ଗଣିତ ଚକ୍ର ଓ ପ୍ରଦର୍ଶନୀ ସମାରୋହ

ନୂଆପଡ଼ା, ୨୭/୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ପିଏମ୍ ଶ୍ରୀ ରାଜା ଆର୍ତତ୍ରାଣ ଐତିହ୍ୟ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଗଣିତ ଚକ୍ର ଓ ପ୍ରଦର୍ଶନୀ ସମାରୋହ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ବେହେରା, ଗୌରାଙ୍ଗ କୁମାର ସାହୁ ଓ ପ୍ରଭୁଦତ ପୁରୋହିତ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନେ ବୃତର ପରିଧି ନିର୍ଣ୍ଣୟ, ପିଥାଗୋରସ ଉପପାଦ୍ୟ ତଥା ବିଭିନ୍ନ ଗାଣିତିକ, ଜ୍ୟାମିତି ଓ ତ୍ରିକୋଣମିତି କୌଶଳକୁ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଛାତ୍ର ଜାହିଦ ଖାନ, ନାନେଶ ଧୀବର, କାର୍ତ୍ତିକ ତାଣ୍ଡି , ହିତେଶ ସାହୁ, ରାଜବୀର ବହିଦାର, କ୍ରୀଷ୍ଣା ଶବର, ସୁମିତ ରଣା , ମାମାଲି ପଟେଲ ଓ ସୋନମ ପରବିନ୍ ପ୍ରକଳ୍ପ ପ୍ରଦର୍ଶନରେ କୃତିତ୍ୱ ହାସଲ କରିଛନ୍ତି।

# ଫାଶୀ ଲଗାଇ ଶ୍ୱଶୁର ଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା ନା ହତ୍ୟା ?

ବସ୍ତା, ୨୭/୨ (ନି.ପ୍ର): ମହାଦେବସରାଇ ଗାଁର ଜନୈକ ଯୁବକ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଯେ ବସ୍ତା ଥାନା ଅଧୀନ ଏହି ଗାଁରେ ରବୀନ୍ଦ୍ର ନାୟକଙ୍କ ଘରେ ଜ୍ୱାଇଁ ମିଲନ କୁମାର ସାମଲ(୨୨ ବର୍ଷ) ଆଜି ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ଏଥିନେଇ ସାମଲଙ୍କ ନିଜ ଗାଁ ଜୁଣବଳଦା ବାସିନ୍ଦା ଓ ତାଙ୍କ ବାପା ସୁରେନ୍ଦ୍ର ସାମଲ ହତ୍ୟା କରାଯାଇଛି ବୋଲି ସନ୍ଦେହ ପ୍ରକାଶ କରିଛନ୍ତି।ସାମଲଙ୍କ ସ୍ତ୍ରୀ ବାହାରକୁ ପାଣି ଆଣିବାକୁ ଯାଇଥିବା ବେଳେ ଶୋଇବା ଘରେ କବାଟ ଝରକା ବନ୍ଦ କରି ଫାଶୀ



ଘେନି ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ କହୁଥିବା ବେଳେ ମୀଲନଙ୍କୁ କୌଶଳ କ୍ରମେ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାର ଲୋକେ ଆଶଙ୍କା ପ୍ରକଟ କରିଛନ୍ତି ।ପ୍ରକାଶ ଯୋଗ୍ୟଯେ ମୀଲନଙ୍କ ବଡ଼ ଭାଇଙ୍କ ଶାଳିକୁ ଦୁଇ ମାସ ତଳେ ମୀଲନ ବାହା ହୋଇଥିଲେ ବୋଲି କୁହାଯାଉଥିବା ବେଳେ ଦୁଇ ମାସ ହେଲା ନିଜ ଘର ଲୋକଙ୍କ ସହ ମୀଲନଙ୍କର ଆଉ ବିଶେଷ ଯୋଗାଯୋଗ ନ ଥିଲା ।ମାତ୍ର ଆଜି ତାଙ୍କର ମୃତ୍ୟୁ ହେବା ନେଇ ଜୁଣବଳଦା ଗାଁକୁ ରବୀନ୍ଦ୍ର ଘର ତରଫରୁ ଖବର ଯାଇଥିଲା ।ଏହାପରେ ପ୍ରାକ୍ତନ ସମିତି ସଭ୍ୟ ଅତୁଲ କୁମାର ଜେନା ତଥା ଗାଁ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଥିଲେ ଏବଂ ଏହାର ତଦନ୍ତ ଦାବି କରିଥିଲେ ।ଏ ସମ୍ପର୍କରେ ବସ୍ତା ଥାନା ପକ୍ଷରୁ ପ୍ରାଥମିକ ସ୍ତରରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଯାଇଛି ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବାଲିଆପାଳ , ୨୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ସିମୁଳିଆ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୯ ତମ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମାଜସେବୀ ସଞ୍ଜିପ କୁମାର ପାଢ଼ୀ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ମାଆ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆଧାତ୍ମିକ ବାତାବରଣରେ ଶିକ୍ଷା ଦେଇଥାଏ ଆଧୁନିକ ସମାଜରେ ଛାତ୍ର ଛାତ୍ରୀଙ୍କ ପାଇଁ ଏଭଳି ବିଦ୍ୟାଳୟର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଖବରଦାତା ଅଜୟ କୁମାର ସାହୁ ଯୋଗଦେଇ ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଦ୍ୟାଳୟ ମାନଙ୍କ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସିମୁଳିଆ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଯଶୋବନ୍ତ ଜେନା,ମାତୃପ୍ରେମୀ କରୁଣା ବେହେରା, ସତ୍ୟଜିତ ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ଥିଲେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଜେନା ଅତିଥି ପରିଚୟ ଏବଂ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶିକ୍ଷକ ତପନ କୁମାର ସି ଧନ୍ୟବାଦ୍ ଅର୍ପଣ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ।

# ଶୁଶୁଆ ଗ୍ରାମଠାରୁ ରାଜୁଆଲିବିନ୍ଧା ପର୍ଯ୍ୟନ୍ତ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ

ଭଦ୍ରକ, ୨୭/୨ (ନି.ପ୍ର): ଆଜି ନାଳିଆ ନଦୀ ର ଦକ୍ଷିଣ ପାର୍ଶ୍ୱରେ ଶୁଶୁଆ ଗ୍ରାମ ଠାରୁ ରାଜୁଆଲିବିନ୍ଧା ପର୍ଯ୍ୟନ୍ତ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଅର୍ଣ୍ଣପାଳ ପଞ୍ଚାୟତ ଅନ୍ତର୍ଗତ ନାଳିଆ ନଦୀ ରେ ପ୍ରତିବର୍ଷ ବନ୍ୟା ପ୍ରକୋପରେ ଅଞ୍ଚଳ ବାସୀ ଙ୍କୁ ବହୁତ କଷ୍ଟ ସହିବାକୁ ପଡ଼ିଥାଏ, ଏହି ଆଡ଼ିବନ୍ଧ କେବଳ ଏକ ପ୍ରକଳ୍ପ ନୁହେଁ, ଏହା ଅଞ୍ଚଳ ବାସୀ ଙ୍କ ସୁରକ୍ଷା କବଚ,କୃଷକ ମାନଙ୍କ ଜୀବନରେ ସ୍ଥିରତା ଓ ଗ୍ରାମାଞ୍ଚଳର



ସମଗ୍ର ଉନ୍ନତି ପାଇଁ ଏହା ଏକ ଦୃଢ଼ ପଦକ୍ଷେପ ବୋଲି ବିଧାୟକ ସିତାଂସୁ ଶେଖର ମହାପାତ୍ର ମତ ବ୍ୟକ୍ତ କରିଛନ୍ତି।

# ମାର୍ଚ୍ଚ ୨ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୨୭/୨ (ନି.ପ୍ର): ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମାର୍ଚ୍ଚ ୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦ ପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମୁକ୍ତିଲାଭ କଲା ଓଡ଼ିଆ ଚଳଚ୍ଚିତ୍ର 'ଚାରିକାନ୍ଧ': ୩୭ମିନିଟରେ ଭାବବିହ୍ୱଳ ହେଲେ ଦର୍ଶକ

ଭୁବନେଶ୍ୱର, ୨୭/୨ (ନି.ପ୍ର): ରିତୁପ୍ରିୟା ପ୍ରଡ଼କ୍ସନ ବ୍ୟାନରରେ ନିର୍ମିତ ହୋଇଥିବା ଓଡ଼ିଆ ସିନେମା ଚାରିକାନ୍ଧ ବଡ଼ ପରଦାରେ ମୁକ୍ତିଲାଭ କରିଛି । ଯାହାର ପ୍ରିମିୟର ଶୋ ଭୁବନେଶ୍ୱର ସ୍ଥିତ ପିଭିଆର ରେ ହୋଇଥିଲା । ମାତ୍ର ୩୭ ମିନିଟରେ ଚାରିକାନ୍ଧ କାହାଣୀ ବଡ଼ ପରଦାରେ ଦର୍ଶକ ଦେଖି ଭାବବିହ୍ୱଳ ହେଲେ । ପ୍ରକୃତରେ ବର୍ତ୍ତମାନର ସାମାଜିକ ପରିସ୍ଥିତିରେ ମଣିଷର ମୃତ୍ୟୁ ପରେ ମଶାଣିକୁ ନେବା ପାଇଁ ଚାରିକାନ୍ଧର ଅଭାବ ପଡିବ । ସେମିତି ଏକ ଛୋଟ ଗପକୁ ନେଇ ବଡ଼ ପରଦାରେ ଓଡ଼ିଆ ଦର୍ଶକଙ୍କୁ ଦେଖାଇବା ପାଇଁ ପ୍ରଯୋଜକ ଅତୀଶ କୁମାର ରାଉତ ପ୍ରୟାସ କରିଛନ୍ତି । ଅନେକ ଉପସ୍ଥିତ ଦର୍ଶକଙ୍କ ଆଖି ରେ ଲୁହ ଆଉ ଛାତିରେ କୋହ ଦେଖିବାକୁ





ମିଳିଥିଲା । ଚାରିକାନ୍ଧର ପ୍ରଯୋଜକ ଅତିଶ କୁମାର ରାଉତ, ନିର୍ଦ୍ଦେଶକ ବିଶ୍ୱନାଥ ରଥ , କ୍ରିଏଟିଭ ପବ୍ଲିସିଟି ଡିଜାଇନର ଶ୍ୟାମା ପ୍ରସାଦ ମିଶ୍ର, ଅଭିନେତା ଶକ୍ତି ବରାଳ, ଶତାବ୍ଦୀ ସୂର୍ଯ୍ୟସ୍ନାତା ,ସୁଶିଲ ମିଶ୍ର, ଗୌରବ ମହାନ୍ତି, ଶିବାନୀ ଖରା, ପ୍ରଭଞ୍ଜନ ମିଶ୍ର, ଋଦ୍ଧି ପରିଡ଼ା, ସୁରୁଚିକା ମହାପାତ୍ର, ନମିତା ସାହୁ, ନିତ୍ୟାନନ୍ଦ ରାଉତ, ରାଜ ଏସ. ପାଢ଼ି, ସୌମ୍ୟ ରଞ୍ଜନ ନାୟକ, ସଂସ୍କୃତି ସ୍ୱାଇଁ, ଏସ. ରାଜେନ୍ଦ୍ର, ସୌମ୍ୟ ଆର୍.ଷଡଙ୍ଗୀ, ସମ୍ପାଦକ ବୀର କୁମାର ନନ୍ଦ, ସଂଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଅମିତ ଯୁବରାଜ, ସିଙ୍କ ସାଉଣ୍ଡ ଇଞ୍ଜିନିଅର ଦିଲେଶ୍ୱର ପଣ୍ଡା, ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ଙ୍କ ସମେତ ଅନେକ ସିନେପ୍ରେମୀ, ସିନେ ସମୀକ୍ଷକ ପ୍ରିମିୟର ଶୋ ରେ ଯୋଗଦେଇଥିଲେ ସିନେମା ଦେଖିଥିଲେ । ୩୭ ମିନିଟର ଏହି ଫିଲ୍ମଟି ୪୬ ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ଫେଷ୍ଟିଭାଲରେ ଯୋଗଦେଇ ୨୨ ରୁ ଅଧିକ ପୁରସ୍କାର ଲାଭ କରିଛି । ଜାପାନର ହୋକ୍କାଇଡୋ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବର ପ୍ରଦର୍ଶିତ ହୋଇଥିବା ମଧ୍ୟମ ଅବଧି ସିନେମା ବିଭାଗ 'ଚାରିକାନ୍ଧ' ସବୁ ଓଡ଼ିଆଙ୍କ ପାଇଁ ଥିଲା ଗର୍ବର ମୁହୂର୍ତ୍ତ। ଏଥିପାଇଁ ମଧ୍ୟମ ଅବଧିର ମାତ୍ର ଆଠଟି ଚଳଚ୍ଚିତ୍ର ମନୋନୀତ ହୋଇଥିବା ବେଳେ, ଭାରତ ପକ୍ଷରୁ 'ଚାରିକାନ୍ଧ' ଏକମାତ୍ର ସିନେମା ଭାବରେ ପ୍ରତିନିଧିତ୍ୱ କରି ପୁରସ୍କୃତ ହୋଇଛି। ସାମ୍ପ୍ରତିକ ସମାଜର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକୁଟିଆପଣ କୁ ନେଇ କିଛି ଭିନ୍ନ କଥା କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ରିତୁପ୍ରିୟା ପ୍ରଡ଼କ୍ସନ ପକ୍ଷରୁ ଅତିଶ କୁମାର ରାଉତ। ଏହି ସିନେମାର କାହାଣୀ , ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱନାଥ ରଥ, ସହ ପ୍ରଯୋଜକ ହେଲେ ସୁପ୍ରିୟା ରାଉତ ଓ ଅଖିଳ ରାଜୁରକର ।

# ଜଣେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବ କଂଗ୍ରେସ: ଭକ୍ତ ଦାସ

ଭୁବନେଶ୍ୱର, ୨୭/୨ (ନି.ପ୍ର): ରାଜ୍ୟସଭା ନିର୍ବାଚନ ନେଇ ଦିଲ୍ଲୀ ଯାଇଛନ୍ତି ପିସିସି ସଭାପତି ଭକ୍ତ ଦାସ। ଦିଲ୍ଲୀ ଯିବା ପୂର୍ବରୁ ଭକ୍ତ ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ୫ଟି ନାଁକୁ ନେଇ ଆଲୋଚନା ଚାଲିଛି। କଂଗ୍ରେସ ରାଜ୍ୟର ଜଣେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବ । ସ୍ୱାଧୀନ ଭାବେ ବିଜେଡି-କଂଗ୍ରେସ ସମର୍ଥନ କଲେ ଓଡ଼ିଶାର ସ୍ୱାର୍ଥ ରହିବ। ହାଇକମାଣ୍ଡଙ୍କ ସହ କଥା ହେବାକୁ ଦିଲ୍ଲୀ ଯାଉଛି, ପ୍ରାର୍ଥୀ ଫାଇନାଲ୍ ହେବ। ତାଲିକାରେ ପ୍ରଫେସର ପ୍ରଭାସ ପଟ୍ଟନାୟକ, ଆଇନଜୀବୀ ପିକେ ରାଏ , ଲଳିତ ମାନସିଂହ, ଡାକ୍ତର ସୁବ୍ରତ ଆଚାର୍ଯ୍ୟ ଓ ଦଡେଶ୍ୱର ହୋତାଙ୍କ ନାଁ ରହିଛି। ଆମେ ରାଜନୀତିରେ ଘୋଡ଼ା ବେପାର ବନ୍ଦ କରିବାକୁ ଚାହୁଁଛୁ ବୋଲି କହିଛନ୍ତି ଭକ୍ତ ଦାସ ।

# ଅଣକ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟରର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୭/୨ (ନି.ପ୍ର): ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପ୍ରାଥମିକତା ରହିଆସିଛି । ଏହି କ୍ରମରେ ଆମ ଦେଶରେ ଭାରତୀୟ ନ୍ୟାୟ ସଂହିତାଠାରୁ ଆରମ୍ଭ କରି ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦି ପ୍ରଚଳନ ଆରମ୍ଭ ହୋଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସାଧାରଣ ଲୋକଙ୍କୁ ସହଜ ଓ ତ୍ୱରିତ ନ୍ୟାୟ ପ୍ରଦାନ । ଏହି କ୍ରମରେ ବିଭିନ୍ନ ଜିଲ୍ଲାରେ ଅଣକ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟର ନିଯୁକ୍ତ ହୋଇଛନ୍ତି । ନବନିଯୁକ୍ତମାନେ ନ୍ୟାୟ ବ୍ୟବସ୍ଥାକୁ ତ୍ୱରିତ ଗତିରେ ଆଗେଇ ନେବା ଏବଂ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଶୁକ୍ରବାର ଆଇନ ବିଭାଗ ଏବଂ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅଣକ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟରମାନଙ୍କ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଆମ ଦେଶରେ ପ୍ରଚଳିତ ନ୍ୟାୟ ବ୍ୟବସ୍ଥାରେ ପୀଡ଼ିତ ଓ ଅସହାୟମାନଙ୍କୁ ଆଇନ ସହାୟତା ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ ରହିଛି । ଏଣୁ ଦେଶର ଆଇନ ବ୍ୟବସ୍ଥାକୁ ଭଲ ଭାବେ ବୁଝିବା ସହିତ ନ୍ୟାୟ ପ୍ରକ୍ରିୟାକୁ କିଭଳି ସଠିକ୍ ଢଙ୍ଗରେ ଆଗେଇ ନେଇହେବ ସେଥିନେଇ ପବ୍ଲିକ୍ ପ୍ରସିକ୍ୟୁଟରମାନେ ଏହି ତାଲିମ ଶିବିରରୁ ଜ୍ଞାନ ଆହୋରଣ ନେବାକୁ ସେ ପରାମର୍ଶ ଦେଇଥିଲେ । ଏଥି ସହିତ ପରବର୍ତ୍ତୀ ସମୟରେ ପବ୍ଲିକ୍ ପ୍ରସିକ୍ୟୁଟରମାନଙ୍କୁ ନିୟମିତ ଅନ୍ତରାଳରେ ତାଲିମ ଓ ପ୍ରଶିକ୍ଷଣ ସହ ପ୍ରତିମାସରେ ସମସ୍ତଙ୍କ କାର୍ଯ୍ୟର ସମୀକ୍ଷା କରାଯିବା ନେଇ ବ୍ୟବସ୍ଥା କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସୂଚନା ଦେଇଥିଲେ । ପବ୍ଲିକ୍ ପ୍ରସିକ୍ୟୁସନ୍ ର ନିର୍ଦ୍ଦେଶକ ଶ୍ରୀ ଦୀପ୍ତି ରଞ୍ଜନ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିବାବେଳେ ଆଭାସି ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଅଣ-କ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟରମାନେ ଯୋଗଦେଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ କଟକ, ଗଞ୍ଜାମ, ସମ୍ବଲପୁର, ବାଲେଶ୍ୱର, ପୁରୀ, କୋରାପୁଟ ଓ ଅନୁଗୁଳ ଜିଲ୍ଲାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୂର୍ବରୁ କ୍ୟାଡର ପ୍ରସିକ୍ୟୁଟରମାନଙ୍କ ପାଇଁ ପୂର୍ବରୁ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଥିବାବେଳେ ଅଣକ୍ୟାଡର ପ୍ରସିକ୍ୟୁଟରମାନଙ୍କ ପାଇଁ ଏପରି ସଂଗଠିତ ପ୍ରୟାସ ପ୍ରଥମ ଥରପାଇଁ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଛି । ଓଡିଶା ଲ ଅଫିସର୍ସ ରୁଲ୍ସ, ୧୯୭୧ ଅନୁସାରେ ନବନିଯୁକ୍ତ ପ୍ରସିକ୍ୟୁଟରଙ୍କୁ ଧ୍ୟାନରେ ରଖି ଏହି ପ୍ରଶିକ୍ଷଣକୁ ସଂକ୍ଷିପ୍ତ ଓ ପ୍ରୟୋଜନମୂଳକ ଭାବରେ ଗଠନ ହୋଇଛି ।

ଏହି ପ୍ରଶିକ୍ଷଣରେ ଦୈନିକ ଅଦାଲତୀ କାର୍ଯ୍ୟ, ପ୍ରକ୍ରିୟାଗତ ଶୃଙ୍ଖଳା, ପେଶାଗତ ନୀତିମାନଦଣ୍ଡ ଓ ସମଗ୍ର ରାଜ୍ୟରେ ପ୍ରସିକ୍ୟୁସନ୍ ପ୍ରକ୍ରିୟାରେ ଏକରୂପତା ଉପରେ ଗୁରୁତ୍ୱ ଦିଆଯିବା। ବିଶେଷ କରି, ଭାରତୀୟ ନ୍ୟାୟ ସଂହିତା , ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ପରି ନୂତନ ଆପରାଧିକ ଆଇନଗୁଡିକର କାର୍ଯ୍ୟକାରୀ ପ୍ରୟୋଗ ଉପରେ ଖାସ ଗୁରୁତ୍ୱ ଦିଆଯାଉଛି। ମକଦମାର ଶୀଘ୍ର ଓ କାର୍ଯ୍ୟକାରୀ ନିଷ୍ପତି, ପ୍ରାକ୍ରିୟାଗତ ତ୍ରୁଟି କମିବା, ଅଦାଲତରେ ଦୃଢ଼ ଭାବେ ପ୍ରମାଣ ପ୍ରଦର୍ଶନ, ପୀଡ଼ିତଙ୍କୁ ସମୟୋପଯୁକ୍ତ ଓ ନ୍ୟାୟସଙ୍ଗତ ନ୍ୟାୟ ପରି ସୁପ୍ରଶିକ୍ଷିତ ପ୍ରସିକ୍ୟୁସନ୍ ବ୍ୟବସ୍ଥା ଲୋକମାନଙ୍କୁ ସିଧାସଳଖ ଲାଭ ଦେବ ଏବଂ ଏହା ଲୋକମାନଙ୍କ ମଧ୍ୟରେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥାକୁ ଆହୁରି ବଢ଼ାଇବ ଓ ଏହା ଦ୍ୱାରା ମକଦମା ପରିଚାଳନାରେ ତଦନ୍ତ କର୍ତ୍ତୃପକ୍ଷ ଓ ପ୍ରସିକ୍ୟୁଟରମାନଙ୍କ ମଧ୍ୟରେ ଭଲ ସମନ୍ୱୟ, ଚାର୍ଜ ଫ୍ରେମିଂ ଓ ପ୍ରମାଣ ପରିଚାଳନାରେ ସୁଧାର, ଅନାବଶ୍ୟକ ତାରିଖ ପଛକୁ ସରିବାର କମିବା, ମକଦମାର ଗୁଣମାନ ଓ ଫଳାଫଳରେ ସୁଧାର ଭଳି ସକାରାତ୍ମକ ପ୍ରଭାବ ଅନୁଭୂତ ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଲାଞ୍ଚ ନେଉଥିବା ...

ଆରଆଇ ପ୍ରଦ୍ୟୁମ୍ନ କେଶରୀ ବେହେରା ଲାଞ୍ଚ ନେଇ ଧରାପଡ଼ିବା ପରେ ତାଙ୍କର ଦୁଇଟି ଠିକଣାରେ ରେଡ୍ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଚଢ଼ାଉ କରିଛି ଭିଜିଲାନ୍ସ। ଏହି ଘଟଣାକୁ ନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି। ତିନି ଦିନ ତଳେ ଅର୍ଥାତ୍ ଫେବ୍ରୁଆରୀ ୨୪ ତାରିଖ ରାତିରେ ୩୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିଲେ କଟକ ସର୍କଲର ଖଣି ଉପନିର୍ଦ୍ଦେଶ ଦେବବ୍ରତ ମହାନ୍ତି। ତା'ପରେ ତାଙ୍କର ବିଭିନ୍ନ ଠିକଣାରେ ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱରର ପଟିଆର ଶ୍ରୀବିହାର ସ୍ଥିତ ବାସଭବନରୁ ନଗଦ ୪.୨୭ ଲକ୍ଷ କୋଟିରୁ ଅଧିକ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ନଗଦ ଟଙ୍କା ଜବତ କରାଯିବାରେ ଏଯାବତ୍ ଏହା ହେଉଛି ଓଡ଼ିଶା ଭିଜିଲାନ୍ସ ଇତିହାସରେ ସବୁଠୁ ଅଧିକ। ଭିଜିଲାନ୍ସ ତାଙ୍କୁ ଗିରଫ କରିଥିବା ବେଳେ ତାଙ୍କ ସଂପର୍କରେ ତଥ୍ୟ ଦେବାକୁ ଭିଜିଲାନ୍ସକୁ ଚିଠି ଲେଖିଛନ୍ତି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଆୟକର ବିଭାଗ।

### କେଜ୍ରିୱାଲ ଓ...

ଯେ ଏହି ମାମଲାରେ ଏମିତି ଅନେକ କଥା ରହିଥିଲା, ଯେଉଁଗୁଡ଼ିକ ଉପରେ ସନ୍ତୋଷଜନକ ଉତ୍ତର ମିଳି ନଥିଲା। କୋର୍ଟ ଆହୁରି କହିଥିଲେ ଯେ ଯେତେବେଳେ ସାମ୍ବିଧାନିକ ପଦପଦବୀରେ ବସିଥିବା କୌଣସି ବ୍ୟକ୍ତିଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଅଣାଯାଏ, ସେତେବେଳେ ସେଗୁଡ଼ିକୁ ପ୍ରମାଣିତ କରିବାକୁ ପର୍ଯ୍ୟାପ୍ତ ତଥ୍ୟ ରହିବା ବହୁତ ଜରୁରୀ। କେବଳ ଅଭିଯୋଗ ଆଧାରରେ ସେମାନଙ୍କୁ ଅଭିଯୁକ୍ତ କରାଯାଇପାରିବ ନାହିଁ। କୋର୍ଟ ସିବିଆଇର ତଦନ୍ତ ଶୈଳୀ ଉପରେ ପ୍ରଶ୍ନ ଉଠାଇଥିଲେ। କାହିଁକି କିଛି ମନ୍ତବ୍ୟ ଓ ମତାମତକୁ ତଦନ୍ତ ରେକର୍ଡରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା ବୋଲି କୋର୍ଟ ପଚାରିଥିଲେ। ସେହିଭଳି ସିବିଆଇ ବ୍ୟବହାର କରିଥିବା 'ସାଉଥ୍ ଗ୍ରୁପ୍' ବା 'ଦକ୍ଷିଣୀ ଗୋଷ୍ଠୀ' ଶବ୍ଦକୁ ନିନ୍ଦା କରିଥିଲେ। ଏହାକୁ କାହିଁକି ବ୍ୟବହାର କରାଯାଇଥିଲା, ତା' ପଛରେ କିଛି ସ୍ୱଷ୍ଟତା ନଥିଲା। ଏହା ପ୍ରମାଣ ଆଧାରିତ ନଥିଲା ବୋଲି କୋର୍ଟ କହିଛନ୍ତି। ରାଜନୀତିକ ଓ ମଦ ବ୍ୟବସାୟୀଙ୍କ ଏକ କୋଟେରୀକୁ ସିବିଆଇ 'ସାଉଥ୍ ଗ୍ରୁପ୍' ନାଁ ଦେଇଥିଲା। ସିବିଆଇର ଦାବି ଥିଲା ଯେ ଦିଲ୍ଲୀର ନୂଆ ଅବକାରୀ ନୀତି ପ୍ରସ୍ତୁତ ପଛରେ ଏହି ଗ୍ରୁପ୍‌ର ହାତ ଥିଲା। କୋର୍ଟ ସର୍ବପ୍ରଥମେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ଦିଲ୍ଲୀ ଅବକାରୀ ବିଭାଗର କମିଶନର ଥିବା କୁଲଦୀପ ସିଂହଙ୍କୁ ଦୋଷମୁକ୍ତ କରିଥିଲେ। ତା'ପରେ ମନୀଷ ସିସୋଦିଆଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ। ତା'ପରେ ଅରବିନ୍ଦ କେଜ୍ରିୱାଲଙ୍କୁ ଏହି ଅଭିଯୋଗରୁ ମୁକ୍ତ କରିଥିଲେ କୋର୍ଟ। ଅନ୍ୟପକ୍ଷରେ କୋର୍ଟଙ୍କ ଏହି ରାୟରେ ସିବିଆଇ ସନ୍ତୁଷ୍ଟ ହୋଇନାହିଁ। ଏହି ତଦନ୍ତକାରୀ ସଂସ୍ଥା ହାଇକୋର୍ଟ ଯିବାକୁ ମନସ୍ଥ କରିଛି। ସିବିଆଇ ଓକିଲ ଏହି ସଙ୍କେତ ଦେଇଛନ୍ତି। ତଳ କୋର୍ଟଙ୍କ ରାୟକୁ ବିଶ୍ଳେଷଣ କରିବା ପରେ ସିବିଆଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ସେ ସଙ୍କେତ ଦେଇଛନ୍ତି। ଦିଲ୍ଲୀର ବହୁ ଚର୍ଚ୍ଚିତ ଅବକାରୀ ନୀତି ଦୁର୍ନୀତି ମାମଲା ଆମ୍ ଆଦ୍‌ମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଓ ତାଙ୍କର ସହଯୋଗୀମାନଙ୍କୁ ବହୁ ଅସୁବିଧାରେ ପକାଇଥିଲା।

### ମାର୍ଚ୍ଚ ୫ରେ ଓଡ଼ିଶା...

ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରୁ ଜାଣିବାକୁ ମିଳିଛି ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ମାର୍ଚ୍ଚ ୫ ତାରିଖ ସଂଧ୍ୟାରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଓଡ଼ିଶାରେ ପହଞ୍ଚିବେ । ୬ ତାରିଖ ପୂର୍ବାହ୍ନରେ କଟକ ମୁଣ୍ଡୁଳିସ୍ଥିତସିଆଇଏସଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ଣରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଠାରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନଏଫଏସୟୁ) ଏବଂ କେନ୍ଦ୍ରୀୟ ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର ( ସିଏଫଏସଏଲ), ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବା ସହ ଆଭାସୀ ମାଧ୍ୟମରେ ଏନଏଫଏସୟୁ ଟ୍ରାନଜିଟ୍ କ୍ୟାମ୍ପସ , ଭୁବନେଶ୍ୱରର ଶୁଭ ଉଦ୍ଘାଟନ କରିବେ । ସେଦିନ ଅପରାହ୍ଣରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଭୁବନେଶ୍ୱରସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ନବୀନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହ ସମବାୟ ଏବଂ ଅନ୍ୟ ବିଭିନ୍ନ ବିଭାଗ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସମୟର ବିଶଦ୍ କାର୍ଯ୍ୟସୂଚୀ, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ଓ ରୁଟ୍ ପ୍ଲାନ, କାର୍ଯ୍ୟକ୍ରମ ସ୍ଥଳର ଆନୁଷଙ୍ଗିକ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତକୁ ସୁଚାରୁ ଓ ସଫଳ କରିବା ପାଇଁ ସମସ୍ତ ବିଭାଗମାନଙ୍କୁ ପାରସ୍ପରିକ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଓଡିଶା ଗସ୍ତ ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି ନିଶ୍ଚିତ କରିବାକୁ ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ବିଭନ୍ନ ପ୍ରସ୍ତୁତି ନେଇ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ସମବାୟ ବିଭାଗର ସଚିବ ରାଜେଶ ପ୍ରଭାକର ପାଟିଲ, ବିଏମସି କମିସନର ଚଞ୍ଚଳ ରଣା, ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ଓ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । କଟକ ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

### ମହାନଦୀ ଜଳ ବିବାଦରେ...

ରାଜ୍ୟବାସୀଙ୍କ ସ୍ୱାର୍ଥରକ୍ଷା ଓ ମହାନଦୀ ପାଣିର ସଠିକ ବ୍ୟବସ୍ଥାପନ ପାଇଁ ସରକାର ଦୂରଦୃଷ୍ଟି ସହ କାମ କରୁଛନ୍ତି ବୋଲି କୁହାଯାଇଛି। ଟ୍ରିବ୍ୟୁନାଲ ଦଳ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚି ସମ୍ବଲପୁର ହୀରାକୁଦ ଅଞ୍ଚଳରେ ଅବସ୍ଥାନ କରୁଛନ୍ତି। ଏହି ଗସ୍ତ ମହାନଦୀ ଜଳ ବିବାଦର ସୁସ୍ଥାୟୀ ସମାଧାନ ପାଇଁ ଏକ ନୂଆ ଆଶା ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଓଡ଼ିଶା ଗସ୍ତରେ ଆସିଛନ୍ତି ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍। ଟ୍ରିବ୍ୟୁନାଲ୍‌ର ନୂଆ ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ନେତୃତ୍ୱରେ ୩ ଜଣିଆ ଖଣ୍ଡପୀଠ ଓ ସେମାନଙ୍କ ପରିବାର ସଦସ୍ୟ ଗୁରୁବାର ସନ୍ଧ୍ୟାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିଥିଲେ। ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମଧ୍ୟ ସେମାନଙ୍କ ସହ ରହିଥିଲେ। ବିମାନବନ୍ଦରରେ ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିମାନବନ୍ଦରରେ ଔପଚାରିକ ସ୍ୱାଗତ ପରେ ଟିମ୍ ସିଧା ସମ୍ବଲପୁର ଅଭିମୁଖେ ଆସି ହୀରାକୁଦ ବନ୍ଧ ରାଇଟ୍ ଡାଇକ୍‌ରେ ଥିବା ଅତିଥିଶାଳା ଅଶୋକନିବାସରେ ପହଞ୍ଚିଥିଲେ।

### ପାକିସ୍ତାନ ଆକ୍ରମଣରେ...

ରିପୋର୍ଟ ଅନୁଯାୟୀ, ଆକାଶ ମାର୍ଗରୁ ପାକିସ୍ତାନର ଆକ୍ରମଣ ଫଳରେ ତାଲିବାନର ୧୩୩ଜଣ ସୈନ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ଆହତ ହୋଇଛନ୍ତି। ଏହାବ୍ୟତିତ ଦୁଇଟି ଆଫଗାନ କୋର ମୁଖ୍ୟାଳୟ, ତିନୋଟି ବାଟାଲିୟନ ମୁଖ୍ୟାଳୟ, ଦୁଇଟି ଅସ୍ତ୍ରଶସ୍ତ୍ର ଡିପୋ, ଏକ ଲଜିଷ୍ଟିକ୍ ବେସ୍ ଓ ୮୦ରୁ ଅଧିକ ଟ୍ୟାଙ୍କ, ତୋପ ଏବଂ ସଶସ୍ତ୍ର ଯାନ ନଷ୍ଟ ହୋଇଯାଇଛି । ପାକିସ୍ତାନର ଏୟାରଷ୍ଟ୍ରାଇକରେ ତାଲିବାନର ଅନେକ ସେବା ମୃତାହତ ହୋଇଥିବା ବେଳେ ଆଫଗାନିସ୍ତାନ ମଧ୍ୟ ଡ୍ରୋନ୍ ଆକ୍ରମଣ ଜରିଆରେ ପାକିସ୍ତାନର ଅନେକ କ୍ଷୟକ୍ଷତି କରିଛି, ଯାହାକୁ ନେଇ ଚିନ୍ତା ପ୍ରକଟ କରିବା ସହ ପରସ୍ପର ସହ ଆଲୋଚନା କରି ଯୁଦ୍ଧ ବିରତି ପାଇଁ ଇରାନ, ରୁଷ ଓ ଚୀନ୍ ଉଭୟ ଦେଶକୁ ଅନୁରୋଧ କରିଛନ୍ତି ଏବଂ ଏହି ବିବାଦରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛନ୍ତି । ରୁଷିଆ ବୈଦେଶିକ ମନ୍ତ୍ରଣାଳୟ ଶୁକ୍ରବାର ଏକ ବିବୃତ୍ତିରେ ଉଭୟ ଦେଶକୁ ସାମରିକ ଆକ୍ରମଣ ବନ୍ଦ କରି କୂଟନୈତିକ ଆଲୋଚନାକୁ ଫେରିବାକୁ ଅନୁରୋଧ କରିଛି। ଦୁଇ ଦେଶ ମଧ୍ୟରେ ହଠାତ୍ ହିଂସାତ୍ମକ ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ ଏହି ଆବେଦନ ଆସିଛି। ସେହିପରି ଚୀନ୍ ଓ ଇରାନ ମଧ୍ୟ ପାକିସ୍ତାନ-ଆଫଗାନିସ୍ତାନ ସୀମାରେ ଉତ୍ତେଜନା ବୃଦ୍ଧି ନେଇ ଗଭୀର ଚିନ୍ତିତ, ଶୁକ୍ରବାର ଦିନ ଚୀନ୍ ର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଚୀନ୍ ଉଭୟ ଦେଶର ବିବାଦରେ ମଧ୍ୟସ୍ଥତା କରିବାକୁ ଇଚ୍ଛୁକ। ପରିସ୍ଥିତିକୁ ଥଣ୍ଡା କରିବାରେ ଚୀନ୍ ଏକ ଗଠନମୂଳକ ଭୂମିକା ଗ୍ରହଣ କରିପାରିବ। ଆଲୋଚନା ମାଧ୍ୟମରେ ଯଥାଶୀଘ୍ର ଯୁଦ୍ଧବିରତୀ କରାଯାଉ ବୋଲି ଇରାନ ମଧ୍ୟ ଅନୁରୋଧ କରିଛି ।

### ବିଜୟଙ୍କ ପରକୀୟା...

ଫ୍ୟାନ ଦିନେ ବିଜୟଙ୍କ ପାଇଁ ଇଂଲଣ୍ଡରୁ ସବୁ କିଛି ଛାଡି ସେ ଚେନ୍ନାଇ ଆସି ଯାଇଥିଲେ। ଦୁହିଁଙ୍କ ଧର୍ମ ଅଲଗା ଅଲଗା ଥିଲେ ମଧ୍ୟ ଦୁହେଁ ରାଜି ହୋଇଥିଲେ ବାହା ହେବା ପାଇଁ। ବିଜୟ ଖ୍ରୀଷ୍ଟିୟାନ ଥିବା ବେଳେ ସଙ୍ଗୀତା ହିନ୍ଦୁ। ପ୍ରଥମେ ପ୍ରଥମେ ସେ ବିଜୟଙ୍କ ସହ ଅନେକ ଚଳଚ୍ଚିତ୍ର ଉତ୍ସବକୁ ସାଥୀ ହୋଇ ଯାଉଥିଲେ ଆଉ ପରେ ଗଲେ ନାହିଁ। ଖାଲି ଏତିକି ନୁହେଁ ବିଜୟ ଗଢିଥିବା ନୂଆ ଦଳ ଟି.ଭି.କେରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳୁନଥିଲା। ଏହାରି ମଧ୍ୟରେ କରରୁ ଦଳା ଚକଟା ଘଟଣାରେ ପ୍ରାଣ ହରାଇଥିବା ୪୧ ଜଣ ଲୋକଙ୍କ ମାମଲାରେ ବିଜୟଙ୍କୁ ସିବିଆଇ ଦୁଇ ଦୁଇଥର ଦିଲ୍ଲୀ ଡାକି ଜେରା କରିଛି । ବିଜୟଙ୍କ ନୂଆ ଚଳଚ୍ଚିତ୍ର ଜନ ନୟାଗାନ ବର୍ତ୍ତମାନ ମୁକ୍ତିଲଭା କରିବା ଅପେକ୍ଷାରେ ରହିଛି। ଏହି ଭିତରେ ଆସିଛି ତାଙ୍କ ପାଇଁ ଏତ ଦୁଃଖଦ ଖବର। ତାଙ୍କ ସ୍ତ୍ରୀ ତାଙ୍କଠାରୁ ଅଲଗା ହେବାକୁ ଚାହୁଁଛନ୍ତି।

### ଡିଏମ୍‌କେରେ ଯୋଗଦେଲେ...

ବିଶେଷ କରି ଥେଭର ବେଲ୍ଟରେ ପନ୍ନିରସେଲଭରଙ୍କର ପ୍ରଭାବ ରହିଥିବାରୁ ଡିଏମ୍‌କେକୁ ଏଥିରେ ଲାଭ ମିଳିବ। ଡିଏମ୍‌କେରେ ପନ୍ନିରସେଲଭମ୍‌ଙ୍କ ଯୋଗଦାନ ଦକ୍ଷିଣ ତାମିଲନାଡୁରେ ଏଆଇଏଡିଏମ୍‌କେ ସ୍ଥିତିକୁ ଅଧିକ ଦୁର୍ବଳ କରିବ। ଡିଏମ୍‌କେରେ ଯୋଗଦେବା ପରେ ଓପିଏସ୍‌ଏଆଇଏଡିଏମ୍‌କେ ମୁଖ୍ୟ ଇଡପ୍ପାଦି କେ ପଲାନିସ୍ୱାମ (ଇପିଏସ୍)ଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଓପିଏସ୍ ପଲାନିସ୍ୱାମୀଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଇପିଏସ୍‌ଙ୍କ ଅହଙ୍କାର ଓ କ୍ଷମତାର ଅପବ୍ୟବହାର ଯୋଗୁ ଦଳ ଏପରି ସ୍ଥିତିରେ ପହଞ୍ଚି ଯାଇଛି ଯେ, ଏହା ଆଉ କେବେ ନିର୍ବାଚନ ଜିତି ପାରିବ ନାହିଁ। ପଲାନିସ୍ୱାମୀ ସ୍ୱେଚ୍ଛାଚାରୀ ଭାବେ ଦଳକୁ ପରିଚାଳନା କରୁଛନ୍ତି ବୋଲି ଓପିଏସ୍ କହିଛନ୍ତି।

# ଶିଶୁ ସୁରକ୍ଷା ଓ ଅଧିକାର ଉପରେ 'ମିଶନ ବାତ୍ସଲ୍ୟ' ବ୍ଲକସ୍ତରୀୟ କର୍ମଶାଳା

ଜଳେଶ୍ୱର, ୨୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ 'ମିଶନ ବାତ୍ସଲ୍ୟ' ଯୋଜନା ଉପରେ ଏକ ଦିନିଆ ବ୍ଲକସ୍ତରୀୟ ମଲ୍ଟି-ଷ୍ଟେକହୋଲ୍ଡର ସେନସିଟାଇଜେସନ ବା (ସଚେତନତା) କର୍ମଶାଳା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ହେଉଛି 'ମିଶନ ବାତ୍ସଲ୍ୟ' ଯୋଜନା ସମ୍ପର୍କରେ ସମସ୍ତ ଅଂଶୀଦାରମାନଙ୍କୁ ଅବଗତ କରାଇବା ଏବଂ ଶିଶୁ ଅଧିକାର ତଥା ସେମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା । ଶିଶୁ ଅଧିକାର ଗୁଡିକ ବୈଧାନିକ, ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ ଅଧିକାର ଅନ୍ତର୍ଭୁକ୍ତ ।ସେ ଗୁଡ଼ିକ ହେଲା - ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଓ ସହଭାଗିତାର ଅଧିକାର । ଶିଶୁମାନଙ୍କ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉପାଧକ୍ଷା ସଞ୍ଚିତା ସେନାପତି, ସିଡ଼ିପିଓ ମିନତି ସିଂ,ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଫେସର୍ ଶତ୍ରୁଘ୍ନ ମଲ୍ଲିକ ଟ୍ରେନିଂ କୋଡ଼ିନେଟର ସଂଯୋକ୍ତା ରାଉତ,ଶିଶୁ ସୁରକ୍ଷା ୟୁନିଟର କାଉନସିଲର ପୁଷ୍ପଲତା ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ସମସ୍ତ ସରପଞ୍ଚ,ସଦସ୍ୟ ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର କର୍ମକର୍ତ୍ତା ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । ଏହି ସମ୍ବେଦନଶୀଳ କାର୍ଯ୍ୟକ୍ରମ ମାଧମରେ ତୃଣମୂଳ ସ୍ତରରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇପାରିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆଶା ପ୍ରକାଶ କରାଯାଇଛି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାରସ୍ୱତ ସାଧକ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ



ବାଲେଶ୍ୱର , ୨୭/୨ (ନି.ପ୍ର): ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର ସ୍ଥିତ 'ମନୋଜାୟନ' ପରିଷଦର ଅନେକ ସଦସ୍ୟ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ । ସ୍ୱାଗତ ଭାଷଣରେ କୁଳସଚିବ ଶ୍ରୀମତୀ କୁକୁମୀନା ଦାସ, ମନୋଜ ଦାସଙ୍କ ଲେଖନୀରେ ହାସ୍ୟରସ, ଗଭୀର ଅନ୍ତର୍ଦୃଷ୍ଟି ଓ ରହସ୍ୟର ସୁନ୍ଦର ସମନ୍ୱୟ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ପ୍ରଫେସର ଅଭିରାମ ବିଶ୍ୱାଳ ଯୋଗଦେଇ ନିଜ ମୂଲ୍ୟବାନ ଅଭିଭାଷଣରେ ବାଲେଶ୍ୱର ଜିଲ୍ଲାର ଶଂଖାରୀ ଗ୍ରାମରେ ଜନ୍ମିତ ବାଗ୍ମୀ ଓ ବିଶିଷ୍ଟ କଥାକାର ମନୋଜ ଦାସଙ୍କ ସାହିତ୍ୟିକ ଜୀବନ ତଥା ପରିଚୟ ଉପସ୍ଥାପନ କରିଥିଲେ । ସେ ମନୋଜ ଦାସଙ୍କ ଓଡ଼ିଆ ଓ ଇଂରାଜୀ ଭାଷାର ବିଭିନ୍ନ ରଚନାର ବୈଶିଷ୍ଟ୍ୟ ଉଲ୍ଲେଖ କରି, ପ୍ରତିଷ୍ଠିତ ଲେଖକମାନଙ୍କ ଦ୍ୱାରା ତାଙ୍କ ବିଷୟରେ କୁହାଯାଇଥିବା ମତାମତର ଚର୍ଚ୍ଚା କରିଥିଲେ । ତାଙ୍କ ସୃଷ୍ଟିର ପ୍ରେରଣାସ୍ରୋତ ଭାବେ ବାଲ୍ମୀକି ଓ ଫକୀରମୋହନ ସେନାପତିଙ୍କ ପ୍ରଭାବକୁ ସେ ବିଶେଷ ଭାବେ ଉଦ୍ଧୃତ କରିଥିଲେ । ଏଥିସହ କାର୍ଯ୍ୟକ୍ରମରେ ଆମନ୍ତ୍ରିତ ସମ୍ମାନୀତ ଅତିଥି ପ୍ରଫେସର ନିରଞ୍ଜନ ପାଢ଼ୀ ନିଜର ବକ୍ତବ୍ୟରେ କହିଥିଲେ ଯେ ମନୋଜ ଦାସଙ୍କ ଲେଖନରେ ଗଭୀର ଚିନ୍ତନ ଓ ଦାର୍ଶନିକ ଅନୁଭୂତିର ସ୍ପଷ୍ଟ ପ୍ରତିଫଳନ ଦେଖିବାକୁ ମିଳେ । ତାଙ୍କ ରଚନା ପାଠକଙ୍କୁ ଭୌତିକତାର ସୀମା ଉଲ୍ଲଙ୍ଘନ କରି ଆଦିଭୌତିକ ଚେତନାର ଦିଗକୁ ନେଇଯାଏ । ମନୋଜ ଦାସଙ୍କ ଲେଖନୀରେ ସଂସ୍କାର ଓ ସଂସ୍କୃତିର ଜୟଗାନ ରହିଥାଏ ଏବଂ ତାଙ୍କ ସାହିତ୍ୟ ମଣିଷର ସାହିତ୍ୟଚେତନାକୁ ସମ୍ମୋହିତ କରେ ବୋଲି ସେ ମତ ପ୍ରକାଶ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ତାଙ୍କ ଅଭିଭାଷଣରେ ମନୋଜ ଦାସଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରି, ତାଙ୍କ ରଚନାର ଚିରସ୍ଥାୟୀ ପ୍ରଭାବ ବିଷୟରେ ମତାମତ ରଖିଥିଲେ । ଏହି ଅବସରରେ ୨୦୨୩, ୨୦୨୪ ଓ ୨୦୨୫ ବର୍ଷରେ ଓଡ଼ିଆ ଭାଷା ସମ୍ମାନରେ ସ୍ନାତକ ସ୍ତରରେ ସର୍ବୋତ୍କୃଷ୍ଟ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ 'ମନୋଜ ଦାସ ସ୍ମାରକୀ ସ୍ୱର୍ଣ୍ଣପଦକ' ପ୍ରଦାନ କରାଯାଇଥିଲା । ୨୦୨୩ ପାଇଁ ସିଦ୍ଧେଶ୍ୱର ମହାବିଦ୍ୟାଳୟ, ଅମର୍ଦାରୋଡର ତସଲିମା ଖାତୁନ; ୨୦୨୪ ପାଇଁ ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟ, ତିହିଡ଼ିର ଲକ୍ଷ୍ମୀପ୍ରିୟା ଭୋଇ; ଏବଂ ୨୦୨୫ ପାଇଁ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇର ମୌସୁମୀ ଦାସ ସ୍ୱର୍ଣ୍ଣପଦକରେ ସମ୍ମାନିତ ହୋଇଥିଲେ । ସୂଚନାଯୋଗ୍ୟ, ବାଲେଶ୍ୱର ସ୍ଥିତ 'ମନୋଜାୟନ' ପରିଷଦର ପ୍ରଦତ୍ତ ଅର୍ଥରେ ଛାତ୍ରଛାତ୍ରୀଙ୍କୁ ଏହି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ଓ ସୁଚାରୁ ପରିଚାଳନା ଦାୟିତ୍ୱ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ଼କ୍ଟର ଦେବାଶିଷ ପାତ୍ର ନିର୍ବାହ କରିଥିଲେ । ଭାଷା ଓ ସାହିତ୍ୟ ବିଭାଗର ଗବେଷଣାରତ ଛାତ୍ର ବାବୁଲ ପ୍ରଧାନ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ସମାପନ ଘୋଷଣା କରିଥିଲେ । ଏହି ସାହିତ୍ୟିକ ବୈଠକ ମନୋଜ ଦାସଙ୍କ ଅମର ସୃଷ୍ଟି ଓ ସାହିତ୍ୟିକ ଦୃଷ୍ଟିକୋଣକୁ ପୁନର୍ମୂଲ୍ୟାୟନ କରି ଛାତ୍ରଛାତ୍ରୀମାନଙ୍କ ପାଖରେ ପହଞ୍ଚାଇବାରେ ସଫଳ ହୋଇପାରିଛି ।

# ଆକର୍ଷଣ ଡିଜାଇନର ସହ ଖୋଲିଲା ନୂତନ ଗହଣା ଶୋରୁମ

ବାଲିଆପାଳ, ୨୭/୨ (ନି.ପ୍ର): ବାଲିଆପାଳ ସିମୁଳିଆ ବଜାର ଜଗନ୍ନାଥ ମନ୍ଦିର ରାସ୍ତାରେ ଖୋଲିଲା ନ୍ୟୁ କମଳା ସୁନା ଦୋକାନ ସମସ୍ତ,ସୁନା,ରୂପା,ଓ ହୀରା ଅଳଙ୍କାର ଉପରେ ୩ହଜାର ଟଙ୍କା ରିହାତି ସହିତ ଲୋକିଡ୍ର । ପ୍ରଥମ ବିଜେତା ବାଜାଜ ଚେତକ ସ୍କୁଟି ।ବାଲିଆପାଳ ବ୍ଲକ ସିମୁଳିଆ ବାଜାର ଜଗନ୍ନାଥ ମନ୍ଦିର ରାସ୍ତା ପାଖରେ ଆଜି ଖୋଲିଲା ନୂତନ ଗହଣା ସୋରୁମ ।ଦୋଳପୂର୍ଣ୍ଣିମା ଅବସରରେ ଆପଣ ମାନଙ୍କ ପାଇଁ ନିୟ କମଳା ଜୁୟେଲାରୀ ନେଇ ଆସିଛି ଆକର୍ଷଣ ଧମାକା ଅଫର୍ । ବିଭିନ୍ନ ପ୍ରକାରର ସୁନା ଗହଣା ,ସହିତ ରୂପା ଅଳଙ୍କାର ଏବଂ ହୀରା ଅଳଙ୍କାର ସମେତ ମନପସନ୍ଦର ସହିତ ସୁଲଭ ମୂଲ୍ୟରେ ଏଠାରେ ମିଳେ ।

# ଭଦ୍ରକରେ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




ଭଦ୍ରକ, ୨୭/୨ (ନି.ପ୍ର): ଓଡ଼ିଶା ରାଜ୍ୟ ମହିଳା କମିଶନ ଓ ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ସହିଦ୍ ସ୍ମୃତି ଭବନ, ଭଦ୍ରକ ଠାରେ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହିଳାଙ୍କ ଅଧିକାର, ସୁରକ୍ଷା ଓ ଆଇନ ଜ୍ଞାନର ପ୍ରସାର ଉପରେ ଜୋର ଦେଇଥିଲେ । ଉଦଘାଟନୀ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ, ବାର୍ ଆଶୋସିଏସନ୍‌ର ଅଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟମାନେ, ସରପଞ୍ଚମାନେ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ରୂପାଲୀ ମିତ୍ର, କନ୍ସଲ୍ଟାଣ୍ଟ ଡା. ଏମ. ଟୁନା ସାହୁ, ବରିଷ୍ଠ ଅଧିବକ୍ତା ଶ୍ରୀ ଶିବ ପ୍ରସାଦ ମହାନ୍ତି ଓ ସମାଜସେବୀ ଶ୍ରୀ ଲଲାଟେନ୍ଦୁ ମହାନ୍ତି ରେସୋର୍ସପର୍ସନ୍ ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଲିଙ୍ଗଗତ ବିଷମତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ । ବାଲ୍ୟବିବାହ ନିଷେଧ, ଯୌତୁକ ନିବାରଣ, ଘରୋଇ ହିଂସା ପ୍ରତିରୋଧ, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ପ୍ରତିଷେଧ, ଡାହାଣୀ ପ୍ରଥା ନିବାରଣ, ପୋକସୋ ଆଇନ ଓ ମାନବ ଚାଲାଣ ନିବାରଣ ଆଇନ ବିଷୟରେ ବିସ୍ତୃତ ଆଇନଗତ ସଚେତନତା କରାଯାଇଥିଲା । ଏହି ଅବସରରେ ବାଲ୍ୟବିବାହ ଓ ଶିଶୁ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଦଳ ସଦସ୍ୟା, ପଞ୍ଚାୟତିରାଜ ପ୍ରତିନିଧି, ସଖୀ ୱାନ୍ ଷ୍ଟପ୍ ସେଣ୍ଟର କର୍ମଚାରୀ, ଶକ୍ତି ସଦନ ସଭ୍ୟା, ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି, ଯୁବ ପ୍ରତିନିଧି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସୁପରଭାଇଜର ମାନଙ୍କ ସହ ୩୦୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ ।

# ଖଇରା କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

ଖଇରା, ୨୭/୨ (ନି.ପ୍ର): ଓଡିଶା ସରକାରଙ୍କ ପ୍ରାୟୋଜିତ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଆରମ୍ଭ ହୋଇ ସାରିଥିବା ବେଳେ ମୁଖ୍ୟ ପ୍ରଶିକ୍ଷିକା ସୁନିତା ଗୁଣ୍ଡୁହାଳଙ୍କ ଦ୍ୱାରା ପିଲା ମାନଙ୍କୁ ସଙ୍କଟ ସମୟରେ କିଭଳି ନିଜକୁ ସୁରକ୍ଷା କରିପାରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି । ଶିବିର ସଂଯୋଜିକା ଏଲିସା ସେଠୀ ଓ ସହ ସଂଯୋଜିକା ଉଷାକିନୀ ନାୟକଙ୍କ ତତ୍ତ୍ୱାବଧାନରେ +୩ ପ୍ରଥମ ବର୍ଷ କଳା,ବାଣିଜ୍ୟ ଓ ବିଜ୍ଞାନର୨୮୧ଜଣ ଛାତ୍ରୀଙ୍କୁ ୬ଟି ଗ୍ରୁପରେ ବିଭକ୍ତ କରାଯାଇ ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି । ଅଧ୍ୟକ୍ଷ ଡ ଲକ୍ଷ୍ମିକାନ୍ତ ନାୟକ ଶିବିରର ଉଦ୍ଘାଟନ କରିଥିବା ବେଳେ ମୁଖ୍ୟକିରାଣି ଅକ୍ଷାଂଶୁ ଶେଖର ଦଳାଇ ଓ ସହାୟକ ତାପସ କୁମାର ଦାସଙ୍କ ସହଯୋଗରେ ଏହି ଶିବିର ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବାର କାର୍ଯ୍ୟକ୍ରମ ଅଛି ।

# ବାଲି ଖାଦାନ ପାଇଁ ଜନଶୁଣାଣି ସମୟରେ ଗୋଷ୍ଠୀ ସଂଘର୍ଷ: ଫେରିଗଲେ ପ୍ରଶାସନ

ଜଳେଶ୍ୱର , ୨୭/୨ (ନି.ପ୍ର): ବାଲି ଖାଦାନ ନିଲାମ ପାଂଇ ଜିଲ୍ଲା ପ୍ରଶାସନ ତରଫରୁ ସର୍ବସାଧାରଣ ଜନଶୁଣାଣୀ ଅନୁଷ୍ଠିତ ହେଉଥିବା ବେଳେ ଉଭୟ ସପକ୍ଷ ଏବଂ ବିପକ୍ଷବାଦୀ ଙ୍କ ମଧ୍ୟ ରେ ଗୋଷ୍ଠୀ ସଙ୍ଘର୍ଷ, ଅଧାରୁ ବନ୍ଦ ରହିଲା ଜନଶୁଣାଣୀ, ଉଭୟ ପକ୍ଷରୁ ଦୁଇ ଆହତ, ଆଇନ ଶୃଙ୍ଖଳା ପରିସ୍ଥିତି କୁ ଦୃଷ୍ଟି ରେ ରଖି ଘଟଣା ସ୍ଥଳରେ ପୋଲିସ ମୁତୟନ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ମହମ୍ମଦନଗର ପାଟଣା ପଞ୍ଚାୟତ ସେଖସରାଇ (କ) ବାଲି ଖାଦାନ ନିଲାମ ପାଂଇ ଚାଲିଥିଲା ସର୍ବସାଧାରଣ ଜନଶୁଣାଣୀ କାର୍ଯ୍ୟକ୍ରମ , ସୂଚନା ଅନୁଯାୟୀ ସୁବର୍ଣ୍ଣରେଖା ନଦୀର ଶେଖସରାଇ (କ) ବାଲିଘାଟରୁ ବାଲି ଖନନ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତରେ ସର୍ବସାଧାରଣ ଜନ ଶୁଣାଣୀ ଅନୁଷ୍ଠିତ ହୋଇଥିଲା , ବାଲି ଘାଟ ମଞ୍ଜୁରକୁ କିଛି ଜନ ସାଧାରଣଙ୍କ ବିରୋଧ କରୁଥିବା ବେଳେ କିଛି ଲୋକ ବାଲି ଖାଦାନ ଚାଲୁ କରିବା ପାଂଇ ମତ ରଖିଥିଲେ, ଆଜି ମହମ୍ମଦ ନଗର ପାଟଣା ପଂଚାୟତ ପରିସରରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ,ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଏସଡିପିଓ ମାନସ ଦେଓଙ୍କ ଉପସ୍ଥିତରେ ବାଲି ଖାଦାନ ନିଲାମ ପାଂଇ ସର୍ବସାଧାରଣ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା ବେଳେ କିଛି ଲୋକ ଉକ୍ତ ବାଲି ଘାଟ ନିଲାମକୁ ବିରୋଧ କରିଥିବା ବେଳେ କିଛି ବାଲି ଖାଦାନ ଚାଲିବା ପାଂଇ ମତ ରଖିଥିଲେ, ଜନଶୁଣାଣୀ ଚାଲିଥିବା ବେଳେ ଉଭୟ ସପକ୍ଷ ଏବଂ ବିପକ୍ଷ ଙ୍କ ମଧ୍ୟ ରେ ଗଣ୍ଡଗୋଳ ହୋଇ ଜନଶୁଣାଣୀ ବନ୍ଦ ରହିଥିଲା ।

# ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ଆଦିବାସୀ ଦମ୍ପତିଙ୍କ ଗୁହାରି



ଉଦଳା, ୨୭/୨ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ଠାକୁରା ସାହିର ଦୃଶ୍ୟ । ଏହି ସାହିର ବାସିନ୍ଦା ବରୁଜୁ ମୁନ୍ଦୁଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ଗୁହାରି ଜଣାଇଛନ୍ତି । ବରଜୁଙ୍କ କହିବା ଅନୁସାରେ ତାଙ୍କର ସହଧର୍ମିଣୀ ଜାନ ମୁନ୍ଦୁଇ ଓ ତାଙ୍କର ନିଜର ଭୋଟ ପରିଚୟପତ୍ର ମଧ୍ୟ ନାହିଁ । ଏଥିପାଇଁ ସେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏ ବାବଦରେ ବିଭାଗୀୟ ଅଧିକାରୀ ମାନଙ୍କୁ ସେ ବାରମ୍ବାର ଗୁହାରି ଜଣାଇଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି ଶୁଣିନଥିବାର ଅଭିଯୋଗ କରିଛନ୍ତି । ଉକ୍ତ ଆଦିବାସୀ ପରିବାରକୁ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ବହୁ ସ୍ୱେଚ୍ଛାସେବୀ ଦାବି ଜଣାଇଛନ୍ତି ।

# ବାଲିଆପାଳ ଖଗଡାପାଳରେ ଉଦ୍‌ଘାଟିତ ହେଲା ସୁମିତ୍ରା ବିୟୁଟି ପାର୍ଲର




ବାଲିଆପାଳ , ୨୭/୨ (ନି.ପ୍ର): ବାଲିଆପାଳ ବ୍ଲକ ଖଗଡାପାଳ ନିକଟରେ ଏକ ଅତ୍ୟାଧୁନିକ ପ୍ରସାଧନ କେନ୍ଦ୍ର ସୁମିତ୍ରା ବିୟୁଟି ପାର୍ଲର ଉଦଘାଟିତ ହୋଇଯାଇଛି । ଝିଅ ଶୁଭଲକ୍ଷ୍ମୀ ସାହୁ ଓ ପୁତ୍ର ଶୁଭମ୍ କୁମାର ସାହୁ ଫିତା କାଟି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲା ବେଳେ ଅନ୍ୟ ଅତିଥିମାନେ ଉପସ୍ଥିତ ରହିଥିଲେ । 'ସୁମିତ୍ରା ବିୟୁଟି ପାର୍ଲର'ର ଉଦ୍ୟୋକ୍ତା ସୁମିତ୍ରା ସାହୁ ଓ ସ୍ୱାମୀ ଶୁଶାନ୍ତ ସାହୁ ଙ୍କୁ ପ୍ରତ୍ୟେକ ମହଲରୁ ଉତ୍ସାହିତ କରିବାକୁ ଅତିଥିମାନେ ଆହ୍ୱାନ କରିଥିବା ବେଳେଙ୍ଗସୁମିତ୍ରା ବିୟୁଟି ପାର୍ଲର'ର ବ୍ୟବସାୟିକ ସଫଳତା କାମନା କରିଥିଲେ ସୁମିତ୍ରା ବିୟୁଟି ପାର୍ଲର' ର ମୁଖ୍ୟ ସୁମିତ୍ରା ସାହୁ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହି ନୂତନ ବିୟୁଟି ସେଂଟରର ସ୍ଥାପନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଏହି ସେଂଟରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଯୁକ୍ତ ମେସିନ ସାହାଯ୍ୟରେ ହେୟାର ଷ୍ଟାଇଲ୍ ଓ ଥେରାପି, ହେୟାର ଏକ୍ସଟେନସନ, ହେୟାର ଟ୍ରାନ୍ସପ୍ଲାଂଟ, ସ୍କିନ ଟ୍ରିଟମେଂଟ, ମେକ୍-ଅପ୍ ପ୍ରଭୃତି ସହିତ କୁଶଳୀ ଆର୍ଟିଷ୍ଟଙ୍କ ଦ୍ୱାରା ବ୍ରାଇଡଲ ମେକଅପ ସେବା ପ୍ରଦାନ ହେବ ବୋଲି ସୁମିତ୍ରା କହିଥିଲେ ।

**AFFIDAVIT**

An affidavit before the executive Magistrate Balasore, I, Sumati Manna, Wife of Madan Mohan Manna, Permanent resident of At./po. Chhanua, P.s. Basta, Dist- Balasore-756027 declare that I am the mother of the minor son Lipu Manna(Old Name), S/o- Madan Mohan Manna. On behalf of my minor son I wholly renounce, relinquish and abandon the use of his former name Lipu Manna and inplace there of assume the name of Omm Kar Manna. Henceforth he will be known as Omm Kar Manna for all purposes.

**Sumati Manna**

# ବିଜେପି ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଜିଲ୍ଲା ଯୋଜନା ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୨୭/୨ (ନି.ପ୍ର): ଆଜି ସ୍ଥାନୀୟ ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟର ବୈଠକ ଗୃହରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଜିଲ୍ଲା ଯୋଜନା ବୈଠକ ଅନୁଷ୍ଠିତ ହୋଇ ଯାଇଛି, ପୂର୍ବାହ୍ନ ୧୧ ଘଟିକାରେ ଏହି ବୈଠକର ପ୍ରଥମ ସତ୍ର ଆରମ୍ଭ ହୋଇ ଥିଲା ,ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ତଥା କର୍ମଶାଳା ପର୍ଯ୍ୟବେକ୍ଷକ ବିରଞ୍ଚି ନାରାୟଣ ତ୍ରିପାଠୀ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦାନ କରିଥଲେ ମୋଟ ୪ଗୋଟି ସତ୍ରରେ କାର୍ଯ୍ୟକ୍ରମ ହୋଇଥିଲା, କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ଆହ୍ୱାନ କରିଥିଲେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ, ରାଷ୍ଟ୍ରୀୟ ବନ୍ଦନା ବନ୍ଦେ ମାତରଂ ସାମୂହିକ ଗାନ କରାଯାଇ ଥିଲା, ଆଗାମୀ ଦିନରେ ହେବାକୁ ଥିବା ବୁଥ୍ ସ୍ତରୀୟ ଉତ୍ତରଦାୟୀ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରଶିକ୍ଷଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା, ଦଳୀୟ ବିକାଶ , ସାମାଜିକ ଗଣମାଧ୍ୟମରେ ସଦୁପଯୋଗ, ସରକାରୀ ଯୋଜନା କ୍ରିୟାନ୍ୱୟନ, ରୂପାୟନ, ସମାଜର ଶେଷ ଧାଡ଼ିରେ ଠିଆ ହୋଇଥିବା ଜନତାଙ୍କ ପାଖରେ ବିକାଶକୁ ପହଞ୍ଚାଇବା ଇତ୍ୟାଦି ବିଷୟବସ୍ତୁ ଉପରେ ନେତୃବୃନ୍ଦ ଆଲୋଚନା କରିଥଲେ, କାର୍ଯ୍ୟକ୍ରମ ପରିଶେଷରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇ ଥିଲା , ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସଦର ବିଧାୟକ ମାନସ କୁମାର ଦତ୍ତ, ବଡ଼ସାହି ବିଧାୟକ ସନାତନ ବିଜୁଳି ,ରଜ୍ୟ ଉପସଭାପତି ସିପ୍ରା ବାଜପେୟୀ, କାର୍ଯ୍ୟ କାରିଣୀ ସଦସ୍ୟ ପର୍ଶୁରାମ ବେହେରା , ଶୁଭଂକର ମହାପାତ୍ର, ବରିଷ୍ଠ ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପ ସଭାପତି ସୁକୁମାର ଦାସ, ସିପ୍ରାରେଖା ମହାପାତ୍ର, ବିଜୟ ସାହୁ, ଅଜୟ ପଣ୍ଡା , କରୁଣାକର ପଣ୍ଡା, ଭାରତୀ ମଲ୍ଲିକ, ସୁସ୍ମିତା ଚାନ୍ଦ, ରାଜ୍ୟ ପେନାଲିଷ୍ଟ ବିଭୁ ପଦ ଦାସ, ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହ ସଂଯୋଜକ ରଣଜିତ୍ କୁମାର ପୃଷ୍ଟି, ଲୋକନାଥ ପରିଡ଼ା, ସଂପାଦକ ଚିତ୍ତ ରଞ୍ଜନ ପଣ୍ଡା, ନିରାକାର ପଣ୍ଡା, ରାଜେଶ ମୋହାପାତ୍ର, ରବୀତା ଦାସ, ରୋଜାଲିନ ପାଣି, ବଳରାମ ବିଶ୍ୱାଳ, ସୁଭଦ୍ରା ପାଢ଼ୀ , ଉଷାରାଣୀ ରାଉଳ, କୋଷାଧ୍ୟକ୍ଷ ମୋହିତ ପୋଦାର ,ଇଂ ରାଜେଶ୍ ମହାକୁଡ଼, ନାରାୟଣ ମହନ୍ତ, ତାପସ ମୋହାନ୍ତି,ସୁସ୍ମିତା ପଣ୍ଡା, ଶେଖ୍ ଅଭିଉଲ୍ଲା , ସାକମ୍ବରୀ ସିଂ ଙ୍କ ସମେତ ସାଂଗଠନିକ ବାଲେଶ୍ୱର ଜିଲ୍ଲାର ୩୩ଟି ମଣ୍ଡଳ ର ସଭାପତି, ଓ ପ୍ରମୁଖ ନେତୃବୃନ୍ଦ ଯୋଗଦାନ କରିଥିଲେ ଶେଷ ରେ ସାଧାରଣ ସମ୍ପାଦକ ଡଃ ଅଣୁ ମାଧବ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଖଇରା, ୨୭/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟକେନ୍ଦ୍ରର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ସ୍ଥାପିତ ହୋଇ ଯାଇଛି । ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସମ୍ପର୍କୀତ ବିଭିନ୍ନ ତଥ୍ୟ ମଧ୍ୟ ପ୍ରକାଶ କରିଛନ୍ତି । ୨୦୨୬-୨୭ ଆର୍ଥିକ ବର୍ଷରେ ଓଡିଶାରେ ୧ହଜାର୮ଶହ ଗ୍ରାମ ପଞ୍ଚାୟତରେ ନୂତନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲାଯିବାକୁ ବଜେଟରେ ବ୍ୟବସ୍ଥା କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଜରାୟୁ କର୍କଟ ରୋକିବାକୁ ୧୪ରୁ୧୫ବର୍ଷରେ କିଶୋରୀ ମାନଙ୍କ ପାଇଁ ମାଗଣା ଏକକ ଟିକାକରଣର ବ୍ୟବସ୍ଥା କରାଯାଇଛି ଯାହା ଫେବୃଆରୀ ୨୮ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏପ୍ରିଲ ୧ରୁ ୬୦ବର୍ଷ ଅତିକ୍ରମ କରିଥିବା ସମସ୍ତ ବୟସ୍କ ଙ୍କୁ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯାଇଥିବା ନେଇ ମନ୍ତ୍ରୀ ଉଲ୍ଲେଖ କରିଥିଲେ । । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ବିଡିଓ ନାରାୟଣ ସାହୁ,ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ଜିଲା ମୁଖ୍ୟଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରା,ଗୋପିନାଥ ଘୋଷ ଓ ମଦନ ମୋହନ ଜେନା ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କୈଳାସ ମାଝୀ ଓ ଅନନ୍ତ କିଶୋର ଉପାଧ୍ୟାୟ ମଞ୍ଚ ପରିଚାଳନା କରିଥିଲେ । ସୁଶାନ୍ତ ଉପାଧ୍ୟାୟ,ନରେନ୍ଦ୍ର ମହାନ୍ତି,ମନୋରଞ୍ଜନ ଘୋଷ,ଜୟନ୍ତ ଦାସ,ଗଣେଷ ପ୍ରସାଦ ସେଠୀ,ବନମାଳି ମହୁରୀ,ରମେଶ ଜେନା ଓ ସୁରଥ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida